# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୧୮/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Sambalpur, Sunday, October 18/2020 | ★★

୧୬ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଡି'ଭିଲର୍ସଙ୍କ ପ୍ରଭାବୀ ବ୍ୟାଟିଂ

ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରଭାବୀ ବ୍ୟାଟିଂ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଏବି ଡି'ଭିଲର୍ସ।

୧୦

୦୨

## ବିବାହ କରିବେ ତାରା

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ବିବାହ କରିବାକୁ ଯାଉଛନ୍ତି। କରିନା କପୁରଙ୍କ ସମ୍ପର୍କୀୟ ଭାଇ ଆଦର ଜୈନଙ୍କୁ ସେ ବାହାହେବେ।








# ପଲିଥିନ ବ୍ୟବହାର ବଢୁଛି

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

- ଲକ୍‌ଡାଉନ୍ ପରେ ଢିଲା
- ନିର୍ଦ୍ଦେଶନାମାରେ ସୀମିତ କଟକଣା
- ଉତ୍ପାଦନ ବନ୍ଦ ନ ହେଲେ ବ୍ୟବହାର କମିବନି: ଗ୍ରାହକ

ପଲିଥିନ ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଗମ୍ଭୀର ସ୍ଥିତି ସୃଷ୍ଟି କରି ଚାଲିଛି। ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପଲିଥିନର ବହୁଳ ବ୍ୟବହାର ଚିନ୍ତା ବଢ଼ାଇ ଦେଇଛି। ପଲିଥିନର ପ୍ରତିକୂଳ ପ୍ରଭାବକୁ ଦେଖି ରାଜ୍ୟ ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବା ନେଇ ପଦକ୍ଷେପ ନେଇଛନ୍ତି। ଦୁଇଟି ପର୍ଯ୍ୟାୟରେ ରାଜ୍ୟର ୧୧୪ଟି ସହରାଞ୍ଚଳକୁ ପଲିଥିନ ମୁକ୍ତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପଲିଥିନ ବ୍ୟବହାର ଓ ଉତ୍ପାଦନକାରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ସହରାଞ୍ଚଳରେ ଏହାର ବ୍ୟବହାର କିଛି ମାତ୍ରାରେ କମି ଆସିଥିଲା। ତେବେ କରୋନା ମହାମାରୀ ଦେଖାଦେବା ପରଠୁ ଅର୍ଥାତ୍ ମାର୍ଚ୍ଚରୁ ସହରାଞ୍ଚଳରେ ପଲିଥିନ ଏବଂ ନିଷେଧ ହୋଇଥିବା ସାମଗ୍ରୀଗୁଡିକର ବ୍ୟବହାର ବହୁ ମାତ୍ରାରେ ବଢ଼ିଯାଇଛି । କଟକଣା ସତେ ଯେମିତି ମୂଲ୍ୟହୀନ ହୋଇପଡିଛି। ଏହି ସାମଗ୍ରୀ ପରିବେଶକୁ ଭୟଙ୍କର କ୍ଷତି ପହଞ୍ଚାଉଥିବା ବେଳେ ଏଥିପ୍ରତି ରାଜ୍ୟ ପରିବେଶ ବିଭାଗ, ନଗର ଉନ୍ନୟନ ବିଭାଗ କିମ୍ବା ରାଜ୍ୟ ପ୍ରଦୂଷଣ ବୋର୍ଡ ସେତେଟା ଗୁରୁତ୍ୱ ନ ଦେବା ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରେ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ ଘୋଷଣା କରିଥିଲେ । ଏହାର ଠିକ୍ ବର୍ଷେ ପରେ ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକଲ, ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ତାଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍।

# ୩ ମାସରେ ସରିବ ଜମି ଅଧିଗ୍ରହଣ

ପୁରୀ ଅଫିସ,୧୭।୧୦

**ଐତିହ୍ୟ କରିଡର ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ**
- ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଚାଲି ଚାଲି ବୁଲିଲେ
- ଅବଢ଼ା ଯୋଜନାର ବିସ୍ତୃତ ସମୀକ୍ଷା
- ଭକ୍ତଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ

ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ପାଇବ ଶ୍ରୀକ୍ଷେତ୍ର। ଏଠାରେ ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ଓ ସୁବିଧା। ରାଜ୍ୟ ସରକାରଙ୍କ ସ୍ୱପ୍ନର ପୁରୀକୁ ବାସ୍ତବ ରୂପ ଦେବା ଲାଗି ପ୍ରସ୍ତୁତ କରାଯାଇଛି ଦୀର୍ଘମିଆଦୀ ରୋଡ୍ ମ୍ୟାପ। ଏତଦ୍‌ବ୍ୟତୀତ ଶ୍ରୀସେତୁ ଓ ଶ୍ରୀମନ୍ଦିର ଐତିହ୍ୟ କରିଡର ଭଳି ମେଗା ପ୍ରକଳ୍ପ ବି ଏଥିରେ ସାମିଲ ଅଛି। ପୁରୀର ଏହିସବୁ ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଐତିହ୍ୟ କରିଡରର ଅନୁଧ୍ୟାନ କରିବା ସହ ଚତୁଃପାର୍ଶ୍ୱରେ ହୋଇଥିବା ଉଚ୍ଛେଦକୁ ବୁଲି ଦେଖିଛନ୍ତି। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ଦୂରରୁ ପତିତପାବନଙ୍କୁ ଦର୍ଶନ କରିବାପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାମ ଚାଲି ଚାଲି ବୁଲି ଦେଖିଥିଲେ। ☞ପୃଷ୍ଠା-୪


ଟୁଇଟ୍‌କୁ ନେଇ ଫସିଲେ କଙ୍ଗନା ... ୨ ...

ସେନା ଉଦ୍ୟମରେ ଅସ୍ତ୍ର ଛାଡ଼ିଲେ ଆତଙ୍କବାଦୀ ... ୭ ...


**ଆଜିର ସମ୍ପାଦକୀୟ**

**ସମସ୍ୟା ସୁଧୁରିବନି**

# 'ସ୍ପୁଟନିକ୍ ଭି'ର କ୍ଲିନିକାଲ ପରୀକ୍ଷା ହେବ

ନୂଆଦିଲ୍ଲୀ,୧୭।୧୦(ଆଇଏଏନ୍‌ଏସ୍)

**ଡିସିଜିଆଇ ଅନୁମତି ଦେଲା**

ରୁଷିଆ ଦ୍ୱାରା ବିକଶିତ କୋଭିଡ୍-୧୯ ଟିକା 'ସ୍ପୁଟନିକ୍ ଭି'ର ସୁରକ୍ଷାକୁ ନେଇ ସନ୍ଦେହ ଥିବାବେଳେ ଭାରତରେ ଏହାର କ୍ଲିନିକାଲ ମାନବ ପରୀକ୍ଷା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। 'ସ୍ପୁଟନିକ୍ ଭି'ର ୨ୟ ଓ ୩ୟ ପର୍ଯ୍ୟାୟ ପରୀକ୍ଷା ନିମନ୍ତେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଭାରତରେ ଅବସ୍ଥିତ ବିଶ୍ୱସ୍ତରୀୟ ଫାର୍ମାସ୍ୟୁଟିକାଲ କମ୍ପାନୀ 'ଡ. ରେଡ୍ଡୀ'କୁ ଅନୁମତି ପ୍ରଦାନ କରିଛି।

ଲୋକଙ୍କ ଜୀବନ ନେଇ ଚାଲିଥିବା କୋଭିଡ୍-୧୯କୁ ପ୍ରତିହତ କରିବା ପାଇଁ ସାରା ବିଶ୍ୱରେ ବୈଜ୍ଞାନିକମାନଙ୍କ ଅନେକ ଟିମ୍ ଟିକା ପ୍ରସ୍ତୁତି ଚଳାଇଛନ୍ତି। ଏଭଳି ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତ ଅଗଷ୍ଟ ୧୧ରେ କୋଭିଡ୍ ଟିକା (ସ୍ପୁଟନିକ୍ ଭି) ଉଦ୍ଭାବନ କରିଥିବା ରୁଷିଆ ଦାବି କରିଥିଲା। ଏହି ଟିକାକୁ ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ବିକଶିତ କରାଯାଇଥିଲା। ଏହା ସ୍ଥିର କୋଷିକା ଓ ଆଣ୍ଟିବଡି ପ୍ରତିଷେଧକ ପ୍ରସ୍ତୁତ କରିବାରେ ସକ୍ଷମ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ଭାରତରେ 'ସ୍ପୁଟନିକ୍ ଭି'ର କ୍ଲିନିକାଲ ପରୀକ୍ଷା ଏବଂ ବିତରଣ ପାଇଁ ଗତ ସେପ୍ଟେମ୍ବର ୧୬ରେ ☞ପୃଷ୍ଠା-୪

# ଅନିଶ୍ଚିତତାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ

ପୁରୀ ଅଫିସ,୧୭।୧୦



**ଶିଳାନ୍ୟାସକୁ ୨ବର୍ଷ ବିତିଲା, ଇଟା ଖଣ୍ଡିଏ ପଡ଼ିଲାନି**

ସତ୍ୟବାଦୀର ବକୁଳବନରେ ପ୍ରସ୍ତାବିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାଗ୍ୟ ଫିଟୁ ନାହିଁ। ପଞ୍ଚସଖା ଓଡ଼ିଆ ନବଜାଗରଣର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ ହୋଇପାରୁ ନାହିଁ। ଫଳରେ ସ୍ୱାଭିମାନୀ ଓଡ଼ିଆଙ୍କ ମନ ଆଶା ଆଶଙ୍କାରେ ଛନ୍ଦି ହୋଇଯାଇଛି। କାରଣ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ଶିଳାନ୍ୟାସ ହୋଇଥିଲା ତାହାକୁ ଇତିମଧ୍ୟରେ ୨ ବର୍ଷ ବିତିଗଲାଣି। ହେଲେ ଏଯାଏ ଇଟାଖଣ୍ଡିଏ ପଡ଼ିପାରିଲା ନାହିଁ। କେବେ ପଞ୍ଚସଖାଙ୍କ କର୍ମପୀଠରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଗଢି ଉଠିବ ତାହାକୁ ସତ୍ୟବାଦୀ ଚାହିଁରହିଛି।

ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ଲକ୍ଷ୍ୟରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ୨୦୧୮ ଗୋପବନ୍ଧୁଙ୍କ ଜୟନ୍ତୀ ଅର୍ଥାତ ଅକ୍ଟୋବର ୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ବକୁଳବନରେ ବିଶ୍ୱବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଞ୍ଚସଖା ଓଡ଼ିଆ ନବଜାଗରଣର ଯେଉଁ ସ୍ୱପ୍ନ ଦେଖିଥିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ ତାହାକୁ ଆହୁରି ଆଗକୁ ନେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେତେବେଳେ କୁହାଯାଇଥିଲା। ତେବେ ଦୁଇ ବର୍ଷ ପରେ ବି କାମ ହୋଇନାହିଁ।

ବିଶ୍ୱବିଦ୍ୟାଳୟ ନିର୍ମାଣ ଲାଗି ସତ୍ୟବାଦୀ ତହସିଲ ଅନ୍ତର୍ଗତ ଫୁଲଅଲସା ମୌଜାର ୨୮ ଏକର ୭୪ ଡେସିମିଲ ଜମି ଚିହ୍ନଟ ହୋଇଥିଲା। ଜମିର ମାଲିକ ସତ୍ୟବାଦୀ ଗୋପୀନାଥ ଦେବ ହୋଇଥିବାରୁ ରାଜ୍ୟ ସରକାର ଏହି ଜମି କିଣିବାକୁ ଦେବୋତ୍ତର କମିଶନରଙ୍କୁ ଆବେଦନ କରିଥିଲେ। ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ଧାରା-୧୯ ମୁତାବକ ଜମି କିଣିବା ଲାଗି ☞ପୃଷ୍ଠା-୪






ମନି ଲଣ୍ଡରିଂ ମାମଲାରେ ଏଏପିର ପୂର୍ବତନ କାଉନସିଲର ତାହିର ହୁସେନ୍‌ଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶନିବାର ଚାର୍ଜଶିଟ୍ ଦାଖଲ କରାଯାଇଛି। ହୁସେନ୍‌ଙ୍କୁ ଅକ୍ଟୋବର ୧୯ରେ କୋର୍ଟରେ ହାଜର କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନକଲି କମ୍ପାନୀ କରି ସେ ୧.୧୦ କୋଟି ଟଙ୍କା ହଡ଼ପ କରିଥିଲେ। ଫେବୃୟାରୀ ୨୪ରେ ଉତ୍ତର ଦିଲ୍ଲୀରେ ନାଗରିକତ୍ୱ ଆଇନକୁ ନେଇ ଦଙ୍ଗା ହେବା ସହ ୫୩ ଜଣଙ୍କ ଜୀବନ ଯାଇଥିଲା।



ପିଲିଭିଟ୍‌ର ପୂରନ୍‌ପୁରଠାରେ ଏକ ବସ୍ ଓ ବୋଲେରୋ ମଧ୍ୟରେ ଧକ୍କା ହେବା ଫଳରେ ୭ ଜଣଙ୍କ ପ୍ରାଣହାନି ଘଟିବା ସହ ୩୦ ଜଣ ଲୋକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ‘ଟିକା ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କର’

**ନୂଆଦିଲ୍ଲୀ, ୧୭।୧୦**

ନିର୍ବାଚନ ଓ ପ୍ରକୃତିକ ଦୁର୍ବିପାକ ସମୟରେ ଯେଉଁଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଏ, କରୋନା ଟିକା ଯୋଗାଣ କ୍ଷେତ୍ରରେ ସେହିଭଳି ପ୍ରକ୍ରିୟା ଜାରି ରହିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି। ଶନିବାର କରୋନା ଟିକା ପ୍ରସ୍ତୁତି ଓ ଯୋଗାଣ ସମ୍ପର୍କରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମୋଦି ଅଧ୍ୟକ୍ଷତା କରି ଟିକା ଆସିବା ମାତ୍ରେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ସାମାଜିକ ସଙ୍ଗଠନକୁ ଏଥିରେ ସାମିଲ କରାଯିବ ବୋଲି ସେ କହିଥିଲେ। ଦେଶର ସମସ୍ତ ବ୍ୟକ୍ତିଙ୍କୁ ଠିକ୍ ଭାବେ ଏହା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଟିକାର ଯୋଗାଣ ସହ କୋଲ୍ଡ ଷ୍ଟୋରେଜ୍ ବ୍ୟବସ୍ଥା କରିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ଏନେଇ ଯୋଜନାବଦ୍ଧ ଭାବେ ସବୁ କାର୍ଯ୍ୟ ସଠିକ୍ ଢଙ୍ଗରେ କରାଯିବା ଗୁରୁତ୍ୱପୂର୍ଣ୍ଣ। କରୋନା ଟିକା ପରିଚାଳନା ଲାଗି ଜାତୀୟ ବିଶେଷଜ୍ଞ ଦଳ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ଷ୍ଟକ୍‌ହୋଲ୍ଡରଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଟିକାର ସୁପରିଚାଳନା ଓ ଷ୍ଟୋରେଜ୍ ବ୍ୟବସ୍ଥା ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଇଛି। ତେଣୁ ପୂର୍ବ ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଲାଗି ମୋଦି କହିଛନ୍ତି।

ଗତମାସରେ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ୨୫ କୋଟି ସ୍ୱାସ୍ଥ୍ୟକର୍ମୀ ଓ



ନରେନ୍ଦ୍ର ମୋଦି

ବିଭିନ୍ନ ଲୋକଙ୍କୁ ପ୍ରାଥମିକ ଭାବେ ଟିକା ପ୍ରଦାନ କରାଯିବ ବୋଲି କହିଥିଲେ। ପରେ ଦ୍ୱିତୀୟ ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ବସି ଏନେଇ ପୁନଃ ସମୀକ୍ଷା କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ବର୍ତ୍ତମାନ ସୁଦ୍ଧା କରୋନା ରୋଗୀସଂଖ୍ୟା ୭୪ ଲକ୍ଷ ପାର୍ କରିଛି। ସମସ୍ତେ କରୋନା ଟିକାକୁ ଅପେକ୍ଷା କରି ରହିଛନ୍ତି। ୩ ଟିକା ଏବେ ଭାରତରେ ଆଡ୍‌ଭାନ୍ସ ଷ୍ଟେଜ୍‌ରେ ରହିଛି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଅଧିକାରୀମାନେ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଭାରତରେ କରୋନା ଟିକା ଉପଲବ୍ଧ ହେବ ବୋଲି କହିଛନ୍ତି। ଏହା ବ୍ୟତୀତ ରୁଷିଆର କରୋନା ଟିକା ‘ସ୍ପୁଟନିକ୍-ଭି’ର ତୃତୀୟ ମାନବ ପରୀକ୍ଷା କରାଯିବା ଲାଗି ଅନୁମତି ମିଳିଛି। ବିଭିନ୍ନ ଦୃଷ୍ଟିକୋଣରୁ ଖୁବ୍ ଶୀଘ୍ର ଭାରତରେ କରୋନା ଟିକା ଉପଲବ୍ଧ ହେବ ବୋଲି କୁହାଯାଉଛି। ହେଲେ ଟିକା ନ ଆସିବା ପୂର୍ବରୁ ଲୋକମାନେ ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବା ଲାଗି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

## ନ୍ୟୁଜିଲାଣ୍ଡରେ ପୁଣି ଆର୍ଡେର୍ନ ସରକାର

**ଅକ୍‌ଲ୍ୟାଣ୍ଡ, ୧୭।୧୦**

ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ତଥା ଲିବରାଲ ଲେବର ପାର୍ଟି ନେତା ଜାସିଣ୍ଡା ଆର୍ଡେର୍ନ (୪୦) ନିର୍ବାଚନରେ ପୁଣି ଥରେ ବିଜୟୀ ହୋଇଛନ୍ତି। ତାଙ୍କ ଦଳକୁ ୪୯% ଭୋଟ ମିଳିଥିବାବେଳେ ବିରୋଧୀ କଞ୍ଜରଭେଟିଭ୍ ନ୍ୟାଶନାଲ ପାର୍ଟିକୁ ମାତ୍ର ୨୭% ଭୋଟ ମିଳିଛି। ଶନିବାର ଫଳାଫଳ ସାମ୍ନାକୁ ଆସିଥିବାବେଳେ ଗତ ୫୦ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡରେ ଏଭଳି ସମର୍ଥନ କାହାକୁ ମିଳି ନ ଥିଲା। ଆର୍ଡେର୍ନ ବିଜୟୀ ଭାଷଣରେ ଏଭଳି ବିପୁଳ ସମର୍ଥନକୁ ପ୍ରଶଂସାକରିବା ସହ ଦେଶବାସୀଙ୍କ ଲାଗି କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମହାମାରୀ କରୋନା ସମୟରେ ଆର୍ଡେର୍ନଙ୍କ ପ୍ରୟାସ ବେଶ୍ ସଫଳ ଥିଲା। ଏବେ କୌଣସି ସାମ୍ପ୍ରଦାୟିକ ସଂକ୍ରମଣ ସେଠାରେ ନାହିଁ। ସାମାଜିକ ଦୂରତ୍ୱ ରକ୍ଷା କିମ୍ବା ମାସ୍କ ପିନ୍ଧିବା ଆଉ ପ୍ରାୟ ନାହିଁ। ଗତ ମାର୍ଚ୍ଚରେ ମାତ୍ର ୧୦୦ ଲୋକ ଦେଶରେ କରୋନା ସଂକ୍ରମଣ ହେବା ପରେ ସୀମା ସିଲ୍ କରାଯାଇ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଫଳରେ କରୋନାକୁ



ଜାସିଣ୍ଡା ଆର୍ଡେର୍ନ

ରୋକିବାରେ ଏହା ସଫଳ ହୋଇଥିଲା। ଗତବର୍ଷ ଖ୍ରୀଷ୍ଟଚର୍ଚ୍ଚ ମସ୍‌ଜିଦରେ ଆକ୍ରମଣ କରାଯାଇ ୫୧ ମୁସଲମାନ ଭକ୍ତଙ୍କୁ ହତ୍ୟା କରାଯିବା ପରେ ପ୍ରଧାନମନ୍ତ୍ରୀ ଆର୍ଡେର୍ନ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ଘାତକ ସେମି ଅଟୋମେଟିକ୍ ଅସ୍ତ୍ର ବ୍ୟବହାର ଉପରେ କଟକଣା ଲଗାଇବା ଲାଗି ନୂଆ ଆଇନ ଆଣିଥିଲେ। ଶାନ୍ତି ଓ ବିକାଶ ମାର୍ଗକୁ ସେ ସବୁବେଳେ ଗୁରୁତ୍ୱ ଦେଇଆସୁଥିବାରୁ ଦେଶବାସୀ ତାଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରିଛନ୍ତି।

## ଚାଇନା ସର୍ତ୍ତକୁ ଭାରତର ବିରୋଧ

**ନୂଆଦିଲ୍ଲୀ, ୧୭।୧୦**

ପୂର୍ବ ଲଦାଖର ଏଲ୍‌ଏସିରେ ଭାରତ ଚାଇନା ମଧ୍ୟରେ ସୀମା ବିବାଦ ଥମିବାର ନା ଧରୁନି। ଏପରିସ୍ଥଳେ ଚାଇନା ଭାରତ ସମ୍ମୁଖରେ ନୂଆ ସର୍ତ୍ତ ରଖିଛି। ଚାଇନା କହିଛି ଯେ, ପୋଙ୍ଗାଙ୍ଗ ହ୍ରଦର ଦକ୍ଷିଣ ଅଞ୍ଚଳର ଆଡଭାନ୍ସଡ୍ ପୋଜିଶନ୍‌ରୁ

**ସୀମା ବିବାଦ**

ଭାରତୀୟ ସେନା ହଟୁ। ତେବେ ଭାରତ ପକ୍ଷରୁ ଏହାର କଡ଼ା ବିରୋଧ କରାଯାଇଛି। ଭାରତ ରୋକ୍‌ଠୋକ୍ କହିଛି ଯେ, ଏକସାଙ୍ଗରେ ଦୁଇପକ୍ଷ ପଛକୁ ହଟିବେ। ଏହା ସହିତ ଭାରତ କହିଛି, ପୋଙ୍ଗାଙ୍ଗର ଉତ୍ତର ଅଞ୍ଚଳରୁ ଚାଇନା ସୈନ୍ୟ ବାହିନୀ ନ ହଟିଲେ ଭାରତ ପାଦେ ବି ପଛକୁ ହଟିବ ନାହିଁ। ସୀମାରେ କୌଣସି ପ୍ରକାର ଏକ ତରଫା ହଟିବା କାର୍ଯ୍ୟ ସମ୍ଭବ ନୁହେଁ।



ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଦୁଇପକ୍ଷ ସମାନ ଭାବେ ପଛକୁ ହଟିବା ଆବଶ୍ୟକ ବୋଲି ଭାରତ କହିଛି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଯେ, ଚାଇନା ଏଲ୍‌ଏସିରେ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଛି। ଏହାଦ୍ୱାରା ସୀମାରେ ଶାନ୍ତି ଫେରୁନି କି ସ୍ୱାଭାବିକ ସ୍ଥିତି ଜାରି ରହିପାରୁ ନାହିଁ। ସୀମାରେ ଘଟିଥିବା ସଂଘର୍ଷ ଯୋଗୁ ୩୦ ବର୍ଷର ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଚାଇନାର ସାମ୍ରାଜ୍ୟବାଦୀ ଚିନ୍ତାଧାରା ଓ ପାକ୍ ସହ ମିଶି ଭାରତ ବିରୋଧରେ ଷଡ଼ଯନ୍ତ୍ର ପରିସ୍ଥିତିକୁ ବିଗାଡ଼ି ଦେଇଛି। ଏଥିସହ ଯୁଦ୍ଧ ଲାଗି ପ୍ରସ୍ତୁତ ରହିବାକୁ ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗ କହିବା ବିପଦକୁ ବଢ଼ାଇଦେଇଛି। ଯେକୌଣସି ପରିସ୍ଥିତିରେ କିଛି ବି ହୋଇପାରେ। ପ୍ରତି ଥର କୂଟନୈତିକ ଆଲୋଚନାରେ ଶାନ୍ତିରକ୍ଷା ଓ ପୁନଃ ଆଲୋଚନାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ସୀମାରେ ଦୁଇଦେଶର ସୈନ୍ୟ ଠୁଳ ଓ ଅସ୍ତ୍ରଶସ୍ତ୍ର ମହଜୁଦ ଯୁଦ୍ଧସମ ପରିସ୍ଥିତି ସୃଷ୍ଟିକରିଛି।

## ଟୁଇଟ୍‌କୁ ନେଇ ଫସିଲେ କଙ୍ଗନା

**ମୁମ୍ବାଇ, ୧୭।୧୦**

ସୋସିଆଲ ମିଡିଆରେ ଏକ ଟୁଇଟ୍‌କୁ ନେଇ ଅଭିନେତ୍ରୀ କଙ୍ଗନା ରାଣାୱତ୍ ଓ ତାଙ୍କ ଭଉଣୀ ରଙ୍ଗୋଲି ଚାଣ୍ଡେଲ ଫସିଯାଇଛନ୍ତି। ସେମାନଙ୍କ ଟୁଇଟ୍ ମାରାତ୍ମକ ଓ ଏହା ସମ୍ପ୍ରଦାୟିକ ଭେଦଭାବ ସୃଷ୍ଟିକରିବ ବୋଲି ଅଭିଯୋଗ ହୋଇଥିଲା। ଏନେଇ କାଷ୍ଟିଂ ନିର୍ଦ୍ଦେଶକ ତଥା ଫିଟ୍‌ନେସ୍ ଟ୍ରେନର ମୁନ୍ନାୱାରିଲି ସୟେଦ ଅଭିଯୋଗ ଆଣି ଏହାର ତଦନ୍ତ ଲାଗି ଦାବିକରିବା ପରେ ବାନ୍ଦ୍ରା କୋର୍ଟର ବିଚାରପତି ଜୟଦେଓ ଖୁଲେ ତୁରନ୍ତ କଙ୍ଗନା ଓ ରଙ୍ଗୋଲିଙ୍କ ବିରୋଧରେ ମାମଲା ରୁଜୁକରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ କ୍ରମେ ମୁମ୍ବାଇ ପୋଲିସ ଦୁଇ ଭଉଣୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ପ୍ରକାଶଥାଉ କି, ଟୁଇଟ୍‌ରେ କଙ୍ଗନା ମୁମ୍ବାଇକୁ ପିଓକେ ସହ ତୁଳନା କରିଥିଲେ। କଙ୍ଗନାଙ୍କ ମୁମ୍ବାଇସ୍ଥିତ ଘର ଭଙ୍ଗାଯିବା ବେଳେ ବିଏମ୍‌ସି ସହ ତାଙ୍କ ସମ୍ପର୍କ ତିକ୍ତ ହୋଇପଡ଼ିଥିଲା। ସୁଶାନ୍ତ ସିଂ ରାଜପୁତଙ୍କ



**କୋର୍ଟ ନିର୍ଦ୍ଦେଶ ପରେ ମାମଲା ରୁଜୁ କଲା ମୁମ୍ବାଇ ପୋଲିସ**

ମୃତ୍ୟୁ ମାମଲାରେ କଙ୍ଗନା ଶିବସେନା ନେତୃତ୍ୱାଧୀନ ସରକାର ବିରୋଧରେ ମଧ୍ୟ ଟୁଇଟ୍ କରିଥିଲେ। ଏମିତିକି କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ବି ସେ ସୋସିଆଲ ମିଡିଆରେ ଏନେଇ କିଛି ନା କିଛି ଲେଖୁଥିଲେ। କୃଷି ଆଇନ ସମ୍ପର୍କରେ ମଧ୍ୟ ସେ ଟୁଇଟ୍ କରି ସିଏଏ ବିରୋଧରେ ମିଥ୍ୟା ପ୍ରଚାର କରୁଥିବା ଲୋକ କୃଷି ଆଇନକୁ ବିରୋଧ କରି ମିଥ୍ୟା ପ୍ରଚାର ଚଳାଇଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ।

## ଫୁର୍‌ସତ୍



ତାରା ସୁତାରିଆ

### ବିବାହ କରିବେ ତାରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ତାରା ସୁତାରିଆ ବିବାହ କରିବାକୁ ଯାଉଛନ୍ତି। ‘ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨’ ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିବା ତାରା ଏବେ ହାତକୁ ଦି ହାତ ହେବେ ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ଫ୍ୟାନ୍‌ମାନଙ୍କ ଖୁସି କହିଲେ ନ ସରେ। କରିନା କପୁରଙ୍କ ସମ୍ପର୍କୀୟ ଭାଇ ଆଦର ଜୈନଙ୍କୁ ସେ ବିବାହ କରିବାକୁ ଯାଉଛନ୍ତି। କପୁର ପରିବାରରେ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବିବାହ ବିଷୟରେ ଆଲୋଚନା ଚାଲିଥିବାବେଳେ ବର୍ତ୍ତମାନ ଆଦରଙ୍କର ମଧ୍ୟ ବିବାହ ହେବ ବୋଲି ଜଣାପଡିଛି। ନିକଟରେ ଆଦରଙ୍କ ଜନ୍ମଦିନ ଦିନ ତାରା ଆଦରଙ୍କ ସହ ତାଙ୍କ ସମ୍ପର୍କକୁ ସର୍ବସମ୍ମୁଖକୁ ଆଣିଥିଲେ। ଇନ୍‌ଷ୍ଟାଗ୍ରାମରେ ତାରା ତାଙ୍କର ସବୁଠୁ ପ୍ରିୟ ମଣିଷ ଆଦର ବୋଲି ଲେଖିଥିଲେ। ସେ ତାଙ୍କୁ ବହୁତ ଭଲ ପାଆନ୍ତି ବୋଲି ମଧ୍ୟ ଏହି ପୋଷ୍ଟରେ ଲେଖିଛନ୍ତି। ସୂଚନାଯୋଗ୍ୟ, ‘ଷ୍ଟୁଡେଣ୍ଟ ଅଫ ଦ ଇଅର-୨’ ଏବଂ ‘ମରଜାୱା’ ଫିଲ୍ମରେ ବେଶ୍ ଭଲ ଅଭିନୟ କରି ସେ ଦର୍ଶକଙ୍କ ହୃଦୟ କିଣିପାରିଛନ୍ତି। ଏକ ପାର୍ଶି ଫ୍ୟାମିଲିରେ ଜନ୍ମଗ୍ରହଣ କରିଥିବା ତାରା ଛୋଟବେଳୁ ଅଭିନୟ ପ୍ରତି ଆଗ୍ରହୀ ଥିଲେ। ସେ ମଡେଲିଂ ଏବଂ ଡ୍ୟାନ୍ସିଂରେ ମାହିର୍। ଏହାସହିତ ସିଙ୍ଗିଙ୍ଗ୍‌ରେ ମଧ୍ୟ ସେ ବେଶ୍ ନାଁ କମେଇଛନ୍ତି।

### କୋଭିଡ୍ ଗର୍‌ବା ଡ୍ରେସ୍

**ଅହମ୍ମଦାବାଦ:** ଗର୍‌ବା ଡିଜାଇନରେ ପିପିଇ କିଟ୍। ଏଭଳି ଏକ ଭିନ୍ନ ଧରଣର ପିପିଇ କିଟ୍ ଡିଜାଇନ୍ କରିଛନ୍ତି ଗୁଜରାଟର ସୁରଟରେ ଥିବା କେତେକ ଫ୍ୟାଶନ୍ ଡିଜାଇନର ଛାତ୍ର। ଏହି ସ୍ୱତନ୍ତ୍ର ଧରଣର ପିପିଇ କିଟ୍‌ର ନାମ ରହିଛି ‘କୋଭିଡ୍ ଗର୍‌ବା ଡ୍ରେସ୍’।

ସୁରଟରେ ଥିବା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍ ଆଣ୍ଡ ଟେକ୍ନୋଲୋଜି (ଆଇଡିଟି)ର କେତେଜଣ ଫ୍ୟାଶନ ଡିଜାଇନର ଛାତ୍ର ଏକାଠି ମିଶି ଏଭଳି ଏକ କୋଭିଡ୍ ଗର୍‌ବା ଡ୍ରେସ୍ କଷ୍ଟ୍ୟୁମ୍ ପ୍ରସ୍ତୁତ କରିଛନ୍ତି। ନବରାତ୍ରି ପାଳନ ବେଳେ ଏଥର କୌଣସି ସ୍ଥାନରେ ସ୍ୱତନ୍ତ୍ର ଭାବରେ ଦାଣ୍ଡିଆ ଖେଳିବାର ଅନୁମତି ନ ଥିବାବେଳେ ଫ୍ୟାଶନ୍ ଡିଜାଇନର ଛାତ୍ରମାନେ



ନବରାତ୍ରିରେ ଏଭଳି ଏକ ଭିନ୍ନ ପ୍ରୟାସ କରିଛନ୍ତି।

ଏହି କୋଭିଡ୍ ଗର୍‌ବା ଡ୍ରେସଟି ପଲିପ୍ରୋପିଲିନ୍ ଫାବ୍ରିକ୍‌ରେ ତିଆରି ହୋଇଛି। ଏହାକୁ ପିନ୍ଧିବା ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଆଇଡିଟି ପକ୍ଷରୁ କୁହାଯାଇଛି। ଛାତ୍ରମାନେ ଏହି କଷ୍ଟ୍ୟୁମ୍‌ରେ ହାତରେ ସ୍ୱତନ୍ତ୍ରଭାବେ ସୁନ୍ଦର ପେଣ୍ଟିଂ କରିଛନ୍ତି। ଏହାସହିତ ସେଥିରେ ଡିଜାଇନ୍ ହୋଇଥିବା ସ୍ୱତନ୍ତ୍ର ଗୁଜରାଟୀ ଡିଜାଇନ୍ କପଡ଼ା ସହିତ ମାସ୍କ ଏବଂ ଗର୍‌ବା ଖେଳିବା ନିମନ୍ତେ ଦୁଇଟି ବାଡି ମଧ୍ୟ ରଖିଛନ୍ତି। ତେଣୁ ସ୍ୱାସ୍ଥ୍ୟକର୍ମୀମାନେ ଏହି ପିପିଇ କିଟ୍ ପିନ୍ଧି କିଛି ସମୟ ପାଇଁ ଫୁର୍‌ସତ ସମୟରେ ଗର୍‌ବାର ଆନନ୍ଦ ବି ନେଇପାରିବେ। କୋଭିଡ୍ ଗର୍‌ବା ଆଉଟ୍‌ଫିଟ୍ ପିନ୍ଧିବା ସୁରକ୍ଷିତ ଏବଂ ଆରାମଦାୟକ ମଧ୍ୟ। ସେହିପରି ଅନ୍ୟ ପିପିଇ କିଟ୍ ଭଳି ଏହାକୁ ନଷ୍ଟ କରିବା ମଧ୍ୟ ସହଜ। ସବୁଠୁ ବଡ଼ କଥା ହେଉଛି ଏହା ଏପରିଭାବେ ପ୍ରସ୍ତୁତ ହୋଇଛି ଯେ ଏହାକୁ ପିନ୍ଧିଲେ ଆପେ ଆପେ ସାମାଜିକ ଦୂରତା ରକ୍ଷା କରିହେବ। ତେଣୁ ଆଇଡିଟିର ଛାତ୍ରମାନେ ଏଭଳି ଅନେକଗୁଡ଼ିଏ ପିପିଇ କିଟ୍ ତିଆରି କରି ଡାକ୍ତରଖାନାରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଉପହାର ଦେଇଛନ୍ତି।

DSPL - 81


ସ୍ୱଇଚ୍ଛାରେ ପ୍ଲାଜ୍‌ମା ଦାନ କରି ଗୁରୁତର କରୋନା ରୋଗୀଙ୍କୁ ନୂଆ ଜୀବନ ଦିଅନ୍ତୁ

କିଏ ପ୍ଲାଜ୍‌ମା ଦାନ କରିପାରିବେ
- ବୟସ ୧୮ ରୁ ୬୫ ବର୍ଷ
- ଓଜନ ୫୦ କି.ଗ୍ରା. ରୁ ଅଧିକ
- କରୋନା ସଂକ୍ରମଣରୁ ଆରୋଗ୍ୟ ହେବାର ୪ ସପ୍ତାହ ପରେ

କିଏ ପ୍ଲାଜ୍‌ମା ଦାନ କରିପାରିବେ ନାହିଁ
- ମଧୁମେହ ରୋଗୀ, କ୍ୟାନ୍‌ସର ରୋଗୀ ବା, କ୍ୟାନ୍‌ସରରୁ ଆରୋଗ୍ୟଲାଭ କରିଥିବା
- କିଡ୍‌ନୀ / ହାର୍ଟ / ଫୁସ୍‌ଫୁସ୍ / ଲିଭର ଜନିତ ରୋଗୀ
- କେବେବି ଗର୍ଭଧାରଣ କରିଥିବା ମହିଳା

ପ୍ଲାଜ୍‌ମା ଥେରାପି କରୋନା ଚିକିତ୍ସାର ଏକ ବଳିଷ୍ଠ ଉପାୟ । କରୋନାରୁ ସୁସ୍ଥ ହେବାର ୪ ସପ୍ତାହ ପରେ କଟକ, ବ୍ରହ୍ମପୁର, ବୁର୍ଲା, କୋରାପୁଟ ମେଡିକାଲ୍ କଲେଜ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କିମ୍ବା ରାଉରକେଲା ଆଇ.ଜି.ଏଚ୍. ଠାରେ ପ୍ଲାଜ୍‌ମା ଦାନ କରି ଗୁରୁତର କରୋନା ରୋଗୀଙ୍କର ଜୀବନ ବଞ୍ଚାନ୍ତୁ । ପ୍ଲାଜ୍‌ମା ଦାନ ସମ୍ପୂର୍ଣ୍ଣ ନିରାପଦ ।

ଆପଣ ଗୋଟିଏ ୟୁନିଟ୍ ପ୍ଲାଜ୍‌ମା ଦାନ କରି ଦୁଇଟି ଜୀବନ ବଞ୍ଚାଇପାରିବେ।



କରନ୍ତୁ ପ୍ଲାଜ୍‌ମା ଦାନ
ବଞ୍ଚାନ୍ତୁ ଅମୂଲ୍ୟ ଜୀବନ

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0025/2021

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୯୭,୮୭,୫୯୦ | ୧୧,୧୧,୯୩୧ | ୨,୯୭,୭୬,୩୪୦ |
| ଭାରତ | ୭୪,୭୮,୯୨୪ | ୧,୧୩,୬୧୩ | ୬୫,୭୭,୭୨୯ |
| ଓଡ଼ିଶା | ୨,୬୬,୩୪୫ | ୧୧୨୧(+୫୩) | ୨,୪୪,୨୨୨ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ସରିଲା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ): ରାଜ୍ୟରେ ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ପ୍ରଥମ କଟ୍ ଅଫ୍ ମାର୍କରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ନାମ ଲେଖାଇଛନ୍ତି। ତେବେ ଆସନ୍ତା ୨୨ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ ପାଇବ। ୨୨ରୁ ୨୯ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ମନୋନୀତ ଛାତ୍ରୀଛାତ୍ରମାନେ ଫି' ଦାଖଲ କରିବେ ଓ ୨୭ରୁ ନଭେମ୍ବର ୩ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ।




# ଅପମାନିତ କରିଛି ଓଟିଭି

ଭୁବନେଶ୍ୱର/କେନ୍ଦୁଝର, ୧୭।୧୦ (ବ୍ୟୁରୋ/ସ୍ୱ.ପ୍ର.)

୨୦୧୯ ସାଧାରଣ ନିର୍ବାଚନ ସମୟରେ କେନ୍ଦୁଝର ଲୋକ ସଭା ଆସନପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଚନ୍ଦ୍ରାଣୀ ମୁର୍ମୁଙ୍କ ନକଲି ଭିଡିଓ ଭାଇରାଲ କରାଯାଇଥିଲା। ଉକ୍ତ ଘଟଣାରେ ଓଟିଭି ସାମ୍ବାଦିକ ରମେଶ ରଥଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ ନେଇ କେନ୍ଦୁଝର ପୋଲିସ ଖୋଳତାଡ଼ କରୁଛି। ଅପରପକ୍ଷରେ ଓଟିଭିର ପରିଚାଳନା ନିର୍ଦ୍ଦେଶିକା ଜଗି ମଙ୍ଗତ ପଣ୍ଡା ଏବଂ ତାଙ୍କ ସ୍ୱାମୀ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ନିଜର କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଅଭିଯୋଗ ଆଣିଛନ୍ତି। ଚନ୍ଦ୍ରାଣୀ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ମୋର ସମ୍ମାନହାନି କରିବା ସହ ମାନସିକ ଯନ୍ତ୍ରଣା ଦେବା ପାଇଁ ଓଟିଭିର ସାମ୍ବାଦିକ ଓ ଅନ୍ୟମାନେ ଅଶ୍ଳୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଉକ୍ତ ଘଟଣାରେ ପୋଲିସ ତଦନ୍ତ କରି ଓଟିଭି ସାମ୍ବାଦିକଙ୍କ ସମେତ ୫ଜଣଙ୍କୁ ଗିରଫ ମଧ୍ୟ କରିଛି। ଏହା ସତ୍ତ୍ୱେ ଓଟିଭିର ମାଲିକାଣୀ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିଜ କର୍ମଚାରୀଙ୍କୁ ବଞ୍ଚାଇବାକୁ ସଫେଇ ଦେଉଛନ୍ତି, ଯାହାକି ମୋ' ଭଳି ଏକ ଆଦିବାସୀ ଝିଅର ସମ୍ମାନକୁ ଆଞ୍ଚ ପହଞ୍ଚାଇଛି। ଯଦି ମୋ ସ୍ଥାନରେ ନିଜ ଝିଅ ସହ ଏଭଳି ଘଟଣା ଘଟିଥାନ୍ତା, ତା'ହେଲେ ଓଟିଭି କର୍ତ୍ତୃପକ୍ଷ କ'ଣ ଏଭଳି କରିଥାନ୍ତେ ବୋଲି ଚନ୍ଦ୍ରାଣୀ ପ୍ରଶ୍ନ କରିଛନ୍ତି। ଏନେଇ ମୋତେ ନ୍ୟାୟ ଆବଶ୍ୟକ ବୋଲି ସେ କହିଛନ୍ତି। କେନ୍ଦୁଝର ଲୋକ ସଭା ଆସନରୁ ଚନ୍ଦ୍ରାଣୀ ବିଜୟୀ ହୋଇ ପାର୍ଲାମେଣ୍ଟର ସର୍ବକନିଷ୍ଠ ଏମ୍‌ପି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତାଙ୍କର ପ୍ରତିଷ୍ଠା କ୍ଷୁଣ୍ଣ ଓ ନିର୍ବାଚନରେ ପରାଜିତ କରିବା ପାଇଁ ନିର୍ବାଚନ ପୂର୍ବରୁ ଏଭଳି ଏକ ହୀନ ଚକ୍ରାନ୍ତ କରାଯାଇଥିଲା। ହେଲେ ଲୋକମାନଙ୍କ ଆଶୀର୍ବାଦରୁ ସେ ବିଜୟୀ ହୋଇଛନ୍ତି ବୋଲି ଚନ୍ଦ୍ରାଣୀ କହିଛନ୍ତି।

### ନକଲି ଭିଡିଓ ଭାଇରାଲ ମାମଲା


ଚନ୍ଦ୍ରାଣୀ ମୁର୍ମୁ

- ନ୍ୟାୟ ମାଗିଲେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ
- କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୁକ୍ତଙ୍କୁ ସୁରକ୍ଷା ଦିଆଯାଉଛି
- ୨୧ରେ କେନ୍ଦୁଝର ଥାନାରେ ହାଜର ହେବାକୁ ସାମ୍ବାଦିକଙ୍କୁ ନୋଟିସ

ପ୍ରକାଶ ଯେ, ଚନ୍ଦ୍ରାଣୀଙ୍କ ନକଲି ଭିଡିଓ ଭାଇରାଲ ହେବା ପରେ କେନ୍ଦୁଝର ସଦର ଥାନାରେ ଏକ ମାମଲା(୧୦୬/୨୦୧୯) ରୁଜୁ ହୋଇଥିଲା। ତଦନ୍ତ ସମୟରେ ଓଟିଭିର ସାମ୍ବାଦିକ ସୀମାଞ୍ଚଳ ପାତ୍ରଙ୍କୁ ୨୦୧୯ ଏପ୍ରିଲ ୧୯ରେ ଗିରଫ କରାଯାଇଥିଲା। ଏପରିକି ଏହି ଘଟଣାରେ ଅନ୍ୟ ଜଣେ ସାମ୍ବାଦିକ ପ୍ରଶାନ୍ତ ମିଶ୍ରଙ୍କ ସହ ଅନ୍ୟ ୩ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ତେବେ ଓଟିଭି ସାମ୍ବାଦିକ ରମେଶଙ୍କ ପ୍ରରୋଚନାରେ ଏଭଳି କରାଯାଇଥିବା ପୋଲିସ ଜାଣିବା ପରେ ତାଙ୍କୁ ପଚରାଉଚରା ଜାରି ରଖିଛି। ଗତ ଗୁରୁବାର ରମେଶଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ରାତିରେ ଛାଡ଼ିଥିଲା। ଏଥିସହ ତାଙ୍କୁ ଆସନ୍ତା ୨୧ତାରିଖରେ କେନ୍ଦୁଝର ଥାନାରେ ହାଜର ହେବାକୁ ନୋଟିସ୍ କରିଛି। ଏନେଇ କେନ୍ଦୁଝର ଏସ୍‌ଡିପିଓ ପି.ଜେ. ଟପ୍ପୋଙ୍କୁ ପଚାରିବାରେ ଘଟଣାର ତଦନ୍ତ ପାଇଁ କେନ୍ଦୁଝର ପୋଲିସର ଏକ ଟିମ୍ ଭୁବନେଶ୍ୱର ଯାଇଥିଲା। ସେଠାରୁ ତଦନ୍ତ କରି ଫେରିଛନ୍ତି। ରମେଶ ୨୧ତାରିଖରେ ହାଜର ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଟପ୍ପୋ କହିଛନ୍ତି।

# ଦାଦାବଟି ନ ଦେବାରୁ ବ୍ୟବସାୟୀଙ୍କୁ ହାଣିଲେ

ବ୍ରହ୍ମପୁର ଅଫିସ, ୧୭।୧୦

ବ୍ରହ୍ମପୁର ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିରେ ଜଣେ ବ୍ୟବସାୟୀଙ୍କୁ ଦାଦାବଟି ମାଗି ବିଫଳ ହେବାରୁ ଦୁର୍ବୃତ୍ତମାନେ ଶନିବାର ଖଣ୍ଡାରେ ହାଣିଛନ୍ତି। ଭାଇ ଜି. କାଳିଆ ପାତ୍ରଙ୍କୁ ବଞ୍ଚାଇବାକୁ ଯାଇ ଭଉଣୀ ଏସ୍. ସୁନୀତା ଗୁରୁତର ହୋଇଛନ୍ତି। କାଳିଆଙ୍କ ଏତଲାକ୍ରମେ ପୋଲିସ ମାମଲା ରୁଜୁ କରିଛି। ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା କାଳିଆ ମିକ୍ସଚର୍ ବ୍ୟବସାୟ କରନ୍ତି। କେତେଜଣ ଦୁର୍ବୃତ୍ତ ତାଙ୍କୁ ୧୦ହଜାର ଟଙ୍କା ଦାଦାବଟି ମାଗିଥିଲେ। ଶନିବାର ସେମାନେ କାଳିଆଙ୍କୁ ଘରୁ ବାହାରକୁ ଡାକି ଖଣ୍ଡାରେ ଆକ୍ରମଣ କରିଥିଲେ। ନିକଟରେ ଥିବା ସୁନୀତା ଆଗକୁ ଆସିଯିବାରୁ ତାଙ୍କ ଉପରେ ଖଣ୍ଡା ଚୋଟ ବାଜିଥିଲା। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।









**ଆଜିର ମନ୍ତବ୍ୟ**
ନୂଆ କୃଷି ଆଇନ ଦେଶର ପ୍ରତ୍ୟେକ ଚାଷୀଙ୍କ ଆତ୍ମା ଉପରେ ଆକ୍ରମଣ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶ୍ରୀ ସତ୍ୟରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅନିଶ୍ଚିତତାରେ ଓଡ଼ିଆ ...

ଆବେଦନ ହୋଇଥିଲା। ମାତ୍ର ସାକ୍ଷୀଗୋପାଳଙ୍କ ଗୁପ୍ତ ବୃନ୍ଦାବନ ଲୀଳାକ୍ଷେତ୍ର ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେନାପଟା ଲାଗି ନୀତି ସହିତ ଜଡ଼ିତ ବକୁଳବନକୁ ସଂରକ୍ଷିତ ରଖିବା ଲାଗି ସତ୍ୟବାଦୀର ଜନସାଧାରଣ ଜିଲାପାଳ ବଲୱନ୍ତ ସିଂଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ କ୍ରମେ ବକୁଳବନକୁ ବାଦ୍ ଦିଆଯାଇ ଖାତା ନଂ. ୧୦୦ରେ ରହିଥିବା ବାକି ୯ ଏକର ୬୦ ଡେସିମିଲ ଜମିରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ହୋଇଥିଲା। ଏହାପରେ ସରକାର ବଜାର ଦରରେ ଜମି କିଣିବାକୁ ଆବେଦନ କରିଥିଲେ। ରାଜ୍ୟ ଦେବୋତ୍ତର କମିଶନରଙ୍କ ଅନୁମତିପତ୍ରକୁ ଆଇନ ବିଭାଗର ସ୍ୱୀକୃତି ମିଳିବା ପରେ ଗତବର୍ଷ ଅକ୍ଟୋବର ୧୦ରେ ସତ୍ୟବାଦୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି କିଣାଯାଇ ଥିଲା। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟ ଲାଗି ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ସ୍ୱତନ୍ତ୍ର ଅଧିକାରୀ ଜୟନ୍ତ ନାରାୟଣ ଷଡ଼ଙ୍ଗୀ ନିଯୁକ୍ତି ହୋଇଥିଲେ ବି ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ତେଣୁ ଓଡ଼ିଆ ଭାଷା, ସଂସ୍କୃତିପ୍ରେମୀ ଆଶା ଆଶଙ୍କାରେ ରହିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ତଥା ସତ୍ୟବାଦୀ ବନ ବିଦ୍ୟାଳୟର ପୂର୍ବତନ ଛାତ୍ର ବନମାଳୀ ବେହେରା କହିଛନ୍ତି, ଗୋପବନ୍ଧୁଙ୍କ ଆଦର୍ଶର ବନ ବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା। ପୁଣି ଏହି ପବିତ୍ର ମାଟିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଓଡ଼ିଆ ଭାଷା, ସାହିତ୍ୟର ଉତ୍ତରୋତ୍ତର ଗବେଷଣା କରାଯିବ ବୋଲି ଆଶା ରଖିଥିଲୁ। ମାତ୍ର ଅହେତୁକ ବିଳମ୍ବ ଯୋଗୁ ଏହାର ବାସ୍ତବତାକୁ ନେଇ ଏବେ ମନରେ ପ୍ରଶ୍ନ ଉଠୁଛି। କାରଣ, ଜମି କିଣାସରିଥିଲେ ବି ଏଯାବତ କୋଠା ନିର୍ମାଣ ଆରମ୍ଭ ହୋଇପାରି ନାହିଁ। ତୁରନ୍ତ ସରକାର ପଦକ୍ଷେପ ନେଲେ ଏହା ପଞ୍ଚସଖାଙ୍କ ପ୍ରତି ସବୁଠୁ ବଡ଼ ଉପହାର ହେବ। ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବିଶ୍ୱବିଦ୍ୟାଳୟ ପାଇଁ ଜମି କିଣିବା ନେଇ ଯେଉଁ ସମସ୍ୟା ଥିଲା ତାହାକୁ ପ୍ରଶାସନ ପକ୍ଷରୁ ସମାଧାନ କରାଯାଇ ଜମି କିଣା ସରିଛି। ପ୍ରଶାସନ ପାଖରେ ବିଶ୍ୱବିଦ୍ୟାଳୟ ନିର୍ମାଣ ନେଇ କୌଣସି କାମ ଅଟକି ନାହିଁ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏକପ୍ରକାର ଅନିଶ୍ଚିତତା ଆଡ଼କୁ ଠେଲି ହୋଇଯାଉଥିବାବେଳେ ଗତ ୬ତାରିଖରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଶାଶ୍ୱତ ମିଶ୍ରଙ୍କ ଚିଠି ଆଶା ଦେଖାଇଛି। ସଚିବ ମିଶ୍ର ପୂର୍ତ୍ତ ବିଭାଗ କମିଶନର ତଥା ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ ହୋଇଛି, ଓଡ଼ିଆ ବିଶ୍ୱବିଦ୍ୟାଳୟ ଆର୍କିଟେକ୍ଚରାଲ ପ୍ଲାନ୍ ଓ ଡିଜାଇନ ପାଇଁ ଗତବର୍ଷ ଅକ୍ଟୋବର ୧୪ରେ ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ)ଙ୍କୁ ଅନୁରୋଧ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସେମାନେ ପ୍ଲାନ ଓ ଡିଜାଇନ ପାଇନାହାନ୍ତି। ତେଣୁ ବ୍ୟକ୍ତିଗତ ଭାବେ ଏଥିପ୍ରତି ଦୃଷ୍ଟି ଦେବାକୁ ପୂର୍ତ୍ତ ସଚିବଙ୍କୁ ସେ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ପଲିଥିନ ବ୍ୟବହାର ...

ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିପାରିବେ। ଜିଲାପାଳ ପଲିଥିନ କଟକଣାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ୍, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିବେ। ପଲିଥିନ ବିକ୍ରି, ଉତ୍ପାଦନ, ଗଚ୍ଛିତ କରି ରଖୁଥିବା ସଂସ୍ଥା କିମ୍ବା ବ୍ୟବସାୟୀ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ମଧ୍ୟରେ ସେଗୁଡ଼ିକୁ ନଷ୍ଟ କରିବାକୁ କୁହାଯାଇଥିଲା। କଟକଣା ଲାଗୁ ହେବାର କିଛି ମାସ ମଧ୍ୟରେ ଧରପଗଡ଼ ଜୋରଦାର ହୋଇଥିଲା। ବ୍ୟବସାୟୀମାନେ ଜରିମାନା ଭୟରେ ପଲିଥିନ ବ୍ୟବହାର ବନ୍ଦ କରି ଦେଇଥିଲେ। ଜନସାଧାରଣ ପଲିଥିନ ବଦଳରେ ବ୍ୟାଗ ନେବାକୁ ପସନ୍ଦ କରୁଥିଲେ। କରୋନା ସଂକ୍ରମଣକୁ ଦେଖି ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ହେଲା। ଏହା ପରେ ପଲିଥିନ ବ୍ୟବହାର ବହୁ ପରିମାଣରେ ବଢ଼ିଯାଇଛି। କଟକଣା କଡ଼ାକଡ଼ି ପାଳନ ହେଉ ନ ଥିବାରୁ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ବିନା ସଙ୍କୋଚରେ ବ୍ୟବହାର କରିଚାଲିଛନ୍ତି। ବ୍ୟବସାୟୀ ପୂର୍ଣ୍ଣେନ୍ଦୁ ସାହୁ କହିଛନ୍ତି ଯେ, ଗ୍ରାହକମାନେ ସାମଗ୍ରୀ ନେବାକୁ ପଲିଥିନ ମାଗୁଛନ୍ତି। ପଲିଥିନ ନ ଦେଲେ ଅନ୍ୟ ଦୋକାନକୁ ଚାଲି ଯାଉଛନ୍ତି। ପଲିଥିନ ଉତ୍ପାଦନ ହେଉଥିବାରୁ ବଜାରରେ ମିଳୁଛି। ଆମେ ବାଧ୍ୟ ହୋଇ ଆଣୁଛୁ। ପଲିଥିନ ଉତ୍ପାଦନ ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଗ୍ରାହକ ଚୈତନ୍ୟ ପ୍ରଧାନ କହିଛନ୍ତି, ହଠାତ୍ ବାହାରୁ ଜିନିଷ ନେବାକୁ ପଡୁଥିବାରୁ ପଲିଥିନ ବ୍ୟବହାର ବଢ଼ିଛି। ଆଗରୁ ଧର ପଗଡ଼ ହେଉଥିବାରୁ ବ୍ୟବସାୟୀ ପଲିଥିନ ଦେବାକୁ ମନା କରୁଥିଲେ। ଆମେ ବ୍ୟାଗ ନେଉଥିଲୁ। ଏବେ ସବୁଆଡ଼େ ପଲିଥିନରେ ଲୋକମାନେ ଜିନିଷପତ୍ର ନେଉଛନ୍ତି। ଏପରି କି ଖାଦ୍ୟପଦାର୍ଥ ମଧ୍ୟ ପଲିଥିନରେ ଯାଉଛି। ପରିବେଶ ପାଇଁ ବିପଦ ଥିବାରୁ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କଡ଼ା କାର୍ଯ୍ୟାନୁଷ୍ଠାନ ନ ହେଲେ ପଲିଥିନ ବ୍ୟବହାର ବନ୍ଦ ହେବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଶ୍ରବଣ ସିହ୍ନା କହିଛନ୍ତି, ଲୋକମାନେ ପଲିଥିନର ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନ ହେବା ଦରକାର। କରୋନା ସମୟରେ କର୍ମଚାରୀମାନେ ସ୍ୱାସ୍ଥ୍ୟ ରକ୍ଷା କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଟିକେ କୋହଳ ହୋଇଛି। ପଲିଥିନର ବହୁଳ ବ୍ୟବହାର ହେଉଥିବା ଦେଖାଯାଉଛି। ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଚିଠି ଲେଖି ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ପଲିଥିନ କଟକଣା ପରେ ବିଭିନ୍ନ ପୌର ସଂସ୍ଥା ଦ୍ୱାରା ବହୁ ସ୍ଥାନରେ ଚଢ଼ାଉ କରାଯାଇ ୨୦୨୦ ଜାନୁୟାରୀ ପହିଲା ସୁଦ୍ଧା ୬୦ ଲକ୍ଷ ଟଙ୍କାର ୨୧,୮୪୬ କେ.ଜି ପ୍ଲାଷ୍ଟିକ ଜବତ କରିଛନ୍ତି। କଟକଣା କଡ଼ାକଡ଼ି କରିବାକୁ ମୁଖ୍ୟ ଶାସନ ସଚିବ ମଧ୍ୟ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ବ୍ୟବହାର ପୁଣି ବୃଦ୍ଧି ପାଇବା ପରିବେଶ ପାଇଁ ଆଦୌ ଶୁଭଙ୍କର ନୁହେଁ।

## 'ସ୍ପୁଟନିକ୍ ଭି'ର କ୍ଲିନିକାଲ ...

ଟିକାର ମାର୍କେଟିଂ ଦାୟିତ୍ୱ ତୁଲାଉଥିବା ରୁଷିଆନ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ(ଆର୍‌ଡିଆଇଏଫ୍) ଏବଂ ଡ. ରେଡ୍ଡୀସ୍ ଲାବରେଟୋରିଜ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ହୋଇଥିଲା। ତଦନୁଯାୟୀ ଭାରତରେ ବ୍ୟାପକ ଭାବେ ଟିକା ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ରୁଷିଆରେ 'ସ୍ପୁଟନିକ୍ ଭି' ଏକ ଟିକା ଭାବେ ପଞ୍ଜୀକୃତ ହେବା ପୂର୍ବରୁ ଏହାର ପରୀକ୍ଷା (ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ)କମ୍‌ସଂଖ୍ୟକ ଲୋକଙ୍କଠାରେ କରାଯାଇଥିଲା। ଫଳରେ ତାହାର ସୁରକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏହି କାରଣରୁ ଡିସିଜିଆଇ ଟିକା ପରୀକ୍ଷାକୁ ସ୍ଥଗିତ ରଖିଥିଲା। ବର୍ତ୍ତମାନ ରୁଷିଆରେ ୪୦ ହଜାର ଲୋକଙ୍କୁ ନେଇ 'ସ୍ପୁଟନିକ୍ ଭି'ର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ସେହିପରି ବେଲାରୁଷ, ଭେନେଜୁଏଲା, ୟୁଏଇରେ ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ଭାରତରେ ୧୫୦୦ ଲୋକଙ୍କଠାରେ ଏହାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ନିମନ୍ତେ ନୂଆ ଚୁକ୍ତି ହୋଇଛି ବୋଲି ଆର୍‌ଡିଆଇଏଫ୍ ପକ୍ଷରୁ ଶନିବାର କୁହାଯାଇଛି। ଭାରତରେ ପରୀକ୍ଷା ସଫଳ ହେଲେ ଏବଂ ଡିସିଜିଆଇର ଅନୁମତି ମିଳିଲେ ଡ. ରେଡ୍ଡୀ ଟିକାକୁ ବିତରଣ କରିବ। ଏଥିପାଇଁ ଆର୍‌ଡିଆଇଏଫ୍ ୧୦୦ ନିୟୁତ ଡୋଜ୍ ଡ. ରେଡ୍ଡୀଙ୍କୁ ଯୋଗାଇଦେବ ବୋଲି ଜଣାପଡ଼ିଛି। ମହାମାରୀର ମୁକାବିଲା ପାଇଁ ଆମେ ଏକ ନିରାପଦ ତଥା ପ୍ରଭାବଶାଳୀ ଟିକା ଆଣିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ରେଡ୍ଡୀସ୍ ଲାବରେଟୋରିଜ୍ ଲିମିଟେଡ୍‌ର ସହ-ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜି. ପ୍ରସାଦ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସପ୍ତମଭାବସ୍ଥ ଗ୍ରହମାନଙ୍କୁ ଶନି ଓ ମଙ୍ଗଳ ଦେଖୁଥିବାରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ,ପରିବାର, ବାଣିଜ୍ୟ,ବ୍ୟବସାୟ, ଯାନ ବାହନ ପ୍ରତି ସତର୍କ ରହିବା ଭଲ । ଶିକ୍ଷା, ସନ୍ତାନ, ଆଲୋଚନା କ୍ଷେତ୍ର, ସଂଗଠନ ସକାଶେ ପ୍ରାୟତଃ ଅସୁବିଧା ହେବନାହିଁ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ।

**ବୃଷ**
ଶୁକ୍ରଙ୍କ ସହ ଶନିଙ୍କ ଷଡାଷ୍ଟକ ସ୍ଥିତିଜନିତ ବିଳମ୍ବିତ ସମୟରେ କାମ ହାସଲ ହେବ । କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ, ଯାହା କି ସମସ୍ୟା ବହୁଳ ହୋଇପାରେ । ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ । ସନ୍ତାନଙ୍କ ଅନୁପସ୍ଥିତିଜନିତ ଅଭାବ ଅନୁଭବ କରି ଦୁଃଖ ପ୍ରକାଶ କରିବେ ।

**ମିଥୁନ**
ଧନାଧିପତିଙ୍କ ଶୁଭଦ୍ ପ୍ରଭାବରୁ ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ । କୌଣସି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ଭିତରେ ଝଡ଼ ଉଠିପାରେ । ବନ୍ଧୁଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କରିବେ । ବହୁତ ଦିନରୁ ମନେ ମନେ ଚିନ୍ତା କରୁଥିବା ଓ ଭାବୁଥିବା ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ ।

**କର୍କଟ**
ରବିଙ୍କ ଦୁର୍ବଳତା କାରଣରୁ ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ । ବନ୍ଧୁମିଳନ ସହ ମିଷ୍ଟାନ୍ନ ଲାଭ ଓ ବନ୍ଧୁଗୃହକୁ ଯାତ୍ରାଯୋଗ ରହିଛି । ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ ।

**ସିଂହ**
ତୃତୀୟଭାବକୁ ମଙ୍ଗଳ ଦେଖୁଥିବାରୁ ସମସ୍ୟାର ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ । ସାମୟିକ ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ମଧ୍ୟ ଏହି ଦିଗରେ ପ୍ରତିବନ୍ଧକ ସାଜିବ । ଆକସ୍ମିକ ଭାବରେ ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ ।

**କନ୍ୟା**
ସୁଖଭାବସ୍ଥ ବୁଧାଦିଗ୍ରହଙ୍କ ପ୍ରଭାବରେ କଥାବାର୍ତ୍ତା ଓ ବ୍ୟବହାରରେ ସଂଯମତା ଆଚରଣ ନ କଲେ କଳହ ଲାଗିପାରେ । ପୁରାତନ ଗାଡି, ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିପାରନ୍ତି । ନୂତନ ସ୍ଥାନରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ ।

**ତୁଳା**
କର୍ମାଧିପ ରାଶିରେ ଅବସ୍ଥାନ କରୁଥିବାରୁ ବିଭିନ୍ନ ପ୍ରକାରର କର୍ମ ଜଞ୍ଜାଳର ଚାପରେ ଅତିଷ୍ଠ ହୋଇପାରନ୍ତି । ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ । ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁଁ କର୍ମ ମୁଖର ହେବେ । ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ ।

**ବିଛା**
ରାଶିରେ କେତୁ ଗ୍ରହ ଆପଣଙ୍କୁ ଅସୁସ୍ଥମାନସିକତା ଜନିତ ଅପରିଣାମଦର୍ଶୀ କରାଇପାରେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ, ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ । ମନରେ ଭୟ ଓ ଆଶଙ୍କା ଥିଲେ ମଧ୍ୟ ଦୃଢତା ଓ ମୁହଁଜୋର ହେତୁ ବହୁ ବିପଦରୁ ରକ୍ଷା ପାଇବେ ।

**ଧନୁ**
ଦ୍ୱିତୀୟସ୍ଥ ଶନି ହେତୁ ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ଅପଦସ୍ଥ ହେବାକୁ ପଡିପାରେ । ଆର୍ଥିକ ସ୍ଥିତି ଭଲ ନ ରହିବା କାରଣରୁ ସାମୟିକ ଭାବେ ଦୁଃଖିତ ରହିପାରନ୍ତି ।

**ମକର**
ବକ୍ରୀ ମଙ୍ଗଳଙ୍କ ସ୍ଥିତିଜନିତ ପାଖ,ପଡୋଶୀଙ୍କ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡିବା ଠିକ୍ ହେବନାହିଁ । ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଆଜିର କାମଟି ସମ୍ପୂର୍ଣ୍ଣ ହେବାର ସୂଚନା ରହିଛି । ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ ।

**କୁମ୍ଭ**
ପାପଗ୍ରହମଧ୍ୟସ୍ଥ କର୍ମାଧିପଙ୍କ ଯୋଗୁଁ ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସାମନା କରିବାକୁ ପଡିପାରେ । ପରିବାରରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଳହର ସମ୍ମୁଖୀନ ହୋଇପାରନ୍ତି । ଯେ କୌଣସି ପରିସ୍ଥିତିରେ ରହନ୍ତୁନା କାହିଁକି, ଆପଣ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି ।

**ମୀନ**
ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବା ସହ ଅର୍ଥନୈତିକ ଅବରୋଧ ହଟିଯିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଶେୟାର୍ ବଜାର କ୍ଷେତ୍ରରୁ ସୁଫଳ ମିଳିବ । ଯାନ୍ତ୍ରିକ ଜିନିଷ କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି ।


ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷ ଦ୍ୱିତୀୟା ରବିବାର, ଅକ୍ଟୋବର ୧୮ ତାରିଖ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୮.୫୧ମି. ଗତେ ବିଶାଖା/ତୁଳା, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୩୨ମି. ଗତେ ଘ.୦୮.୫୦ମି. ମଧ୍ୟେ, ଘ.୧୧.୫୪ମି. ଗତେ ଘ.୦୨.୫୯ମି.ମଧ୍ୟେ, ରାତ୍ରି ଘ.୦୭.୪୭ମି. ଗତେ ଘ.୦୯.୨୭ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୧.୩୬ମି. ମଧ୍ୟେ, ଅପରାହ୍ନ ଘ.୦୩.୫୦ମି. ଗତେ ଘ.୦୫.୧୭ମି.ମଧ୍ୟେ ରାହୁକାଳ।

## ୩ ମାସରେ ସରିବ...

ମଙ୍ଗୁ ମଠ ସମ୍ମୁଖ ଏବଂ ଏମାର ମଠ ପାର୍ଶ୍ୱଦେଇ କାକୁଡ଼ିଖାଇ ମନ୍ଦିର ଛକକୁ ଯାଇଥିଲେ। ସେଠାରୁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର, ଗାଣ୍ଠିଆ ଚଉରା ଛକ, ପଶ୍ଚିମ ଦ୍ୱାର, ଗଡ଼ନ୍ତି ଛକ, ଉତ୍ତର ଦ୍ୱାର ଓ ଦୋଳବେଦି କୋଣ ଦେଇ ଲଙ୍ଗୁଳି ମଠ ନିକଟକୁ ବାହାରିଥିଲେ। ଦକ୍ଷିଣ ଦ୍ୱାର ନିକଟ ପଞ୍ଜାବୀ ମଠ, ଗାଣ୍ଠିଆ ଚଉରା ନିକଟ ନେପାଳ ଭବନ ଓ ମେଘନାଦ ପାଚେରିକୁ ଲାଗି ରହିଥିବା ବିଦ୍ୟୁତ୍ ଅଫିସକୁ ଯାଇଥିଲେ। ଶ୍ରୀମନ୍ଦିର ଚୌହଦିର ୭୫ମିଟର ପରିଧି ମଧ୍ୟରେ ଏସବୁ ପ୍ରତିଷ୍ଠାନ କାହିଁକି ରହିଛି ବୋଲି ନିକଟରେ ଉପସ୍ଥିତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପରେ ଅବଢ଼ା ଯୋଜନାର କାର୍ଯ୍ୟକାରିତା ନେଇ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଆସନ୍ତା ଜାନୁୟାରୀ ୧ତାରିଖ ସୁଦ୍ଧା ଜମି ଅଧିଗ୍ରହଣ ଶେଷ କରିବା ସହ ଜଗନ୍ନାଥ ଐତିହ୍ୟ କରିଡର କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ଏଥିସହ ବୃଦ୍ଧାବୃଦ୍ଧ ଏବଂ ଭିନ୍ନକ୍ଷମଙ୍କ ସୁରକ୍ଷିତ ଶ୍ରୀମନ୍ଦିର ପରିକ୍ରମା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଭକ୍ତମାନେ ବିନା ବାଧାରେ ଯେପରି ସିଂହଦ୍ୱାର ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ ସେନେଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ସହ ବହୁ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ସହ ସେମାନଙ୍କ ଜିନିଷପତ୍ର ଯେପରି ସୁରକ୍ଷିତ ରହିପାରିବ ସେନେଇ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମେଘନାଦ ପାଚେରିର ଦକ୍ଷିଣ ପାର୍ଶ୍ୱ ସମ୍ପର୍କରେ ସମୀକ୍ଷା କରି ପରିକ୍ରମା ନିମନ୍ତେ ବୃକ୍ଷ ଛାୟା ସୃଷ୍ଟି କରିବାକୁ କହିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟର କାମ କେମିତି ଚାଲିଛି ତାହା ଅନୁଧ୍ୟାନ କରିବା ଲାଗି ପୁରୀ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଅପରାହ୍ନ ସାଢେ ୫ଟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିବା ସମୟରେ ତାଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଡିଆଇଜି ଆଶିଷ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ଲାଗି ୩ ମାସ ମଧ୍ୟରେ ବାକି ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବ। ଏହାପରେ ତୁରନ୍ତ ଉନ୍ନତୀକରଣ କାମ ଆରମ୍ଭ କରାଯିବ। ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ ପ୍ରକଳ୍ପର ମଧ୍ୟ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯାହା ଲକ୍ଷ୍ୟ ରହିଛି ସେହି ଅନୁଯାୟୀ ଖୁବ୍‌ଶୀଘ୍ର କାମ ଆରମ୍ଭ ହୋଇଯିବ। ପୁରୀର ୭ଟି ବଡ଼ ପ୍ରକଳ୍ପ ମଧ୍ୟରୁ ୨ଟିର କାମ ଆରମ୍ଭ ହୋଇଥିବାବେଳେ ଆଉ ୫ଟିର କାମ ୩ମାସ ମଧ୍ୟରେ ଆରମ୍ଭ କରାଯିବ ବୋଲି କ୍ରିଷନ କୁମାର କହିଛନ୍ତି। ସୂଚନାଥାଉ କି, ଗତ ଜାନୁୟାରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ବିକାଶ ପାଇଁ ୭ଟି ମେଗା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ମହାମାରୀ କରୋନା ଯୋଗୁ ଏହି ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଥିଲା। ଇତିମଧ୍ୟରେ କିଛି ପ୍ରକଳ୍ପ କାମ ଆରମ୍ଭ ହୋଇଯାଇଛି। ନିକଟରେ ଶ୍ରୀମନ୍ଦିର ଐତିହ୍ୟ କରିଡର ଏବଂ ଶ୍ରୀସେତୁ (ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍) ପାଇଁ ଜମି ଅଧିଗ୍ରହଣ ଜନଶୁଣାଣି ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି।

# classifieds Everyday

**0674-2580101, 2549302**




### BRIDE WANTED

ଭୁବନେଶ୍ୱରସ୍ଥିତ ୫୨ବର୍ଷ Businessman ଛାଡ଼ପତ୍ରପ୍ରାପ୍ତ ବ୍ରାହ୍ମଣ ପୁଅ ପାଇଁ ବ୍ରାହ୍ମଣ କିମ୍ବା ଅନ୍ୟ ଜାତିର (ଅବିବାହିତ/ ଛାଡ଼ପତ୍ରପ୍ରାପ୍ତ/ ବିଧବା) ଏବଂ ନିଃସନ୍ତାନ ପାତ୍ରୀ ଆବଶ୍ୟକ। Contact- 6371593992, 9437134350 D-18635

Son age-45, Business needs Bride of appropriate age. Fresh, divorcee, widow (service preferable) caste-no-bar. Contact directly- 9438677528. D-18651

### GROOM WANTED

46ବର୍ଷର ବିଧବା ମହିଳା, BSNLରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହେଁ। 7656973285 D-68843

Age 34 divorce ନିଃସନ୍ତାନ SBIରେ clerk ଥିବା ତେଲି ଝିଅଙ୍କୁ any caste ପୁଅ ଦରକାର। 7381460016. D-67960




### SALE

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita- 6370476317 D-69188

**Ready to move flat for sale in a big lifestyle apartment near Airport, Sunderpada, Bhubaneswar. 9938569014, 9861433014.** D-18653

Plot in Satyabihar, BBSR 1200sqft. for sale Rs.2600/sqft. Call 8879637692 D-18637

Gharabari plot near Nakhara East College ପାଖରେ 1050/- Imfosys-IIରେ 700/- Arugul 250/- 7978124465 D-69564

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

1400 sqft. residential layout plot for sale near Sundarpada, Bhubaneswar. Price 23 lakhs, no brockers. Contact- 7504392698 D-69790

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69182

Booking open for 3BHK duplex with layout plan near ITER College Jagamara, Bhubaneswar. 9861616986. D-67575

**Plot for immediate sale 2400 sqft. corner BDA plot at SUM Hospital & 2200 sqft. corner plot at Rasulgarh (200 meters from NH), Bhubaneswar. Buyers contact Deepak- 9937329999** D-69926

**540 decimal commercial land available on 100ft. road at Gothapatna Near ROTI land use for PetrolPump, Hospital and Appartment Purpose. Contact 8480548039** D-69633

### PURCHASE

Land requires for plotting project in around, Bhubaneswar. 9937816565, 9937568585 D-18649

Require a 3BHK duplex in and around Bhubaneswar at reasonable price. Choice of location reserved. 8895461394 D-18648




Godown/office space size (18'x11') for rent at Ravitalkies Square, Bhubaneswar. Contact- 9776080988, 9238361409. D-63989

**Godown space available near Puri bypass area 18000/-, open space 15000/-. 9938125254** D-18598




Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Herbal full body massage by smart / expert therapist. Contact: 8338067247. D-69787


Newly open SPA centre smart therapist full body massage: 8114970372. D-59968

Get refreshment body massage by expert therapist contact for 7205084157. D-69791

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Refreshing your mind & body with best therapy at Lotus Spa. 8018234866 D-69565




ଘରେବସି medical registration କରନ୍ତୁ। D.Pharma/GNM (50,000), BUMS/ BHMS (1 lakh) BAMS/ BDS (2 lakhs) call only practioners, SMS/ Whatsapp: 9893869473 (Agent Excuse) D-69794

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**M/s Sai Sradha Management Services. Plot No. 3683, Lane-3, Kalinga Vihar, Bhubaneswar. We provide service & management for both baby care & home nursing. Contact: 7848079720, 9861951276 Email: s.s.managementbbsr@gmail.com** D-69452

### AFFIDAVIT

By an affidavit before the Court of Executive Magistrate, Bhadrak. I Shobha Mohanty, W/o- Pradyumna Kumar Mohanty of Belamola, Charampa, Bhadrak declared that before my marriage my name was Birajini Das. So my all correspondence after marriage is Shobha Mohanty. So Shobha Mohanty and Birajini Das are same person. D-18650

**ଅଧ୍ୟାପିକାଙ୍କ ଡକ୍ଟରେଟ ଲାଭ**



ଅଧୁନା କେ.ଏଲ୍. ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଷମା ରାଣୀ ଦତ୍ତ(ନନ୍ଦି) ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଭାରତ ସରକାରଙ୍କ ଫେଲୋସିପ୍ ମାଧ୍ୟମରେ ଓଡ଼ିଶାର ପ୍ରତିଷ୍ଠିତ କିଟ୍ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଡ.ମନିଦୀପା ରୟଙ୍କ ତତ୍ତ୍ୱାବଧାନରେ 'disease digno-sis vising machine learning tech-niques' ଉପରେ ଗବେଷଣା କରି ଡକ୍ଟରେଟ ଉପାଧି ହାସଲ କରିଛନ୍ତି। ତାଙ୍କର ଗବେଷଣା କାର୍ଯ୍ୟଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ journalରେ ପ୍ରକାଶ ପାଇଥିବା ବେଳେ ୫ଟି ଅନ୍ତର୍ଜାତୀୟ ସମ୍ମିଳନୀରେ ଉଚ୍ଚ ପ୍ରଶଂସିତ ହୋଇଛି।

ସୁଷମା ହେଉଛନ୍ତି ଭଦ୍ରକ ଜିଲା ସନ୍ଥିଆ ନିବାସୀ ସ୍ୱର୍ଗତ ବିପିନ ବିହାରୀ ଦତ୍ତ ଏବଂ ଶ୍ରୀମତୀ ରାଧାରାଣୀ ଦତ୍ତଙ୍କ ତୃତୀୟ କନ୍ୟା। ବାଲେଶ୍ୱର ସହରର ମାକଳପୁର ନିବାସୀ ସ୍ୱର୍ଗତ ନିରଞ୍ଜନ ନନ୍ଦି ଏବଂ ଶ୍ରୀମତୀ ନିର୍ମଳା ନନ୍ଦିଙ୍କ ଏକମାତ୍ର ପୁତ୍ରବଧୂ ଅଟନ୍ତି। ତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ନନ୍ଦି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ। ସୁଷମାଙ୍କ ସଫଳତା ପାଇଁ ଦତ୍ତ ଓ ନନ୍ଦି ପରିବାର ସଦସ୍ୟଙ୍କ ତାଙ୍କ ପ୍ରତି ଆଶୀର୍ବାଦ ଅଛି ବୋଲି ପ୍ରକାଶ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

ଧ-୧୮୬୩୯

## ହୀରାକୁଦ ଡ୍ୟାମ୍ ଜଳସ୍ତର ୬୩୦ ଫୁଟ

ସମ୍ବଲପୁର, (ବ୍ୟୁରୋ)-ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ୬୩୦ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩୪ ହଜାର ୪୭୪ କ୍ୟୁସେକ ଜଳ ପ୍ରବେଶ କରୁଛି। ବାମ ପାର୍ଶ୍ୱର ୧ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୩୪ ହଜାର ୪୭୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ରିପୋର୍ଟ ଅନୁସାରେ, ବେଲଗାଁରେ ୧୩ ହଜାର ୬୦୦, ପଥର୍ଲାରେ ୩୫ ହଜାର ୨୬୧, ଖଇରମାଳରେ ୭୦ ହଜାର, ବରମୁଳାରେ ୭୮ ହଜାର ୫୦୦, ମୁଣ୍ଡଳିରେ ୯୨ ହଜାର ୬୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।






# ଦେଢ଼ କି.ମି. ଚାଲିଲେ ଗର୍ଭବତୀ

ସୋନପୁର,୧୭।୧୦(ନି.ପ୍ର.)



ରାସ୍ତା ଖରାପ ଯୋଗୁ ଅଟକି ରହିଛି ଆମ୍ବୁଲାନ୍ସ।



ବାସନ୍ତୀଙ୍କୁ ରାସ୍ତାରେ ଚଲାଇ ଚଲାଇ ନିଆଯାଉଛି ।

### ରାସ୍ତା ଖରାପ, ଆମ୍ବୁଲାନ୍ସ ଯାଇ ପାରିଲାନି

ସ୍ୱାଧୀନତାର ୭୪ ବର୍ଷ ପରେ ବି ଗ୍ରାମାଞ୍ଚଳରେ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରିନାହିଁ । ଏଥିଯୋଗୁ ବର୍ଷା ଦିନରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ଗାଁକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗର ଗାଡି ଯାଇପାରୁନି । ଗାଁ ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ କଂକ୍ରିଟ୍ ରାସ୍ତା ନିର୍ମାଣର ବାହାସ୍ଫୋଟ ମରା ଯାଉଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ । ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଘିଆ ପଞ୍ଚାୟତ ବଡମାଳ ଗାଁରେ ରାସ୍ତାର ଏଭଳି ଦୁରାବସ୍ଥା ପାଇଁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ରାସ୍ତା ଖରାପ ଯୋଗୁ ବଡମାଳ ଗାଁକୁ ଶନିବାର ଆମ୍ବୁଲାନ୍ସ ଆସି ପାରିଲାନି । ପ୍ରସବ ବେଦନା ଭିତରେ ଗର୍ଭବତୀ ମହିଳାଙ୍କୁ ବହୁ କଷ୍ଟରେ ଦେଢ କିଲୋମିଟର ଚଲାଇ ଚଲାଇ ଆଣିବାକୁ ପଡିଲା । ଗାଁର କାହ୍ନୁ କୁମ୍ଭାରଙ୍କ ସ୍ତ୍ରୀ ବାସନ୍ତୀଙ୍କୁ ଗର୍ଭ ବେଦନା ହେବାରୁ ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଲାଗି ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚିଲା । କିନ୍ତୁ ନନ୍ଦପାଳ ଛକରୁ ଆଗକୁ ଆସି ପାରିଲାନି । ଏହାର ନିକଟରେ ରାସ୍ତା ଧୋଇ ହୋଇ ନାଳ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ ବାରମ୍ବାର ଅନୁରୋଧ ପରେ ବି ଏହାର ମରାମତି କରାଯାଇନାହିଁ। ବାଧ୍ୟ ହୋଇ ପରିବାର ଲୋକେ ବାସନ୍ତୀଙ୍କ ହାତ ଧରି ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପରେ ଆମ୍ବୁଲାନ୍ସରେ ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଏହି ଦୃଶ୍ୟ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । କୋଟି କୋଟି ଟଙ୍କାର ଅନୁଦାନ ପରେ ବି ଜିଲାର ବିକାଶମୂଳକ କାର୍ଯ୍ୟ କିଭଳି ହେଉଛି ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି ।

# ହତ୍ୟା ମାମଲା ରୁଜୁ, ପୋଲିସକୁ ମିଳିଲା ସୁରାକ୍

### ଟେଷ୍ଟ ହାଉସରୁ ମୃତଦେହ ଉଦ୍ଧାର ଘଟଣା

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ସହର ହାଟପଦା-ତଳିପଡ଼ା ପାର୍ଶ୍ୱରେ ଥିବା ଏକ ଟେଷ୍ଟ ହାଉସ ପରିସରରୁ ଶୁକ୍ରବାର ମୃତଦେହ ଉଦ୍ଧାର ଘଟଣାରେ ହତ୍ୟା ମାମଲା ରୁଜୁ ହୋଇଛି। ମୃତକ ହେଲେ ବରଗଡ଼ ଟାଉନ ଥାନା କଟାପାଲିର ଗୁନା ଓରଫ ମାନଭଞ୍ଜନ ଦାଶ(୪୮)। ତାଙ୍କ ପରିବାର ଲୋକଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି । ପୋଲିସ ହାତରେ ଏହି ଘଟଣାର ସୁରାକ୍ ଲାଗିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଟଙ୍କା ନେଣଦେଣ କାରବାରରୁ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଏବଂ ଅତିଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି କହିଛନ୍ତି । ଉକ୍ତ ଟେଷ୍ଟ ହାଉସ ପରିସରରେ ଏକ ମୃତଦେହ ପଡ଼ିଥିବା ନେଇ ଶୁକ୍ରବାର ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପାଣିଟାଙ୍କି କାମକୁ ଗ୍ରାମବାସୀଙ୍କ ବିରୋଧ

ରାଜଗାଙ୍ଗପୁର, ୧୭।୧୦ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକର କଲୁଙ୍ଗା ଜିଆବାହାଲରେ ଏକ କମ୍ପାନୀର ଜାଗାରେ ପାଇପ ଯୋଗେ ଜଳ ଯୋଗାଣ ପାଇଁ ପାଣି ଟାଙ୍କି କାର୍ଯ୍ୟ ଚାଲିଛି। ଏହାକୁ କିନ୍ତୁ ଗ୍ରାମବାସୀ ବିରୋଧ କରିଛନ୍ତି। ପାନପୋଷସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏସ୍‌ଡିଓଙ୍କ ନିକଟରେ ସେମାନେ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଜିଆବାହାଲରେ ପାଣି ଟାଙ୍କି ତିଆରି ପାଇଁ ଜାଗା ରହିଛି। ହେଲେ ଗାଁରୁ ୧ କିଲୋମିଟର ଦୂରରେ ଥିବା କମ୍ପାନୀ ଜମିରେ ସରକାରୀ ପାଣି ଟାଙ୍କି ତିଆରି କରାଯାଉଛି। ଏହାକୁ ଲୋକେ ସହଜେ ଗ୍ରହଣ କରି ପାରୁ ନାହାନ୍ତି। ଜିଆବାହାଲରେ ପାଣି ଟାଙ୍କି ହେଲେ କମ୍ ଖର୍ଚ୍ଚ ହେବ। ହେଲେ ଗାଁରୁ ୧ କି.ମି. ଦୂରରେ ଏହା ତିଆରି କରିବାର ଉଦ୍ଦେଶ୍ୟ କ'ଣ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏ ବାବଦରେ ଉକ୍ତ କାମ ତଦାରଖ କରୁଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ପଚାରିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ଏହି କାମ ଆରମ୍ଭ କରାଯାଉଥିବା ପ୍ରକାଶ କରିଥିଲେ।

# ପ୍ରେମରାମ ଦୁବେଙ୍କ ଜନ୍ମତିଥିରେ ପାଳନ ହେବ କୋସଲ ଏକତା ଦିବସ

ବଲାଙ୍ଗୀର ଅଫିସ, ୧୭।୧୦

କୋସଲ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ସ୍ୱର୍ଗତ ପ୍ରେମରାମ ଦୁବେଙ୍କ ଜନ୍ମତିଥି ଉପଲକ୍ଷେ ଆଗାମୀ ୨୨ ତାରିଖ କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ 'କୋସଲ ଏକତା ଦିବସ' ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଦିନ ବିଭିନ୍ନ ଜିଲାରେ କୋଭିଡ୍ କଟକଣାକୁ ପାଳନ କରି ସଭା କିମ୍ବା ଅନ୍‌ଲାଇନ ସଭା ମାନ କରାଯିବାକୁ ସଙ୍ଗଠନ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱର୍ଗତ ଦୁବେ ଆଦ୍ୟ ୯୦ ଦଶକରେ ସମ୍ବଲପୁର ସହରରୁ କୋସଲ ପାର୍ଟି ନାଁରେ ଏକ ଦଳ ଗଠନ କରି ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବି ଉଠାଇଥିଲେ। ସେ କୋସଲ ଖବର ନାଁରେ ଏକ ଇଂଲିଶ ପତ୍ରିକା ପ୍ରକାଶ କରୁଥିଲେ। ସ୍ୱର୍ଗତ ଦୁବେ ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବିରେ ସମଗ୍ର କୋସଲାଞ୍ଚଳକୁ ଏକତ୍ରିତ କରିବାର ପ୍ରୟାସ କରି ସମ୍ବଲପୁରରୁ ଆନ୍ଦୋଳନର ଡାକରା ଦେଇଥିଲେ। ତେଣୁ ସ୍ୱର୍ଗତ ଦୁବେଙ୍କ ଜନ୍ମତିଥିକୁ କୋସଲ ଏକତା ଦିବସ ରୂପେ ପାଳନ କରାଯିବ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ସୂଚନା ଦେଇଛନ୍ତି।

# ସହରାଞ୍ଚଳରେ ସଂକ୍ରମଣ ଅଧିକ

### କୋଭିଡ ବୁଲେଟିନ୍‌ରେ ସତର୍କ କଲେ ଜିଲାପାଳ

- ୪୦ ପ୍ରତିଶତ ସଂକ୍ରମିତ, ୫୦ ପ୍ରତିଶତ ସକ୍ରିୟ ମାମଲା ସହରରେ
- ପାର୍ବଣରେ ଅଧିକ ସଚେତନତା ଜରୁରୀ

ବଲାଙ୍ଗୀର ଅଫିସ, ୧୭।୧୦

ପଞ୍ଚମ ସାପ୍ତାହିକ କୋଭିଡ ବୁଲେଟିନ୍‌ରେ ଜିଲାପାଳ ଚଞ୍ଚଳ ରାଣା ବଲାଙ୍ଗୀର ଜିଲାର କୋଭିଡ ପରିସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରି ଜିଲାବାସୀଙ୍କୁ ଆଗକୁ ଆହୁରି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ସମୁଦାୟ ୫୭୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୯୦ ସକ୍ରିୟ ରହିଥିବାବେଳେ ୪୯୦୦ଜଣ ସୁସ୍ଥ ହୋଇଛନ୍ତି । ଜିଲାର ଆରୋଗ୍ୟ ହାର ୮୫.୭ ପ୍ରତିଶତ ରହିଛି। ସଂକ୍ରମିତଙ୍କ ମଧ୍ୟରୁ ୪୦ପ୍ରତିଶତ ୫ଟି ସହରାଞ୍ଚଳରେ ରହୁଛନ୍ତି । ଏହାସହିତ ଜିଲାର ସକ୍ରିୟ ମାମଲାରୁ ୫୦ ପ୍ରତିଶତ ସକ୍ରିୟ ମାମଲା ମଧ୍ୟ ସହରାଞ୍ଚଳରେ ରହିଛି ବୋଲି ଜିଲାପାଳ ରାଣା ସୂଚନା ଦେଇଛନ୍ତି । ଏହି ତଥ୍ୟ ଦେଇ ଜିଲାର ସହରାଞ୍ଚଳରେ ଥିବା ଜନସାଧାରଣଙ୍କୁ ଆହୁରି ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ-୧୯ ଗାଇଡଲାଇନ୍‌କୁ କଡାକଡି ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଆଗକୁ ପାର୍ବଣ ଆସୁଥିବାରୁ କୌଣସି ସ୍ଥାନରେ ଭିଡ ନ କରିବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ଅବଲମ୍ବନ କରିବା ଓ କୋଭିଡ ଗାଇଡଲାଇନ୍ ପାଳନ କରିବାକୁ ସେ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଚଳିତ ସପ୍ତାହରେ ଜିଲାରେ ଆଣ୍ଟିଜେନ୍ ପଜିଟିଭିଟି ରେଟ୍ ୫ ପ୍ରତିଶତରୁ କମ୍ ରହିଛି। ଜିଲାରେ ଏବେ ପର୍ଯ୍ୟାପ୍ତ ମାତ୍ରାରେ ସାଧାରଣ, ଆଇସିୟୁ ଓ ଏଚ୍‌ଡିୟୁ ଶଯ୍ୟା ଉପଲବ୍ଧ ରହିଛି । ତାଲିମପ୍ରାପ୍ତ ଗବେଷକ ମଧ୍ୟ ରହିଛନ୍ତି । ପର୍ଯ୍ୟାପ୍ତ ଷ୍ଟାଫନର୍ସ ଓ ଆଟେଣ୍ଡାଣ୍ଟ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଜିଲାର କରୋନାରୁ ଆରୋଗ୍ୟ ଲାଭ କରିଥିବା ଲୋକେ ପ୍ଲାଜମା ଦାନ କରିବାକୁ ସେ ଅନୁରୋଧ କରିଥିଲେ ।

# କରୋନା ଯୋଦ୍ଧାଙ୍କ ପରଲୋକ

ଧମା, ୧୭।୧୦ (ଡି.ଏନ.ଏ)



ସ୍ଥାନୀୟ ଆଶାକର୍ମୀ ତଥା କରୋନା ଯୋଦ୍ଧା ପିଙ୍କି ସେନାପତି (୨୮)ଙ୍କ ଶନିବାର ଅପରାହ୍ନ ୨ଟା ସମୟରେ ଆକସ୍ମିକ ବିୟୋଗ ଘଟିଛି । ମଧ୍ୟାହ୍ନ ୧୨ଟା ସମୟରେ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ନର୍ସିଂହୋମକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଗତ ତିନି ଦିନ ଧରି ଏନ୍‌ଏସ୍‌ସିବି କଲେଜରେ ଚାଲିଥିବା ଆଶାକର୍ମୀ ପରୀକ୍ଷା ଦେଇ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ତାଙ୍କର ଏକ ୭ ବର୍ଷର ଶିଶୁ ପୁତ୍ର ଅଛି ।

# ବର୍ଷା ଉଜାଡ଼ିଲା ଧାନ ଫସଲ

ଲାଠୋର, ୧୭।୧୦ (ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତର ସଦର ଗ୍ରାମ ଟଙ୍କପାଣିର ଚାଷୀ ମୁନିରାମ ହଂସଙ୍କ ଧାନ ଫସଲ ନଷ୍ଟ ହୋଇଛି। ବ୍ଲକ କୃଷି ଅଧିକାରୀ ଏବଂ ଖପ୍ରାଖୋଲ ତହସିଲଦାରଙ୍କୁ କ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ସେ ଆବେଦନ କରିଛନ୍ତି। ଦୁଇ ଏକର ଜମିରେ ସେ ଧାନ ଚାଷ କରିଛନ୍ତି। ବର୍ଷା, ପବନରେ ତାଙ୍କ ଧାନ ଫସଲ ପାଣିରେ ପଡି ନଷ୍ଟ ହୋଇଯାଇଛି। ଚାଷକୁ ଛାଡି ଦେଲେ ତାଙ୍କର ଅନ୍ୟ କୌଣସି ରୋଜଗାର ନାହିଁ। ସରକାରୀ ସାହାଯ୍ୟ କହିଲେ ତାଙ୍କ ପରିବାରକୁ ମାସକୁ ୨୫ କେଜି ଚାଉଳକୁ ଛାଡି ଦେଲେ ଆଉ କୌଣସି ପ୍ରକାର ସହାୟତା ମିଳୁନାହିଁ। ଅର୍ଥାଭାବ ଯୋଗୁଁ ମୁନିରାମ ଫସଲ ବୀମା କରିପାରି ନାହାନ୍ତି। ଖପ୍ରାଖୋଲ ତହସିଲଦାର ଦାୟିତ୍ୱରେ ଥିବା ଧିରଜ କୁମାର ପାତ୍ରଙ୍କୁ ପଚାରିବାରୁ ଆରଆଇଙ୍କ କ୍ଷୟକ୍ଷତି ଆକଳନ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।





*ସର୍ତ୍ତାବଳୀ ଲାଗୁ ହେବ । ଅଫର୍ କେବଳ ସ.ଖା.ମୂ. ଉପରେ । ଦୁଇଟି ଅଫର୍‌କୁ କ୍ଲବ୍ କରାଯାଇପାରିବ ନାହିଁ । ଅଫର୍ କେବଳ ନିର୍ଦ୍ଦିଷ୍ଟ ମଡେଲ ଉପରେ ଷ୍ଟକ୍ ଥିବା ପର୍ଯ୍ୟନ୍ତ । କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୋଆ, ଗୁଜରାଟ ଏବଂ କେରଳ ରାଜ୍ୟରେ ଅଫର ମାନ୍ୟ ନାହିଁ ।

TOLL-FREE Prestige CARE 1800-123-334411 BSNL/MTNL Customers 080 - 6846 9897 (Toll) | Follow 'prestigesocial' on | MADE WITH PRIDE IN INDIA | www.prestigexclusive.in

For Franchisee Enquiry:- Call +91 7077721612. * For Trade Enquiries, Call +91 7077721602 * For Clean Home Products Trade Enquiries, Call +91 8826102361

Prestige Xclusive

BHUBANESWAR: Rabi Takies Chhak: opposite to Kedar Gouri Resort Mob: 7750925223; Bapujinagar I: 105, Post office lane; Near Yes Bank, Ph: 0674 -2597141, Mob: 9937138998; Bapujinagar II: 237, Bapujinagar Pani Tanki Lane, Ph: 0674 2597685 Mob: 9777744071, Satyangar: 10, Janpath, Satyangar, Ph: 0674 2573408, Mob: 8280056821, ID Market: Shop No FG 3, I.D. Market, Near Reliance Fresh, IRC Village Mob: 9861404879, RAGHUNATHPUR: Shop no - S5, Manson Green, Raghunathpur, Nandankanan road ph-7205876694 CUTTACK, Dolmundai: Hotel Akbari complex, Dolomundai, Haripur Road, Ph: 0671 2411580; Mob: 9348222581, Baxi Bazar: Manisahoo Chhak, Mob: 6371736954 CDA: Plot No.CM/3 (In front of Police Station), Markat Nagar, Sector - 7, Ph: 0671-2504833, Mob: 8917442506 Rourkella: Near Haryana Bhawan, Daily Market, Udit Nagar, Mob: 9777457774; PURI: Behind Gundicha Temple , Sarvodaya Nagar Road, Beside Suruchi Mandap, Ph-7978547991 BALUGAON: Chilika Road, Balugaon, Mob: 8984858783(opening soon) KENDRAPARA: Kakat Chhak, Ph: 06727 221241; Mob: 8598080544 DHENKANAL: I.G.Super Market, near SBI ATM; Mob: 9337477279/ 9348178750; BOLANGIR: A.B.S.S. Road, Near Samaleswari Temple, Ph: 06652 232419; Mob: 9437331171, 9437241863;SEMILIGUDA: Infront of RAM Mandir Gate,Main Road, Mob: 8328800974. BARGARH: C/o: New patra needs, infront of Gopal Goshala ,NH-6, Main Road, PH:9937171761, 06646230124; SAMBALPUR Golbazaar: Near Durga Temple Mob: 9338194750, Rayagada: Main road , Near Old Station, Ph-8249517365 JEYPORE: Beside Usha Stores, Main Road, Ph: 06854 231221, Mob: 7008402905 SUNDERGARH: Shop No 8; Nehru Market Complex; Private Bus Stand, Sundergarh, Mob: 9438076828 JAGATSINGHAPUR: C/o: Orchid mart, central market Ph: 06724221090/06724221080; Opening Shortly: ANGUL: Near Havells Galaxy Store, Shankar Cinema Rd, Mob – 09776667882

AUTHORISED DISTRIBUTORS:- BHUBANESWAR-Manorama Trading Co.,Ph No.9437279239, Saraswati Enterprises-8249250386; JATINI-Kanha Agencies, Ph. No.9437090516, CUTTACK-Mahavir Enterprise, Chauliganga, Ph. No. 9937092599; Kendrapada: Nalini& Sons Ph No. 9938175761 TALCHER-Sidharth Enterprises, Hatatota, Ph. No.9437003384 ROURKELA- Shah Distributor, Ph-0661-2506904, 9438712456; SAMBALPUR-Gayatri Traders-9437925273; BALASORE & Mayurbhanj- Mahaveer Sales- 9437052545; BHADRAK- PP Traders -9937049149; GAJAPATI –Sri Sitaram Enterprises, Ph. No.9437216521, GANJAM- Aditya Agencies Ph no 8249822902; BALANGIR - Ably Info Solutions Ph No. 9437025475. KALAHANDI- M/s Apna Kitchen-9437146080, Jajpur-Excellent Engicon-9438866545, Jeypore-Likhit Enterprises-9348430456, Nayagarh- Ganapati Traders-9583281930; AUTHORISED DEALERS:- BHUBANESWAR:- REETA-06742597111, Spectra Vision, Ph.-9937722277, PratapSweing Machine-9937138544, Bharath Electronics & Home Appliances-9437506163, Utkal Light house-9937019272, Utkal Sales-9853150619, Tarini Aluminium Stores,SB Enterprises, Ph 9861155551,Crockery Plaza-9938399889, Baba Enterprises-7978856098, Kitchen King-9938475819, Prasad Kitchen-9437041063, Sivam Enterprises-7008565807,Shree Traders-9937131901; CUTTACK- Union Sales Emporium-9338461472, JanataGeneral Store, Ph- 2419948, Arbind Plastic, Ph 8763923528. Puspak Agency-7205016581, Nilakantha Agency- 9937346923; KENDRAPARA:- Purnamasi Electrical, Ph. 9937070448. PARADEEP:- Krishna Enterprise, Ph.9937451474. ROURKELA:- Prestige, Ph-2642265. City Super Bazar, Ph- 9437047413. Khemka General Store, Ph-2502396. Garg Enterprises, Ph 9437046546. Kitchen Accessories-9437837833, RAJGANGPUR- Pradeep Store, Ph-9437244015; SUNDARGARH- Laxmi Steel, Ph-9776164771.BALASORE: Khandelwal Brothers-8984117316, Shop & Shop- 8984000804, RAHAMA- Maa Padmabati ENTERPRISE:-9861202577, SambalpurBhatia Home Appliances-9556053558,Samuka Steel Center-9437331074, Bolangir- Bapi Steel- Akash Steel- 9437331491, Suraj Steel- 9437151437, Bhadrak- Sai Enterprises-9776701165, Baripada- Aerovision- 9861828643, Umer Kote- Balaji Metal- 9777781003, Rayagada-7008429715, Gajapati-Panda General Store-8249162067; AUTHORISED SERVICE CENTRE:- Cuttack: TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; Bhubaneswar-Ph -9776322880. Rourkela- Ph. 9853522686. Berhampur-Ph. 0680-2228066. Sambalpur- Ph. 9861087802; Bolangir-Ph 06652-234443. Angul- Ph. 9437903195. Balasore: Ph. 9937393936, Jeypore: Ph. 9438445339, 06854-232339; Jajpur Road:Ph 9658464643; RAHAMA: Ph -9437483032: KEONJHARr:7008589306: BARGARH: 9438015648: BHAWANIPATNA:- 8328805215, BHADRAK-7978740521

ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ–ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। –**ଶ୍ରୀମା**

# ସମସ୍ୟା ସୁଧୁରିବନି



## ଆକାର ପଟେଲ

ଜଟିଳ ସମସ୍ୟାଗୁଡ଼ିକର ପାଇଁ ଅଧିକ ବୁଦ୍ଧି ବା ଅନେକ ଲୋକଙ୍କର ଆବଶ୍ୟକତା ପଡ଼ିଥାଏ। ବିଶେଷକରି ନିର୍ଦ୍ଦେଶନାତ୍ମକ କ୍ଷେତ୍ରରେ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଜଣେ ବ୍ୟକ୍ତିର ନିର୍ଦ୍ଦେଶନାରେ ନହେଁ ବରଂ ସଭିଙ୍କ ବୁଦ୍ଧି ଉପଯୋଗରେ ସମାଧାନର ବାଟ ବାହାରେ। ଏହାର ବିପରୀତରେ କୌଣସି ପ୍ରଗତି ହୁଏନି, ସମାଧାନକୁ ସୁଧାରିବାରେ ବାଧା ଉପୁଜେ। ନେତୃତ୍ୱର ତଳ ସ୍ତରରେ ବି ସମସ୍ୟାର ସମାଧାନ ହୋଇପାରିବ। କିନ୍ତୁ ଏଥିପାଇଁ ଲୋଡ଼ା ଅଧିକାର ଓ କ୍ଷମତାର ହସ୍ତାନ୍ତର। ହେଲେ ଆମ ସମୟରେ ଭାରତରେ ଏମିତି ହେଉନାହିଁ। ଜଟିଳ ସମସ୍ୟା ସହ ଜଡ଼ିତ ଏକ ବିଶାଳ ଦେଶରେ ନେତୃତ୍ୱ ଏମିତି କେନ୍ଦ୍ରୀଭୂତ ଯେ ଆମ ଇତିହାସରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନାହିଁ। ଇନ୍ଦିରା ଗାନ୍ଧୀଙ୍କ ସମୟ ସହ କିଛି ସାମଞ୍ଜସ୍ୟ ଅଛି, କିନ୍ତୁ ୧୯୭୦ ଦଶକ ଥିଲା ଏକ ଭିନ୍ନ ଦୁନିଆ। କ୍ୟାବିନେଟ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀ କେବେ ନିର୍ବାଚନରେ ଜିତି ନ ଥିବା ବ୍ୟକ୍ତିଙ୍କୁ ଦିଆଯାଇଛି। ଅର୍ଥମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ରେଲୱେ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ କେହି ବି ନିର୍ବାଚିତ ହୋଇନାହାନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ମଧ୍ୟ ଥିଲେ ଅଣନିର୍ବାଚିତ। ସେମାନଙ୍କ ରାଜନୈତିକ ଲୋକପ୍ରିୟତା ଯୋଗୁ ନୁହେଁ ବରଂ ମୋଦିଙ୍କର ଦୃଢ଼ ସମର୍ଥକ ଯୋଗୁ ସେମାନେ ଏହି ପଦବୀ ପାଇଛନ୍ତି। ସେମାନେ ଏହି କଥାକୁ ଅସ୍ୱୀକାର କରିପାରିବେ ନାହିଁ। ମୋଦି ଯାହା କହିବେ ସେମାନେ ତାହା ହିଁ କରିବେ । ଏଥିପାଇଁ ସେମାନଙ୍କୁ ଚୟନ କରାଯାଇ ସେ ସବୁ ପଦବୀରେ ଅବସ୍ଥାପିତ କରାଯାଇଛି। ସେମାନେ ମୋଦିଙ୍କ କଥାକୁ ଅସ୍ୱୀକାର କଲେ କି ତା'ଉପରେ ପ୍ରଶ୍ନ ଉଠାଇଲେ ସେମାନଙ୍କ ଜାଗାରେ ଯେଉଁମାନେ ଚୁପଚାପ କାମ କରିବେ ସେମାନଙ୍କୁ ଅବସ୍ଥାପିତ କରାଯିବ। ସେଠାରେ କ୍ଷମତା ହସ୍ତାନ୍ତର ଏବଂ ଉତ୍ତରଦାୟିତ୍ୱର ପ୍ରଶ୍ନ ନାହିଁ। ଏଭଳି ଜାଗାରେ ଯେତେବେଳେ କିଛି ଭୁଲ୍ ହେବା ଆରମ୍ଭ ହୁଏ ସେତେବେଳେ ନେତୃତ୍ୱଙ୍କୁ ଦାୟୀ କରାଯାଇ ପାରିବନି କି ତାଙ୍କ ନାଁ ବି ଉଠେ ନାହିଁ। ସେଠାରେ ଧରିନିଆଯିବ ଯେ,ସେ ପୁରା ଠିକ୍ ।

କିଛି ସପ୍ତାହ ପୂର୍ବେ ଦି ପ୍ରିଣ୍ଟ ଅନ୍‌ଲାଇନ ପତ୍ରିକାରେ ଶୀର୍ଷକ ଥିଲା ଯେ,"ମୋଦି ଗଭର୍ଣ୍ଣମେଣ୍ଟ ପ୍ଲାନ୍ସ ମିଡିଆ ବ୍ଲିଜ ଫର୍ 'ଇମେଜ କରେକ୍‌ସନ' ଟୁ ବୁଷ୍ଟ ଇଣ୍ଡିଆ ର୍‌ୟାଙ୍କ ଅନ୍ ଗ୍ଲୋବାଲ ଲିଷ୍ଟସ୍'"। ବ୍ୟାପକ ପ୍ରଚାର ଅଭିଯାନର ପ୍ରସ୍ତୁତି କରି ଭାରତ ୩୦ଟି ବୈଶ୍ୱିକ ସୂଚକାଙ୍କର କେତେକରେ ତା'ର୍‌ୟାଙ୍କ ବଢ଼ାଇବାକୁ ଚେଷ୍ଟା କରୁଥିଲା ବୋଲି ଏଥିରେ ପ୍ରକାଶ କରିଥିଲା। ସାମ୍ପ୍ରଦାୟିକ, ଅର୍ଥନୈତିକ, ରାଜନୈତିକ, ଗଣମାଧ୍ୟମ ସ୍ୱାଧୀନତା, ଆଇନର ଶାସନ,ଆବିଷ୍କାର, ସନ୍ତ୍ରାସବାଦ ଏବଂ ଅନ୍ୟ ସବୁ ବିଷୟ ଉପରେ ଏହି ସୂଚକାଙ୍କଗୁଡ଼ିକ ନିରୀକ୍ଷଣ କରିଥାଏ। ଏଥିରେ ତଥ୍ୟ ପ୍ରସ୍ତୁତ କରାଯାଏ କିମ୍ବା ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କୁ ସେମାନଙ୍କ ଧାରଣା କ'ଣ ପଚରାଯାଏ ଏବଂ ପରେ ଦେଶଗୁଡ଼ିକୁ ସ୍କୋର କିମ୍ବା ରେଟିଂ ପ୍ରଦାନ କରାଯାଏ। ସୂଚକାଙ୍କଗୁଡ଼ିକ ମଧ୍ୟରୁ ଅନେକ ବିଶ୍ୱ ବ୍ୟାଙ୍କ କିମ୍ବା ଜାତିସଂଘ ଭଳି ବହୁମୁଖୀ ସଂସ୍ଥା ଦ୍ୱାରା ତଥ୍ୟ ସଂଗ୍ରହ କରାଯାଇ ସଙ୍କଳିତ କରାଯାଏ। ଏଭଳି ସଂସ୍ଥା କିମ୍ବା କଠିନ ତଥ୍ୟ ବ୍ୟବସ୍ଥା ଥାଉ ଥାଉ କେମିତି ଭାରତ ତା' କମ୍ ରେଟିଂକୁ ମିଡିଆ ଅଭିଯାନ ମାଧ୍ୟମରେ ବଢାଇପାରିବ ତାହା ଜାଣିହେଉନି। ଦୃଷ୍ଟାନ୍ତ ସ୍ୱରୂପ , ଭାରତ ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ୨୦୧୯ରେ ପାଇଥିଲା ୧୪୦ ର୍‌ୟାଙ୍କ୍ ଓ ୨୦୧୮ରେ ପାଇଥିବା ୧୩୮ ର୍‌ୟାଙ୍କରୁ ଖସି ୧୪୨ ର୍‌ୟାଙ୍କରେ ରହିଲା। ସାମ୍ବାଦିକମାନଙ୍କ ବିରୋଧରେ ହିଂସା ଏବଂ କଶ୍ମୀରରେ ଅନେକଥର ଇଣ୍ଟରନେଟ୍ ବନ୍ଦ କରିବା କାରଣରୁ ର୍‌ୟାଙ୍କରେ ଏଭଳି ହ୍ରାସ ହେଲା। କିନ୍ତୁ ସେଗୁଡ଼ିକୁ ପ୍ରଚାର ଅଭିଯାନ ଦ୍ୱାରା ସଂଶୋଧନ କରାଯାଇପାରିବ ନାହିଁ। ଚଳିତବର୍ଷ କଶ୍ମୀରରେ ଭାରତ ସରକାର ଏକ ନୂଆ ମିଡିଆ ପଲିସି ଆରମ୍ଭ କରିଛନ୍ତି, ଯାହା ରାଜ୍ୟରେ ମିଡ଼ିଆର ସ୍ୱାଧୀନତାରେ ଯାହା ହେଲେ ବି କଣ୍ଠରୋଧ କରିବ। ମିଡିଆ ଇନ୍‌ଡେକ୍ସ କାହିଁକି କମିଲା ତାହା ଜାଣିବା ଲାଗି ସରକାର ଇନ୍‌ଡେକ୍ସ ମନିଟରିଂ ସେଲ ଗଠନ କରିଥିଲେ, ଯେଉଁଥିରେ ରହିଛନ୍ତି ସାମ୍ବାଦିକ ରଜତ ଶର୍ମା ଓ ପି .ସାଇନାଥ। ଏପର୍ଯ୍ୟନ୍ତ ଏହି ସେଲ୍‌ରୁ ଅଧିକ କିଛି ଶୁଣିବାକୁ ମିଳିନି ଏବଂ ଏହା ମଧ୍ୟ ଗ୍ଲୋବାଲ ରେଟିଂକୁ ପ୍ରଭାବିତ କରିପାରିବନାହିଁ। ଏପରିକି ଆଗାମୀ ବର୍ଷ ପ୍ରେସ ଫ୍ରିଡମରେ ଭାରତର ର୍‌ୟାଙ୍କିଂ ବିଶ୍ୱ ସ୍ତରରେ ବୃଦ୍ଧି ପାଇବାର ସମ୍ଭାବନା ନାହିଁ ଏବଂ ବାସ୍ତବତାଠାରୁ ଦୂରରେ ଥିବା ଏକ ଭାବମୂର୍ତ୍ତି ଗଢିବାକୁ ଯାଇ ଅର୍ଥବ୍ୟୟ କରିବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ।

କୋଭିଡ୍ ସଂକ୍ରମଣ ସଂଖ୍ୟା ଭାରତର ସ୍ୱଘୋଷିତ। ଏହା କେବଳ ସରକାରୀ ସଂଖ୍ୟା। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତ କେମିତି କାମ କରୁଛି ତାହା ସରକାର ତୁଳନା କରିପାରିବେ। ବିଶେଷକରି ଦକ୍ଷିଣ ଏସିଆର ଦେଶଗୁଡ଼ିକ ସହ ଏକ ତୁଳନା କରାଯାଇପାରେ। ସଂକ୍ରମଣ ଓ ମୃତକଙ୍କ ସଂଖ୍ୟା ରୋକିବାରେ ଏହି ଦେଶଗୁଡ଼ିକ ତୁଳନାରେ ଆମ ସଫଳତା କମ୍। ଭାରତ ଏହି ସମସ୍ୟାକୁ ମୁକାବିଲା କରିବାରେ କମ୍ ଦକ୍ଷ ବୋଲି ଯାହା ଧାରଣା ରହିଆସିଛି ତାହାକୁ ଗୋଟିଏ ମିଡିଆ ବ୍ଲିଜ ବା ହାଓ୍ୱା ସୁଧାରିପାରିବ ନାହିଁ। ଏଇ ସପ୍ତାହରେ ଖବର ପ୍ରକାଶ ପାଇଛି ଯେ, ଚଳିତ ଆର୍ଥିକ ବର୍ଷରେ ମୁଣ୍ଡପଛା ଆୟରେ ବାଂଲାଦେଶ ଭାରତକୁ ଟପିଯିବ। ଅର୍ଥାତ ବାଂଲାଦେଶୀଙ୍କ ମୁଣ୍ଡପିଛା ଆୟ ଭାରତୀୟମାନଙ୍କ ମୁଣ୍ଡପିଛା ଆୟଠାରୁ ଅଧିକ ହେବ। ଏମିତି ହେବ ବୋଲି କେବେ ବି ଆଶା କରାଯାଉ ନଥିଲା, କାରଣ୨୦୧୪ରେ ମୁଣ୍ଡପିଛା ଆୟରେ ଭାରତ ବାଂଲାଦେଶଠାରୁ ବହୁ ଆଗରେ ଥିଲା। ଏବେ ସେମାନେ ଆଗକୁ ମାଡିଯିବାର ଗୋଟିଏ କାରଣ ହେଲା ବାଂଲାଦେଶର ନେତୃତ୍ୱ କୋଭିଡ୍ ସଂକ୍ରମଣ ଓ ଅର୍ଥନୀତିକୁ ଭଲଭାବେ ନିୟନ୍ତ୍ରଣ କରିପାରିଲେ। ଆଉ ଏକ କାରଣ ବି ରହିଛି। ତାହା ହେଲା ବିଗତ ୬ ବର୍ଷ ମଧ୍ୟରେ ଭାରତଠାରୁ ବାଂଲାଦେଶ ଦ୍ରୁତଗତିରେ ବିକାଶ କରିଛି। ଯେ କୌଣସି ସମୟରେ କୌଣସି ପ୍ରକାରେ ଏହା ଆମକୁ ଟପିଯାଇଥାନ୍ତା। କିନ୍ତୁ କୋଭିଡ୍ ଯୋଗୁ ଏହା ଶୀଘ୍ର ହେଲା। ଏଭଳି ନିମ୍ନଗାମୀ ହେବା କଥା ଆମ ଲୋକଙ୍କ ମାନସିକତାରେ ନାହିଁ, କାରଣ ଆମ ନେତା ଏହାକୁ ସ୍ୱୀକାର କରୁନାହାନ୍ତି ଏବଂ ତାଙ୍କ ଅନୁଗତମାନେ ବି ପ୍ରକାଶ କରୁନାହାନ୍ତି। କେମିତି ଏକ ମିଡିଆ ବ୍ଲିଜ ଦ୍ୱାରା ଏହା ଠିକ୍ ହୋଇଯିବ? ଏହା ହେବ ନାହିଁ। କିନ୍ତୁ ଏଥିପାଇଁ ଯେହେତୁ ମୁଖ୍ୟ ନେତୃତ୍ୱ ନିର୍ଦ୍ଦେଶ ଦେଇଛନ୍ତି ତାହା ହିଁ କରାଯିବ। ଏହା ହେଲେ ଏମିତି ତଳକୁ ଖସିଚାଲିଥିବ,ଅଚ୍ଛେଦିନର ସ୍ୱର ବି ଶୁଭୁଥିବ।

Email:aakar.patel@gmail.com

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | | | | | B | | | | D | | |
| 1 | | B | | | | | | | 3 | | | | A | 7 |
| | | | C | 0 | | | | 7 | 9 | | | | E | 2 |
| | | | 3 | | | | | | 7 | | 8 | | 0 | |
| 7 | | | | | | | 3 | 6 | | | 4 | 8 | | 5 |
| A | | 5 | | | | 4 | | 9 | E | 1 | | 2 | | |
| | | | | 4 | | | | A | | B | C | 6 | 1 | |
| 9 | | 8 | | 6 | | 5 | | 2 | | A | | B | 7 | |
| | E | 6 | 7 | | | C | | 1 | | | | 0 | 5 | |
| | | | | 1 | 2 | | | | | | 6 | | | |
| 3 | 8 | E | | | | | | 5 | | | B | | | D |
| | 5 | | | | 6 | | D | C | | 7 | | | | E |
| D | | | A | | | | | | 2 | 5 | | | | |
| | | | | | C | | | | | | A | 9 | | |
| | C | 1 | | | | | 2 | | | | | | 4 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | 3 | 1 | 7 | C | B | 8 | 9 | 4 | 0 | E | A | 6 | 2 |
| 7 | 9 | E | D | 0 | 3 | 5 | 4 | 6 | 2 | A | 8 | B | 1 | C |
| 0 | 4 | 8 | A | 5 | B | 3 | 2 | C | 1 | D | 6 | 9 | E | 7 |
| 6 | C | B | E | 2 | 4 | A | 7 | 1 | 9 | 3 | 5 | 0 | D | 8 |
| 2 | 1 | A | 8 | 9 | 6 | 0 | D | E | B | 7 | C | 5 | 3 | 4 |
| A | B | 5 | 7 | 3 | 1 | 4 | E | 0 | 8 | 2 | D | C | 9 | 6 |
| 1 | 2 | 7 | 5 | C | 9 | 8 | 6 | D | 3 | 4 | B | E | A | 0 |
| 4 | 0 | 6 | B | E | D | C | 9 | 3 | 7 | 5 | A | 2 | 8 | 1 |
| C | 8 | 9 | 0 | 4 | 2 | 7 | 5 | A | E | 6 | 1 | 3 | B | D |
| E | 3 | D | 6 | 8 | A | 2 | 1 | B | 0 | C | 9 | 4 | 7 | 5 |
| B | 6 | 0 | 3 | D | 7 | 1 | C | 5 | A | 9 | 4 | 8 | 2 | E |
| 5 | E | 1 | 9 | B | 0 | 6 | A | 2 | C | 8 | 7 | D | 4 | 3 |
| 3 | 7 | C | 4 | A | E | 9 | 0 | 8 | D | 1 | 2 | 6 | 5 | B |
| 9 | D | 4 | 2 | 6 | 8 | E | 3 | 7 | 5 | B | 0 | 1 | C | A |
| 8 | A | 2 | C | 1 | 5 | D | B | 4 | 6 | E | 3 | 7 | 0 | 9 |

ଗତକାଲିର ଉତ୍ତର

# ମଣିଷ ମୁଣ୍ଡର ମୂଲ୍ୟ



**ଚିତ୍ର ଚରିତ୍ର**

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜଧାନୀର ରାଜରାସ୍ତା ଉପରେ ହାତରେ ଖଣ୍ଡାଧରି ନିର୍ମମ ଭାବେ ଜଣେ ନିରୀହ ଲୋକକୁ ହାଣି ପକାଉଥିବା ସେଇ ଦୁର୍ଦ୍ଧର୍ଷ ଆତତାୟୀକୁ ଯେଉଁମାନେ ଟିଭି ପରଦାରେ ଅବା ସାମାଜିକ ଗଣମାଧ୍ୟମରେ ଦେଖିଛନ୍ତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ସୁଦୂର ତୁମୁଡିବନ୍ଧରେ ଲୁଚିଥିବା ବେଳେ ସେଠାରୁ ଧରିଆଣି ପୋଲିସ ଜେରା କରିବା ଘଟଣା ଉପରେ ନଜର ରଖିଛନ୍ତି, ସେମାନେ ଜାଣିବେ ଜଣେ ମଣିଷ ମୁଣ୍ଡର ମୂଲ୍ୟ କେତେ! ପ୍ରଥମେ ଦଶ ହଜାର ଓ ମୁଣ୍ଡ କାଟି ସାରିଲା ପରେ ବାକି ଚାଳିଶ ହଜାର, ଏମିତି ସର୍ବମୋଟ ପଚାଶ ହଜାର ଟଙ୍କା ହେଉଛି ସେଇ ହତଭାଗ୍ୟ ମିଠା ଦୋକାନୀଟିର ମୁଣ୍ଡର ମୂଲ୍ୟ । ଅବଶ୍ୟ ଏ ପ୍ରକାର ଦର ନିର୍ଦ୍ଧାରଣ ସ୍ଥାନ, କାଳ ଓ ପାତ୍ର ବିଶେଷରେ ଭିନ୍ନ ଭିନ୍ନ ହୋଇଥିବ ବୋଲି ବିଶ୍ୱାସ କରାଯାଏ । ରାସ୍ତାକଡ଼ରେ ମିଠା ବିକୁଥିବା ମାମୁଲି ଲୋକଟିର ମୁଣ୍ଡ ଯଦି ପଚାଶ ହଜାର ହୁଏ ତେବେ ଶୀତତାପ ନିୟନ୍ତ୍ରିତ ସୁନା ଦୋକାନ ମାଲିକଙ୍କର ମୂଲ୍ୟ ନିଶ୍ଚୟ ସେହି ଅନୁସାରେ କେଇ ଲକ୍ଷ ହୋଇଥିବ !!

ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଟି ଶେଷ ହୋଇଗଲା ସିନା ଜଣେ ଗରିବ ରାସ୍ତାକଡ ଦୋକାନୀର ମୁଣ୍ଡ ଗଡିବାରେ, ମାତ୍ର ଆରମ୍ଭ ହୋଇଥିଲା ଦୁଇ ପ୍ରକାର ମୁଣ୍ଡର ମୂଲ୍ୟ ନିର୍ଦ୍ଧାରଣରେ । ହତ୍ୟାର ଶିକାର ହୋଇଥିବା କଥିତ ଦୋକାନୀଟି ପ୍ରଥମେ ଥିଲା ଜଣେ ମିଠା କାରିଗର ଓ ମାସିକ ଦରମା ସୂତ୍ରରେ ଏକ ମିଠା ଦୋକାନରେ କାମ କରୁଥିଲା। କରୋନା କାଳର କଟକଣା ମଧ୍ୟରେ ଦୋକାନ ବନ୍ଦ ହୋଇଯିବାରୁ ରୋଜଗାର ହରାଇ ଘରେ ବସି ରହିଲା। ଅଭିଶପ୍ତ ଦାରିଦ୍ର୍ୟ ସହ ମୁକାବିଲା କରି ନ ପାରି ଅନ୍ୟ ଲକ୍ଷ ଲକ୍ଷ ପ୍ରବାସ ଫେରନ୍ତାଙ୍କ ପରି ଭୁବନେଶ୍ୱର ଛାଡି ସପରିବାର ଗାଁକୁ ପଳାଇଥିଲା । ମାତ୍ର ଯେତେବେଳେ ଜୀବନ ଓ ଜୀବିକାର ଦ୍ୱନ୍ଦ୍ୱ ମଧ୍ୟରେ ଉବୁଟୁବୁ ହୋଇ ସରକାର ଭୂତାଣୁର ଭୟଠାରୁ ଭୋକର ଜ୍ୱାଳାକୁ ବଡ ମନେକଲେ ଓ ସ୍ୱାଭାବିକତା ଫେରାଇ ଆଣିବାକୁ ବନ୍ଦ ତାଲା ଖୋଲି ଦେଲେ ସେତେବେଳେ ପେଟ ପୋଷିବା ପାଇଁ ପୁଣି ଥରେ ରାଜଧାନୀକୁ ଫେରି ଆସିଲା ଶମ୍ଭୁ ନାମକ ସେଇ ମିଠାମିସ୍ତ୍ରି । କିନ୍ତୁ ସେ ଯେଉଁ ଦୋକାନରେ ଚାକିରି କରିଥିଲା, ସେଇ ଦୋକାନ ନ ଖୋଲିବାରୁ ଓ ବିନା ରୋଜଗାରରେ ପରିବାର ପ୍ରତିପୋଷଣ ଅସମ୍ଭବ ହୋଇ ପଡିବାରୁ ରାସ୍ତା କଡରେ ପାଲଟଣା ଦୋକାନଟିଏ ଦେଇ ମିଠା ବିକିବାକୁ ଆରମ୍ଭ କଲା । ନିଜ ଉତ୍ପାଦନର ଗୁଣବତ୍ତା ପାଇଁ ଅଳ୍ପ ଦିନରେ ତା' ବେପାର ଜମିଗଲା।

ଏଇଠୁ ଆରମ୍ଭ ହେଲା ଶମ୍ଭୁ ମୁଣ୍ଡର ମୂଲ୍ୟ ନିର୍ଦ୍ଧାରଣ । ନିର୍ଦ୍ଧାରକ ହେଲେ ସେ ପୂର୍ବରୁ ଯେଉଁ ଦୋକାନରେ ଚାକିରି କରିଥିଲା, ସେହି ଦୋକାନର ମାଲିକ ଓ ତାଙ୍କର ପୁଅ ନାତିମାନେ । ସେମାନଙ୍କ ନଜର ଶମ୍ଭୁ ଥିଲା ଏକ ଶ୍ରମିକ ଓ ସେମାନେ ଥିଲେ ତା'ର ମାଲିକ । ଶ୍ରମିକରୁ ଅଚାନକ ମାଲିକ ହୋଇଯାଇ ଆସ୍ତେ ଆସ୍ତେ ସ୍ୱଚ୍ଛଳ ହୋଇ ଉଠୁଥିବା ଶମ୍ଭୁର ଏହି ଉତ୍ତରଣକୁ ସେମାନେ ସହ୍ୟ କରିବାକୁ ପ୍ରସ୍ତୁତ ନ ଥିଲେ । ସେମାନେ ଶମ୍ଭୁକୁ ତା' ଦୋକାନ ବନ୍ଦ କରି ପୂର୍ବ ପରି ସେମାନଙ୍କ ଦୋକାନରେ କାମ କରିବାକୁ ବାରମ୍ବାର ଚାପ ପ୍ରୟୋଗ କଲେ । ମାତ୍ର ଥରେ ସ୍ୱାଧୀନତାର ସ୍ୱାଦ ଚାଖିଥିବା ତଥା ଆର୍ଥିକ ସ୍ୱଚ୍ଛଳତା ଦିଗରେ ଧାବମାନ ହେଉଥିବା ଶମ୍ଭୁ ଇତି ମଧ୍ୟରେ ନିଜ ମୁଣ୍ଡର ମୂଲ୍ୟ ବୃଦ୍ଧି ସମ୍ପର୍କରେ ସଚେତନ ହୋଇଥିବାରୁ ତା' ନିଜ ଢଙ୍ଗରେ ଏ ପ୍ରକାର ଚାପକୁ ପ୍ରତିହତ କରି ଚାଲିଲା । ଏକପକ୍ଷରେ ଶମ୍ଭୁର ଅବର୍ତ୍ତମାନରେ ସେମାନଙ୍କ ବେପାରରେ ବ୍ୟାପକ ହ୍ରାସ ଓ ଅନ୍ୟପକ୍ଷରେ କାଲିର ଶ୍ରମିକ ଆଜି ସେମାନଙ୍କ ସମାସ୍କନ୍ଦ ହେବା ଭଳି ଅସହ୍ୟ ଅତୃପ୍ତି । ଶେଷରେ ଶମ୍ଭୁର ମୁଣ୍ଡ କାଟିବାକୁ ନିଷ୍ପତ୍ତି ନେଲେ ସେମାନେ । ସୁପାରି ଦିଆଗଲା ପେସାଦାର ହତ୍ୟାକାରୀକୁ । ଦର ଛିଡିଲା ପଚାଶ ହଜାର ।

ଏ ତ ଆମ ରାଜଧାନୀର ଛାତି ଉପରେ ଦିନ ଦ୍ୱିପ୍ରହରରେ ଲୋକଙ୍କ ଭିଡ ଓ କୋଳାହଳ ମଧ୍ୟରେ ସଙ୍ଗଠିତ ହୋଇଥିବା ଏକ ଦୁଃସାହସିକ ମୁଣ୍ଡକାଟର ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ । ମାତ୍ର ଆମ ଜ୍ଞାନ ପରିସର ବାହାରେ ସମଗ୍ର ବିଶ୍ୱରେ ଏମିତି ବେଶ୍ କିଛି ମୁଣ୍ଡ ଗଡି ଚାଲିଛି, ଭିନ୍ନ ଭିନ୍ନ ଦରରେ ସେସବୁ ମୁଣ୍ଡର ମୂଲ୍ୟ ନିର୍ଦ୍ଧାରିତ ହୋଇ । ଦୂର ଗାଁର ଜମିଜମା ଝଗଡାଠୁଁ ନେଇ ମୁମ୍ବାଇ ମହାନଗରୀର ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱିତା ଯାଏଁ, ପୁଣି ଭୁବନେଶ୍ୱର ଶ୍ରୀଜିପ ଠାରୁ ଆରମ୍ଭ କରି କେତେବେଳେ ଦୁବାଇ ତ କେତେବେଳେ ପାକିସ୍ତାନରେ ରହି ଭାରତର ବହୁ ହସ୍ତୀଙ୍କ ମୁଣ୍ଡର ମୂଲ୍ୟ ନିର୍ଦ୍ଧାରଣ କରୁଥିବା ଦାଉଦ ଇବ୍ରାହିମ ପର୍ଯ୍ୟନ୍ତ। ବହୁ ମୁଣ୍ଡ ବେପାରୀ ଏହି ବେପାର ପରିଚାଳନା କରି ଚାଲିଛନ୍ତି ବହୁଦିନ ଧରି, ବିନା ବାଧାବିଘ୍ନରେ।

କେଉଁଠି କେଇ ହଜାର ତ ଅନ୍ୟ କେଉଁଠି କେଇ ଲକ୍ଷଟଙ୍କା ବିନିମୟରେ ଅତି ସହଜରେ କାହାର ଜୀବନ ନେଇ ଯାଉଥିବା 'ସୁପାରି କିଲର' ଭାବେ ପରିଚିତ ଏଇ ଗୁଣ୍ଡାମାନଙ୍କ ମଧ୍ୟରୁ ଜଣେ ଥିଲା କାନପୁରର ରାଜୁ ଶ୍ରୀବାସ୍ତବ। ବହୁ ବର୍ଷ ତଳର କଥା। ଏମିତି ସେ କେତେ ଜୀବନ ନେଇଥିଲା ତା' ଜୀବନକାଳ ମଧ୍ୟରେ। ଅଜସ୍ର ଅର୍ଥ ଉପାର୍ଜନ କରିଥିଲା ଛୁରି ଓ ବନ୍ଧୁକ ଚଳାଇ। ଦିନେ ସେ ଡାକରା ପାଇଲା ଜଣେ ଧନବାନ ସେଠଙ୍କଠାରୁ। ପ୍ରତିପକ୍ଷର ଜଣେ ବ୍ୟବସାୟୀର ମୁଣ୍ଡ ନେବା ପାଇଁ ତାକୁ ମିଳିବ ଦୁଇ ଲକ୍ଷ ଟଙ୍କା। ତା' ପାଇଁ କଥାଟି କିଛି ବଡ଼ କାମ ନ ଥିଲା। ତଥାପି ସେ ଦର ବଢ଼ାଇ ତିନିଲକ୍ଷରେ ପହଞ୍ଚିଗଲା ଓ ସବୁ ଟଙ୍କା ଅଗ୍ରିମ ଭାବେ ହାତେଇ ନିଜ ମିଶନ୍‌ରେ ବାହାରିଗଲା। ଯାହାଙ୍କର ସେ ଜୀବନ ନେବ, କିଛିଦିନ ତାଙ୍କର ଗତିବିଧି ଲକ୍ଷ୍ୟ କଲା କୁଖ୍ୟାତ ରାଜୁ ଶ୍ରୀବାସ୍ତବ। ଦେଖିଲା, ଲୋକ ଜଣକ ଅତି ସାଦାସିଧା। ସ୍ୱର୍ଗର ଶାନ୍ତି ବିରାଜୁଥିବା ସୁନ୍ଦର ଏକ ପରିବାର ତାଙ୍କର। ସେ ହସିଲେ ତାଙ୍କର ପରିବାରରେ ଆନନ୍ଦର ଲହରି। ସେ ବିଷଣ୍ଣ ହେଲେ ସଭିଙ୍କ ମନରେ ବିଷାଦ। ଏ ପ୍ରକାର ଆବେଗରେ ଆଦୌ ଦୁର୍ବଳ ହେବାକୁ ଶିଖି ନ ଥିବା ରାଜୁ ନିଜକୁ ନିଜେ ବୁଝାଇ ଦେଲା, ତଥାପି ତାଙ୍କୁ ମରିବାକୁ ପଡ଼ିବ। କେବଳ ଏଥିପାଇଁ ଯେ ତାଙ୍କ ପ୍ରତିପକ୍ଷ ନିଜ ଇଚ୍ଛାରେ ଜୀବନଙ୍କୁ ମୃତ୍ୟୁରେ ରୂପାନ୍ତରିତ କରିଥିବାଭଳି ପରାକ୍ରମର ଅଧିକାରୀ। ଗୋଟିଏ ମୁଣ୍ଡ ପାଇଁ ତିନିଲକ୍ଷ ଖର୍ଚ୍ଚ କରିପାରୁଥିବା ଭଳି ଧନପତି।

କାହିଁକି କେଜାଣି, ସବୁବେଳେ ଜୀବନଠୁ ଅର୍ଥକୁ ବଡ଼ ବିଚାରୁଥିବା ସେହି ହତ୍ୟାକାରୀ ପ୍ରଥମ କରି ଅର୍ଥର ଅସାରତା ଅନୁଭବ କରି ଜୀବନର ଜୟଗାନ କରିବାକୁ ଲାଗିଲା। ପରଦିନ ଯାହାଙ୍କୁ ସେ ମାରିବା ପାଇଁ ତିନିଲକ୍ଷ ଟଙ୍କା ପାଇଥିଲା, ତାଙ୍କ ଆଗରେ ଉପସ୍ଥିତ ହୋଇ ସେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲା ଓ ଗର୍ଜନ କରି କହିଲା "ପ୍ରଚୁର ଟଙ୍କା ଅଛି ବୋଲି ଜଣେ କ'ଣ ଦୁଇଜଣଙ୍କ ମୁଣ୍ଡ କିଣିନେବ? ଜଣଙ୍କୁ ହତ୍ୟା କରିବା ପାଇଁ ଓ ଅନ୍ୟ ଜଣଙ୍କୁ ହତ୍ୟା କରାଇବା ପାଇଁ? ଟଙ୍କା ଥିବା ଲୋକମାନେ କ'ଣ କାଳେ କାଳେ ଜୀବନର ସୌଦାଗର ସାଜି ଆମକୁ ପୋକମାଛି ପରି ଜ୍ଞାନ କରୁଥିବେ? ନା ବହୁତ ହୋଇଗଲା। ଏଣିକି ଆଉ ନୁହେଁ।"

ମୋ ଜୀବନ ନେବା ପାଇଁ ପାଇଥିବା ସେଇ ତିନିଲକ୍ଷ ଟଙ୍କା ତୁମେ କ'ଣ ଫେରାଇ ଦେବ ସେଇ ସେଠଙ୍କୁ? ପଚାରିଲେ ସେଇ ଲୋକ, ଯିଏ ସେତେବେଳକୁ ରାଜୁ ହାତରେ ପରଲୋକ ପ୍ରାପ୍ତ ହୋଇ ସାରିଥାନ୍ତେ। ମାତ୍ର ଏମିତି ଏକ ପ୍ରଶ୍ନରେ ହସି ଉଠିଲା ରାଜୁ ଓ କହିଲା, "ସାଧୁତାର ଶୀର୍ଷତମ ସୋପାନକୁ ଏତେ ସହସା ଉଠିଯିବି ବୋଲି କାହିଁକି ଆଶା କରୁଛୁ। ମୁଁ ଏବେ ବି ସଇତାନଟାଏ। ଯେଉଁ ଲୋକ ଗୋଟିଏ ମଣିଷ ମାରିବା ପାଇଁ ଅକାତରେ ତିନିଲକ୍ଷ ଖର୍ଚ୍ଚ କରିପାରେ, ସେଭଳି ସଇତାନର ବିଶ୍ୱସ୍ତ ହେଲା ଭଳି ସାଧୁ ପୁରୁଷ ମୁଁ ନୁହେଁ। ମୁଁ ଜାଣେ ସେ ମୋତେ ଟଙ୍କା ମାଗିପାରିବ ନାହିଁ କି ଆଇନ ଆଗରେ ଫେରାଦ ହୋଇପାରିବ ନାହିଁ। କେବଳ ଗୋଟାଏ ଭୁଲ୍ ଲୋକ ହାବୁଡ଼ରେ ପଡ଼ି ତିନିଲକ୍ଷ ବରବାଦ ହୋଇଗଲା। ଭାବି ପୁଳାଏ ଅବସୋସ ପ୍ରକଟ କରିବା।

କେଇକ୍ଷଣ ମଧ୍ୟରେ ଯେଉଁ ହତ୍ୟାକାରୀ ହାତରେ ନିର୍ବାପିତ ହୋଇଥାନ୍ତା ତାଙ୍କର ଜୀବନର ଦୀପ, ତା' ମୁହଁରୁ ଏ ସବୁ ଶୁଣି ସେଇ ଲୋକ ଜଣଙ୍କୁ ଲାଗୁଥିଲା ସଇତାନ ମୁହଁରୁ ବେଦପାଠ ଶୁଣିଲା ପରି। ସେ ତାକୁ ଅତି ଆବେଗରେ କୁଣ୍ଢାଇ ପକାଇଲେ। ତାଙ୍କ ଉଷ୍ମ ଆଲିଙ୍ଗନରେ ରାଜୁ ପ୍ରଥମ ଥର ପାଇଁ ଅନୁଭବ କରୁଥିଲା କାହାର ଜୀବନ ନେବାଠାରୁ କାହାକୁ ଜୀବନ ଦେବାର ସେଇ ଭିନ୍ନ ଅନୁଭବ। କାନପୁରର ସେଇ ଦୁର୍ଦ୍ଧର୍ଷ ସୁପାରି କିଲରର ଏହି ଚରିତ୍ର ପରିବର୍ତ୍ତନ ସମ୍ପର୍କରେ ଏକ ଚମତ୍କାର ଆଲେଖ୍ୟ ଲେଖିଥିଲେ ତତ୍‌କାଳୀନ ପୋଲିସ ଡି.ଆଇ.ଜି. ବିଶ୍ୱେଶ୍ୱର ଶର୍ମା, ଯାହାର ଉପସଂହାର ଥିଲା ବେଶ୍ ଭାବନା ଉଦ୍ରେକକାରୀ। ଉପସଂହାରରେ ଶର୍ମା ଲେଖିଥିଲେ, ଅଜସ୍ର ଅର୍ଥବଳରେ ଆସୁରିକ ପ୍ରଭାବ ଆଗରେ ମଣିଷ ଭିତରେ ଥିବା ଦିବ୍ୟଜ୍ଞାନ କିଛି ସମୟ ପାଇଁ ପ୍ରଭାବହୀନ ହୋଇପଡେ ସିନା, ସବୁଦିନ ପାଇଁ ମଳିନ ପଡିଯାଏ। ଆଶା କରିବା, ମାତ୍ର ଦଶହଜାର ଟଙ୍କା ବିନିମୟରେ ଶମ୍ଭୁର ଜୀବନ ନେଇଥିବା ଶ୍ରୀଜିପ ବିଶ୍ୱାଳ ଭିତରେ ଏହି ଦିବ୍ୟଜ୍ଞାନର ଉନ୍ମେଷ ଘଟିବ ଓ ଭବିଷ୍ୟତରେ ଆଉ କେଉଁ ଶମ୍ଭୁର ମୁଣ୍ଡ ଗଡ଼ିବ ନାହିଁ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର,
ମୋ: ୯୭୭୬୭୭୭୧୫୦

# ଲୋକପ୍ରିୟ ପ୍ରଧାନମନ୍ତ୍ରୀ

**ବ୍ୟକ୍ତିତ୍ୱ**



ଜସିଣ୍ଡା ଆର୍ଡେର୍ନ

ଜସିଣ୍ଡା ଆର୍ଡେର୍ନ ମାତ୍ର ୩୭ ବର୍ଷ ବୟସରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। ଏବେ ତାଙ୍କୁ ମାତ୍ର ୪୦ ବର୍ଷ ଓ ସେ ଦ୍ୱିତୀୟ ଥର ପାଇଁ ସାଧାରଣ ନିର୍ବାଚନରେ ବିପୁଳ ବିଜୟ ହାସଲ କରି ସେହି ଦେଶର ପ୍ରଧାନମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଧାରୀ ହୋଇପାରିଛନ୍ତି। କରୋନା ଭାଇରସ୍‌କୁ ନିୟନ୍ତ୍ରଣ କରିବାରେ ତାଙ୍କ ସରକାର ସଫଳ ହୋଇଥିବାରୁ ତାଙ୍କ ଦଳ ଲେବର ପାର୍ଟି ପ୍ରତି ଜନମତ ବୃଦ୍ଧି ପାଇଛି। ୨୦୧୭ରେ ଦେଶର ପ୍ରଧାନମନ୍ତ୍ରୀ ହେବାଠାରୁ ସେ କୌଣସି ଜନମଙ୍ଗଳ କାର୍ଯ୍ୟ କରିନାହାନ୍ତି ବୋଲି ବିରୋଧୀ ଯେଉଁ ଅଭିଯୋଗ ଆଣିଥିଲେ ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। ୧୭ ଅକ୍ଟୋବରରେ ୭୨ ପ୍ରତିଶତ ଭୋଟ ଗଣନା କରାଯାଇଥିଲା ଓ ସେଥିରେ ଜସିଣ୍ଡାଙ୍କ ଲେବର ପାର୍ଟି ୪୯ ପ୍ରତିଶତ ଭୋଟ ପାଇ ସର୍ବାଗ୍ରେ ରହିଛି। ୧୯୩୦ ପରଠାରୁ ଲେବର ପାର୍ଟିର ଏଭଳି ବିଜୟ ହୋଇ ନ ଥିଲା ବୋଲି କୁହାଯାଉଛି। ବିଜୟ ରାସ୍ତା ଦେଖାଦେବା ପରେ ସେ କହିଛନ୍ତି ଯେ, କରୋନା ଭୂତାଣୁ ଯୋଗୁ ଦେଶର ଅର୍ଥନୀତି ଦୁର୍ବଳ ହୋଇଯାଇଥିବାରୁ ତାହାକୁ ସୁଦୃଢ଼ କରିବା ଲାଗି ଦେଶବାସୀ ତାଙ୍କୁ ସମର୍ଥନ ଦେଇଛନ୍ତି। ସେ ସେହି ଚିନ୍ତାବଳକୁ ଉପଯୋଗ କରି ମହାମାରୀ ପ୍ରତିହତ କରିବାରେ ପୂର୍ଣ୍ଣପ୍ରାଣେ ଚେଷ୍ଟା କରିବେ। ଏଥିସହିତ ସମାଜରେ ଦେଖାଦେଉଥିବା ସାମାଜିକ ଅସମାନତା ଦୂର କରିବା ଲାଗି ଆଗକୁ କାର୍ଯ୍ୟ କରିବେ ବୋଲି ଜସିଣ୍ଡା କହିଛନ୍ତି। କରୋନା ଭାଇରସ୍ ପରିଚାଳନାରେ ସରକାର ବିଫଳ ହୋଇଛନ୍ତି କହି ନିର୍ବାଚନ ପ୍ରଚାର କରୁଥିବା ନ୍ୟାଶନାଲ ପାର୍ଟି ମାତ୍ର ୨୭ ପ୍ରତିଶତ ଭୋଟ ପାଇ ୨୦୦୨ ପରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା କୁହାଯାଉଛି। ଅନ୍ୟ ଏକ ରାଜନୈତିକ ଦଳ ଗ୍ରୀନ୍ ପାର୍ଟି କେବଳ ୭.୬ ପ୍ରତିଶତ ଭୋଟ ପାଇଛି। ବିପୁଳ ବିଜୟ ପରେ ଜସିଣ୍ଡା କହିଛନ୍ତି ଯେ, ସ୍ଥିତି ଦେଖି ସେ ଗ୍ରୀନ୍ ପାର୍ଟିକୁ ସରକାରରେ ସାମିଲ କରିବା ନେଇ ଚିନ୍ତା କରିବେ। କମ୍ ବର୍ଷ ବୟସରେ ଦ୍ୱିତୀୟ ବଡ଼ ସଫଳତା ପାଇଥିବାରୁ ଜସିଣ୍ଡାଙ୍କ ବ୍ୟକ୍ତିତ୍ୱ ବିଷୟରେ ଚାରିଆଡ଼େ ଚର୍ଚ୍ଚା ହେଉଛି।

ହାମିଲଟନ୍‌ରେ ୨୬ ଜୁଲାଇ ୧୯୮୦ରେ ଜସିଣ୍ଡା ଜନ୍ମଗ୍ରହଣ କରିଥିଲେ। ସେ ମୋରିନ୍‌ସ୍‌ଭିଲ୍ଲେ ଓ ମୁରୁପାରାରେ ବଢ଼ିଥିଲେ। ମୁରୁପାରାର ଷ୍ଟେଟ୍ ସ୍କୁଲରେ ସେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। ୨୦୦୧ରେ ୱିକାଟୋ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହେଲେନ୍ କ୍ଲାର୍କଙ୍କ କାର୍ଯ୍ୟାଳୟରେ ଜଣେ ଗବେଷିକା ଭାବେ ନିଯୁକ୍ତ ହୋଇଥିଲେ। ପରେ ଲଣ୍ଡନ ଯାଇ ସେଠାରେ କାର୍ଯ୍ୟ କରିଥିଲେ। ସେହି ସମୟରେ ସେ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଅଫ୍ ସୋସିଆଲିଷ୍ଟ ୟୁଥ୍‌ର ସଭାପତି ନିର୍ବାଚିତ ହୋଇଥିଲେ। ସେଥିରେ ନେତୃତ୍ୱ ନେବା ବେଳେ ସେ ଅନ୍ତର୍ଜାତୀୟ ସ୍ତରର ରାଜନୈତିକ ବାତାବରଣକୁ ବୁଝିପାରିଥିଲେ। ଫଳରେ ନିଜ ଦେଶର ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବାକୁ ପ୍ରେରଣା ପାଇଥିଲେ। ଜସିଣ୍ଡାଙ୍କ ପିଉସୀ ମେରି ଅର୍ଡେର୍ନ। ତାଙ୍କୁ ରାଜନୀତିକୁ ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମେରି ନ୍ୟୁ ପ୍ଲିମାଉଥ୍ ନିର୍ବାଚନ ପ୍ରଚାର କଲା ବେଳେ ଜସିଣ୍ଡା ତାଙ୍କୁ ସାହାଯ୍ୟ କରିଥିଲେ। ତେବେ ଜସିଣ୍ଡା ଯେତେବେଳେ ଲେବର ପାର୍ଟିରେ ଯୋଗ ଦେଇଥିଲେ ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ୨୦୦୮ ନିର୍ବାଚନ ପୂର୍ବରୁ ସେ ଲେବର ପାର୍ଟି ତାଲିକାର ୨୦ତମ ସ୍ଥାନରେ ରହି ରାଜନୈତିକ ମହଲରେ ଯୁବ ଦକ୍ଷତା ପ୍ରତିପାଦନ କରିପାରିଥିଲେ। ଜଣେ କାର୍ଯ୍ୟକାରୀ ଏମ୍‌ପି ନ ହୋଇ ସେ ଯେଉଁ ସ୍ତରରେ ପହଞ୍ଚିପାରିଥିଲେ ତାହା କମ୍ ରାଜନେତାଙ୍କ ଭାଗ୍ୟକୁ ଜୁଟିଥାଏ। ହେଲେ ପ୍ରାରମ୍ଭିକ ଅବସ୍ଥାରେ ଭୋଟ ରାଜନୀତିରେ ସେ ବିଫଳ ହୋଇଥିଲେ। କିନ୍ତୁ ଲେବର ପାର୍ଟି ତାଲିକାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଭାବେ ସ୍ଥାନ ପାଇଥିବାରୁ ସେହି ଅନୁଯାୟୀ ତାଙ୍କୁ ପାର୍ଲାମେଣ୍ଟକୁ ପ୍ରବେଶ କରିବାର ଅନୁମତି ମିଳିଥିଲା। ଏଥିସହିତ ସେ ଦେଶର ସର୍ବକନିଷ୍ଠା ଏମ୍‌ପି ହୋଇପାରିଥିଲେ। ୨୦୧୧ରେ ସେ ପୁଣି ଅକ୍‌ଲାଣ୍ଡ ସେଣ୍ଟ୍ରାଲରୁ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ସେଥିରେ ପୁନଶ୍ଚ ବିଫଳ ହେବା ପରେ ପାର୍ଟି ଲିଷ୍ଟ ଦେଇ ପାର୍ଲାମେଣ୍ଟକୁ ଯାଇଥିଲେ। ସେତେବେଳକୁ ସେ ପାର୍ଟି ତାଲିକାର ୧୩ତମ ସ୍ଥାନରେ ରହିଥିଲେ। ସାଙ୍ଗଠନିକ ଦକ୍ଷତା ତାଙ୍କୁ ଦଳର ମୁଖପାତ୍ର ସ୍ତରକୁ ନେବା ସହ ତାଲିକାର ୪ର୍ଥ ସ୍ତରକୁ ଉନ୍ନୀତ କରିଥିଲା। କିନ୍ତୁ ଭାଗ୍ୟଦେବୀ ସହାୟ ହେବା ପରେ ଜସିଣ୍ଡା ୨୦୧୭ରେ ମାଉଣ୍ଟ ଅଲବର୍ଟ ଉପନିର୍ବାଚନରେ ବିଜୟୀ ହୋଇଥିଲେ। ୨୦୧୭ ମାର୍ଚ୍ଚ ୧ରେ ସେ ଲେବର ପାର୍ଟିର ଡେପୁଟି ଲିଡର ହୋଇଥିଲେ। ଲେବର ପାର୍ଟିର ନେତା ଆଣ୍ଡ୍ରୁ ଲିଟିଲଙ୍କ ସପକ୍ଷରେ କମ୍ ସମର୍ଥନ ରହିବା ପରେ ଜସିଣ୍ଡା ନିର୍ବିବାଦୀୟ ନେତ୍ରୀ ଭାବେ ଉଭା ହୋଇ ଦେଶର ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ ହୋଇଥିଲେ। ଏବେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରେ ସେ ନିଜ ରାଜନୈତିକ ଅଭିଜ୍ଞତାକୁ ଦେଶ କଲ୍ୟାଣ ଦିଗରେ ବିନିଯୋଗ କରିବେ ବୋଲି କହିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ତାମିଲନାଡୁ ତ୍ରିଚି ସହରର ଏକ ମିଠା ଦୋକାନ ବ୍ୟବସାୟ କରିବା ସହ ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେଉଛି। ଏହି ଦୋକାନ ୧୦୫ ବର୍ଷର। ତିନିପିଢ଼ି ହେବ ଏଠାରେ ମିଠେଇ ବିକ୍ରି ହୋଇ ଆସୁଛି। ଏବକାର ପିଢ଼ି କାନନ ଏବଂ ରବିଚନ୍ଦ୍ରନ ଦୋକାନ ସମ୍ଭାଳୁଛନ୍ତି। ବଡ଼କଥା ହେଉଛି ଏହି ଦୋକାନରେ ମିଠେଇକୁ ବାଉଁଶ ପାଛିଆରେ ପ୍ୟାକ୍ କରି ଗ୍ରାହକମାନଙ୍କୁ ଦିଆଯାଉଛି। ମିଠେଇ ଦୋକାନର ନାମ ରଖାଯାଇଛି 'ୟାନାଇ କୋଡାଇ ମିଠାଇ କଡାଇ'। ତାମିଲ ଭାଷାରେ ୟାନାଇ ଅର୍ଥ ହାତୀ। ହାତୀ ବଡ଼ ଜୀବ ହୋଇଥିବାରୁ ଏଠାରେ ବି ବଡ ବଡ ମିଠାଇ ତିଆରି କରାଯାଉଛି। କୋଡାଇ ମିଠାଇ କଡାଇ ଅର୍ଥ 'ବାସ୍କେଟ ସୁଇଟ୍ ସପ୍'। ବାଉଁଶ ପାଛିଆ ସେମାନେ ସ୍ଥାନୀୟ କାରିଗରଙ୍କ ପାଖରେ ତିଆରି କରି ପାରମ୍ପରିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ସେମାନଙ୍କୁ ଦୈନିକ ରୋଜଗାର ଯୋଗାଇ ଦେଇଛନ୍ତି। ପାଖାପାଖି ୧୦ଟି ପରିବାର ମାସକୁ ଆବଶ୍ୟକ ହଜାର ହଜାର ପାଛିଆ ତିଆରି କରି ଯୋଗାଉଛନ୍ତି । ଦୋକାନରେ ମିଠେଇକୁ ପ୍ରଥମେ କାଗଜରେ ରଖି ପରେ ତାହାକୁ ବାଉଁଶ ପାଛିଆରେ ପ୍ୟାକ୍ କରାଯାଉଛି। ୧୦୫ ବର୍ଷର ପୁରୁଣା ଏହି ଦୋକାନରେ କାନନଙ୍କ ପୂର୍ବ ପିଢି କାଗଜ ବଦଳରେ କଦଳୀ ପତ୍ର ଉପଯୋଗ କରୁଥିଲେ। କିନ୍ତୁ ତାହା ଏବେ ସୁବିଧାରେ ମିଳୁ ନ ଥିବାରୁ ସେମାନେ କାଗଜ ବ୍ୟବହାର କରୁଛନ୍ତି। ବାଉଁଶ ପାଛିଆ ପାଇଁ ସେମାନେ ଗ୍ରାହକଙ୍କ ଠାରୁ କୌଣସି ଦେୟ ନେଉନାହାନ୍ତି। ତ୍ରିଚିକୁ ଯେଉଁମାନେ ବୁଲି ଯାଆନ୍ତି ସେମାନେ ଏହି ଦୋକାନରୁ ମିଠାଇ ଆଣିବାକୁ ଭୁଲୁନ୍ତିନି।

## ୨୫ ବର୍ଷ ତଳର ଧରିତ୍ରୀ

**୧୮ ଅକ୍ଟୋବର ୧୯୯୫**

- କରାଚୀ ସହରରେ ବ୍ୟାପକ ହିଂସାକାଣ୍ଡ ଘଟି ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବାସିର ଅହମ୍ମଦ ଖାଁଙ୍କ ସମେତ ୧୨ ନିହତ।
- ଜାଫ୍‌ନା ଉପଦ୍ୱୀପ ଅଭିଯାନ ବେଳେ ସିଂହଳି ସୈନ୍ୟଙ୍କ ଆକ୍ରମରେ ୧୦୦ ଜଣ ବିଦ୍ରୋହୀ ଗରିଲା ପ୍ରାଣ ହରାଇଛନ୍ତି।
- ହାଓ୍ୱାଡ଼ା ଜିଲାର ଆମତା ନିକଟସ୍ଥ ମାନିକପୁରଠାରେ ଏକ ଘରୋଇ ବସ୍ ଖାଲକୁ ଓଲଟି ପଡ଼ିବାରୁ ୧୨ ଯାତ୍ରୀ ମୃତ।

## ଚିରନ୍ତନୀ

ତାହାରି କୁନ୍ତଳ ଧୋଇ
ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି
ଲହରୀରେ ଡାକେ
କେଉଁ ଦୂର ମାୟା–ଚକ୍ରବାଳେ !
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମତଦାତା ଯେଉଁଠି ନିଯୁକ୍ତିଦାତା

ମହାଶୟ,

ପୂର୍ବରୁ ରାଜନେତାମାନେ ବିଧାୟକ, ସାଂସଦ, ମନ୍ତ୍ରୀ ହେଲେ ସ୍ୱଳ୍ପ ବେତନ ପାଉଥିଲେ ହେଲେ ଜନତାଙ୍କର ବହୁବିଧ ଅଭାବ ଅସୁବିଧା କଥା ବୁଝୁଥିଲେ । ଅବସର ପରେ ମଧ୍ୟ ସେବା ଜାରି ରଖୁଥିଲେ। ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି, ବିଧାୟକ, ସାଂସଦ ସର୍ବୋପରି ମନ୍ତ୍ରୀ ହୋଇଗଲେ ସେମାନଙ୍କର ନିଜସ୍ୱ ସ୍ୱାର୍ଥ, ପରିବାର ତଥା ପାଞ୍ଚବର୍ଷ ମଧ୍ୟରେ କେତେ କ'ଣ ଅଧିକ କରିପାରିଛନ୍ତି ତାହା ହିଁ ସେମାନଙ୍କର ସଫଳତା। ମାସିକ ଦରମା, କାର୍ଯ୍ୟାଦେଶ ନିମନ୍ତେ ଶତକଡା ଦେୟ ଓ ବିଧାୟକ,ସାଂସଦ ମୋଟା ଅଙ୍କର ଅବସରକାଳୀନ ଭତ୍ତା ପାଇ ସୁଖୀ। ମାତ୍ର ସେମାନଙ୍କୁ ମତଦାନ କରି ଜିତାଇଥିବା ମତଦାତାମାନେ ମଧ୍ୟ ନିର୍ମଳ ନୁହନ୍ତି। ମତଦାନ ପୂର୍ବରୁ ଅର୍ଥ ଓ ବିଭିନ୍ନ ହିତସାଧନର ପ୍ରତିଶ୍ରୁତିରେ ହିଁ ସେମାନେ ମତଦାନ କରିଥିବାରୁ ପରବର୍ତ୍ତୀ ଅବସ୍ଥାରେ ସେମାନେ ଜନ ପ୍ରତିନିଧିଙ୍କୁ ଟାଣ କରି ପଦେ କଥା କହିବାର ନୈତିକତା ହରାଇଥାନ୍ତି। ବର୍ତ୍ତମାନ ଅବସ୍ଥାରେ ଅନୁସନ୍ଧାନ କରାଗଲେ ଦେଖାଯିବ ଅନେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମଧ୍ୟବିତ୍ତ ବ୍ୟକ୍ତିଙ୍କୁ ଉତ୍କୋଚ ନ ଦେବା କାରଣରୁ ଆବାସ ଯୋଜନାରେ ହିତାଧିକାରୀ କରାଯାଇନାହିଁ। ପାଇଖାନାରେ ଟାଙ୍କି ନାହିଁ ଅଥଚ ବିଲ୍ ପାସ ଫଟୋ ଦେଖି ହୋଇଯିବାରୁ ଲୋକମାନେ ଖୋଲାସ୍ଥାନରେ, ନଦୀ କେନାଲ ବନ୍ଧରେ ମଳତ୍ୟାଗ କରୁଥିବାର ଦୃଶ୍ୟ ବଡ ଦୁଃଖପ୍ରଦ ଲାଗେ।

ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ପୂର୍ବ ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନେହେରୁ ଯୁବକେନ୍ଦ୍ର ଉପଦେଷ୍ଟା କମିଟି ଗଠିତ

ବରଗଡ଼ ଅଫିସ,୧୭।୧୦: ବରଗଡ଼ ନେହେରୁ ଯୁବକେନ୍ଦ୍ରର ଏକ ଜିଲାସ୍ତରୀୟ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ରୋଶନ ଟଣ୍ଡନ, ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜଗୋପାଳ ଦାଶ, କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରା ସାହୁ, ଶିକ୍ଷାବିତ୍ ମୋହନ ସାହୁ, ସାମାଜିକକର୍ମୀ ତ୍ରିଲୋଚନ ଶତପଥୀ, ପ୍ରୀତି ପ୍ରଧାନ ପ୍ରମୁଖ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

### ବର୍ଷାଙ୍କ ଉଚ୍ଚଶିକ୍ଷାରେ ଅର୍ଥ ବାଧକ

ଲୋଇସିଂହା,୧୭।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଅନ୍ତର୍ଗତ ଧଉଁରାଦାଦର ଗାଁର ଛାତ୍ରୀ ବର୍ଷା ବିଶ୍ୱାଳ ଆର୍ଥିକ ଅଭାବରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେ ଲୋଇସିଂହା କଲେଜରୁ ଯୁକ୍ତ ୨ ପାସ୍ ପରେ ଯୁକ୍ତ ୩ରେ ନାମ ଲେଖାଇ ପାରି ନାହାନ୍ତି। ୨୦୧୯ ନଭେମ୍ବର ୧୬ ତାରିଖରେ ଫସଲ ଜଗିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ତାଙ୍କ ବାପା ଶ୍ରୀରାମ ବିଶ୍ୱାଳଙ୍କର ମୃତ୍ୟୁ ଘଟିଥିଲା । ସେ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ । ତାଙ୍କ ମୃତ୍ୟୁ ପରେ ବୃଦ୍ଧା ମା ଭୂମିସୂତା, ସ୍ତ୍ରୀ ମନ୍ଦୋଲତା, ଝିଅ ବର୍ଷା, ଦୁଇପୁଅ ସୁମନ ଓ ସନାତନ ଏବେ ଅସହାୟ ହୋଇ ପଡିଛନ୍ତି। ପରିବାରର ଭରଣପୋଷଣ ଓ ପିଲାଙ୍କୁ ପାଠପଢାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମନ୍ଦୋଲତା। ବର୍ଷା ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଥିଲେ ସୁଦ୍ଧା ଅର୍ଥ ସାଜିଛି ବାଧକ। ଆଗଲପୁର ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ବଳଦେବ ଭୋଇ ଓ କର୍ମକର୍ତ୍ତା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

### ୨ ନାକଚ, ୬ ପ୍ରାର୍ଥୀଙ୍କ ନାମାଙ୍କନ କାଏମ


**ବାଲେଶ୍ୱର ଅଫିସ, ୧୭।୧୦:** ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପାଇଁ ଗତ ୯ ତାରିଖରେ ନିର୍ବାଚନ କମିଶନଙ୍କ ଦ୍ୱାରା ବିଜ୍ଞପ୍ତି ଜାରି ହୋଇଥିଲା। ୧୬ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ଭାଜପାରୁ ମାନସ ଦତ୍ତ, ବିଜେଡିରୁ ସ୍ୱରୂପ ଦାସ, କଂଗ୍ରେସରୁ ମମତା କୁଣ୍ଡୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୁଶାନ୍ତ ସର୍ବେଶ୍ୱର ଦାସଙ୍କ ସମେତ ସ୍ୱାଧୀନ ଭାବେ ୪ଜଣ ସେକ୍ ମଇଉଦ୍ଦିନ ସଲିମ୍, ଭାଗ୍ୟ ଉଦିତ୍ ଦାସପଟ୍ଟନାୟକ, ମୁନାମ୍ ଖାନ୍ ଓ ବେଣୁଧର ବାରିକଙ୍କୁ ମିଶାଇ ମୋଟ୍ ୮ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଶନିବାର ନାମାଙ୍କନ ଯାଞ୍ଚ କରାଯାଇଥିଲା। ଏଥିରେ ଉପଯୁକ୍ତ କାଗଜପତ୍ର ନ ଥିବା କାରଣରୁ ରାଷ୍ଟ୍ରୀୟ ପରିବର୍ତ୍ତନ ଦଳ ପକ୍ଷରୁ ସୁଶାନ୍ତ ସର୍ବେଶ୍ୱର ଦାସ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସେକ୍ ମଇଉଦ୍ଦିନ ସଲିମ୍‌ଙ୍କ ନାମାଙ୍କନ ନାକଚ ହୋଇଯାଇଛି। ଅନ୍ୟ ୬ଜଣ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ୨୦ ତାରିଖରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସହ ଚିହ୍ନ ପ୍ରଦାନ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ମନୋଜ ସେନାପତି ପ୍ରକାଶ କରିଛନ୍ତି।

# ସଂକ୍ରମଣ କମୁଛି, ମୃତ୍ୟୁ ଥମୁନି

## ୨,୧୯୬ ପଜିଟିଭ, ୧୭ ମୃତ, ୨,୮୪୨ ସୁସ୍ଥ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)


- ଖୋର୍ଦ୍ଧା ଜିଲାରେ ଦୈନିକ ଆକ୍ରାନ୍ତ ୩ଶହ ତଳକୁ ଖସିଲା
- ମୋଟ ଆକ୍ରାନ୍ତ ୨,୬୬,୩୪୫, ଆରୋଗ୍ୟ ସଂଖ୍ୟା ୨,୪୪,୨୨୭କୁ ବୃଦ୍ଧି



ରାଜ୍ୟରେ କିଛିଦିନ ହେବ ଲଗାତାର ଭାବେ ହ୍ରାସ ପାଇ ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଦୈନିକ ସଂକ୍ରମଣ ୪ହଜାର ଉପରକୁ ଯାଇଥିବାବେଳେ ଏବେ ୨ହଜାରକୁ ଖସି ଆସିଲାଣି। ସେହିଭଳି ଦୀର୍ଘ ମାସ ହେବ ପ୍ରତିଦିନ ସମସ୍ତ ୩୦ ଜିଲାରୁ ଦୈନିକ ନୂଆ ପଜିଟିଭ୍ ଚିହ୍ନଟ ହେଉଥିଲେ। କିନ୍ତୁ ଶେଷ ୨୪ ଘଣ୍ଟାରେ ୨୯ ଜିଲାରୁ ୨,୧୯୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହଟସ୍ପଟ୍ ଜିଲା ଖୋର୍ଦ୍ଧାରେ ପ୍ରଥମଥର ପାଇଁ ଦୈନିକ ସଂକ୍ରମଣ ୩ଶହ ତଳକୁ ଖସି ଆସିଛି। ଏହି ଜିଲାରୁ ଆଉ ୨୫୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଟକ ୧୭୫, ସୁନ୍ଦରଗଡ଼ ୧୪୦, ମୟୂରଭଞ୍ଜ ୧୧୯, ଯାଜପୁର ୧୧୩, ନୂଆପଡ଼ା ୧୦୮, ଅନୁଗୋଳ ୧୦୭ ଓ ବାଲେଶ୍ୱରରୁ ଆଉ ୧୦୪ଜଣ ଆକ୍ରାନ୍ତ ହୋଇଛନ୍ତି। ବାକି ୨୧ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଗଜପତିରୁ ସର୍ବନିମ୍ନ ୭ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୬୬,୩୪୫ରେ ପହଞ୍ଚିଛି। ରାଜ୍ୟରେ ୨,୮୪୨ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨,୪୪,୨୨୭କୁ ବୃଦ୍ଧି ପାଇଛି। ରାଜ୍ୟରେ ଏଯାବତ୍ ୪୦,୦୧,୦୬୫ ନମୁନା ପରୀକ୍ଷା ହୋଇଥିବାବେଳେ ଏହାର ମାତ୍ର ୬.୬% ରିପୋର୍ଟ ପଜିଟିଭ୍ ରହିଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୩୩% ମହିଳା ଓ ୬୭% ପୁରୁଷ ରହିଛନ୍ତି। ୧,୩୮,୯୪୨ ଯୁବପିଢ଼ି ଆକ୍ରାନ୍ତ ହୋଇଥିବାବେଳେ ୮୬,୩୪୦ ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ଓ ୨୭,୪୯୪ ୬୦ବର୍ଷରୁ ଊର୍ଦ୍ଧ୍ୱ ରହିଥିବାବେଳେ ୧୩,୫୬୯ଜଣ '୦'ରୁ ୧୪ବର୍ଷ ବୟସ ମଧ୍ୟରେ ରହିଛନ୍ତି।

ସେପଟେ କରୋନା ମୃତ୍ୟୁ ସଂଖ୍ୟା କିନ୍ତୁ ଥମିବାର ନାଁ ଧରୁନି। ରାଜ୍ୟରେ ଆଉ ୧୭ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫ଜଣ ଥିବାବେଳେ କଟକରୁ ୨, ଅନୁଗୋଳ, ବାଲେଶ୍ୱର, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ପୁରୀ, ରାଉରକେଲା ଓ ସମ୍ବଲପୁରରୁ ଜଣେ ଲେଖାଏ ମରିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୧୨୧କୁ ବୃଦ୍ଧି ପାଇଛି।

# ପୂର୍ବତନ ମନ୍ତ୍ରୀଙ୍କ ପୁଅ ସମେତ ୩ ମୃତ



ମୃତ ଅଙ୍କୁର ପ୍ରଧାନ



ଦୁର୍ଘଟଣାଗ୍ରସ୍ତ କାର୍

## କେନାଲକୁ ପଶିଲା କାର୍

କଟକସଦର,୧୭।୧୦(ଡି.ଏନ୍.ଏ.)

କଟକ ସଦର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଜାଗୁଆର୍ କାର୍ ଭାରସାମ୍ୟ ହରାଇ କେନାଲକୁ ପଶିଯିବାରୁ ଚାଳକଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନଙ୍କ ପୁଅ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ଅଙ୍କୁର ପ୍ରଧାନ(୩୭), ତାଙ୍କ ବନ୍ଧୁ କଟକ ସଦର ଥାନା ଅଧୀନ ଗୋପାଳପୁର ଅଞ୍ଚଳର ଗୌତମ ଦାସ(୪୦) ଓ ହାଇଦ୍ରାବାଦର ପ୍ରନୀତ ମଧୁ ପତି(୩୬)। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟା ୩୦ରେ ନଂ.ଓଡି ୧୪ସି ୦୦୭ବିଶିଷ୍ଟ କାର୍ ଯୋଗେ ଅଙ୍କୁର ଓ ତାଙ୍କ ବନ୍ଧୁମାନେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଗାଡ଼ିଟି କୌଣସି କାରଣରୁ ହଠାତ୍ ଭାରସାମ୍ୟ ହରାଇ ତେଲେଙ୍ଗାପେଣ୍ଠ ନିକଟ ରାସ୍ତାପାର୍ଶ୍ୱରେ ଥିବା ପ୍ରତାପନଗରୀ ଫୁଲନଖରା କେନାଲକୁ ପଶିଯାଇଥିଲା। ତେବେ ସେହି ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ଭୋର ସମୟରେ ଏକ ଗାଡ଼ି ଦୁର୍ଘଟଣା ହୋଇଥିବାର ଦେଖି ଥାନାକୁ ଜଣାଇଥିଲେ। ଖବରପାଇ କଟକସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଅନ୍ୟପଟେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ସେହିଭଳି ୨୦୧୦ରେ ଅଙ୍କୁରଙ୍କ ମା ମୌସୁମୀ ପ୍ରଧାନଙ୍କ ମଧ୍ୟ ଅନୁଗୋଳ ଜିଲା ଆଠମଲ୍ଲିକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।

# ଉପନିର୍ବାଚନ ପାଇଁ ସଂଶୋଧିତ ଗାଇଡ୍‌ଲାଇନ

## କୋଭିଡ୍-୧୯ କଟକଣା

### ରାଜନୈତିକ ସଭାରେ ଏକାଠି ହୋଇ ପାରିବେ ୨୦୦ ଲୋକ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ଉପନିର୍ବାଚନ ପାଇଁ କୋଭିଡ୍-୧୯ କଟକଣାରେ କୋହଳ କରାଯାଇଛି। ସଂକ୍ରମିତ ଅଞ୍ଚଳ ବାହାରେ ୧୦୦ ବଦଳରେ ୨୦୦ ଲୋକ ଏକାଠି ହୋଇପାରିବେ। ଯଦି କୌଣସି ହଲ୍‌ରେ ବୈଠକ କରାଯାଉଥିବ ତେବେ ସେଠାରେ ସମୁଦାୟ ସିଟ୍‌ର ୫୦ ପ୍ରତିଶତରେ ବସିବାକୁ ଅନୁମତି ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୨୦ ଅକ୍ଟୋବର ପହିଲାରେ ଜାରି କରିଥିବା ନିର୍ଦ୍ଦେଶନାମାର ସଂଶୋଧନ କରି ନିର୍ବାଚନ ପାଇଁ ଖୋଲା ଜାଗାରେ ୨୦୦ ଲୋକ ଏକାଠି ହେବାକୁ ଅନୁମତି ଦେଇଛନ୍ତି। ସେହି ଆଧାରରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସଂଶୋଧିତ ଗାଇଡ୍‌ଲାଇନ ଜାରି କରାଯାଇଛି। ପୂର୍ବଭଳି ସାମାଜିକ, ରାଜନୈତିକ, ଆମୋଦ ପ୍ରମୋଦ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକଳାପ ଉପରେ ଅକ୍ଟୋବର ୩୧ ଯାଏ କଟକଣା ବଳବତ୍ତର ରହିବ। ଏହାପୂର୍ବରୁ ନଭେମ୍ବର ୩ରେ ତିର୍ତ୍ତୋଲ ଏବଂ ବାଲେଶ୍ୱର ଉପନିର୍ବାଚନ ପାଇଁ ଭାରତ ନିର୍ବାଚନ କମିଶନ ଏହି ଘୋଷଣା କରିଛନ୍ତି। ଉକ୍ତ ଦୁଇ ନିର୍ବାଚନ ମଣ୍ଡଳୀରେ ହଲ୍‌ରେ ହେଉଥିବା ବୈଠକ ପାଇଁ ସମୁଦାୟ ସିଟ୍‌ର ୫୦ ପ୍ରତିଶତ ଏବଂ ଖୋଲା ସ୍ଥାନରେ ୨୦୦ ଲୋକଙ୍କୁ ଏକାଠି ସଭା କରିବାକୁ ଅନୁମତି ଦିଆଯାଇଛି। ସଭାରେ ଏକାଠି ହେବାକୁ ଥିବା ଲୋକମାନଙ୍କୁ ଥର୍ମାଲ ସ୍କାନିଂ କରାଯିବା ସହ ସାମାଜିକ ଦୂରତ୍ୱ ରକ୍ଷା, ହାତକୁ ଭଲ ଭାବେ ଧୋଇବା ଏବଂ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଖୋଲା ସ୍ଥାନରେ ସଭା କରିବା ଲାଗି ସମ୍ପୃକ୍ତ ଜିଲା ପ୍ରଶାସନ ଠାରୁ ଅନୁମତି ଆଣିବାକୁ ହେବ। ରାଜନୈତିକ ସଭାରେ କୋଭିଡ୍ ନିୟମ ପାଳନ ହେଉଛି କି ନାହିଁ ତାହା ଉପରେ ଜିଲାପାଳ ନଜର ରଖିବେ।

# ମା' ବିରଜାଙ୍କ ରଥଯାତ୍ରା ଆରମ୍ଭ

## ଚଳିତଥର ୮ଦିନ ହେବ ରଥଯାତ୍ରା

ଯାଜପୁର ଟାଉନ,୧୭।୧୦(ଡି.ଏନ.ଏ.)



ମା' ବିରଜାଙ୍କ ରଥକୁ ସେବାୟତ ଓ ପୋଲିସ ଅଧିକାରୀମାନେ ଟାଣୁଛନ୍ତି।

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ରଥଯାତ୍ରା ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ରଥଯାତ୍ରା ୯ଦିନ ପରିବର୍ତ୍ତେ ୮ଦିନ ହେବ। ଅକ୍ଟୋବର ୨୩ରେ ମା'ଙ୍କ ଷଷ୍ଠୀ ଓ ସପ୍ତମୀ ପୂଜା ଅନୁଷ୍ଠିତ ହେଉଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଶନିବାର ସନ୍ଧ୍ୟାରେ ମା'ଙ୍କ ସିଂହଧ୍ୱଜ ରଥ ପ୍ରତିଷ୍ଠା କରାଯିବା ପରେ ବିଭିନ୍ନ ଦେବଦେବୀଙ୍କୁ ରଥାରୂଢ଼ କରାଯାଇଥିଲା। ପ୍ରାତଃ ସମୟରେ ମା'ଙ୍କୁ ବୈତରଣୀ ନଦୀଜଳରେ ସ୍ନାନ ପରେ ରୀତିନୀତି ଅନୁଯାୟୀ ଷୋଡ଼ଶୋପଚାର ପୂଜା କରାଯାଇ ପହଡ଼ ହୋଇଥିଲା। ପହଡ଼ ଖୋଲିବା ପରେ ରଥ ପ୍ରତିଷ୍ଠା ପୂଜାକାର୍ଯ୍ୟ ହୋଇଥିଲା। ମା'ଙ୍କ ଚଳନ୍ତି ପ୍ରତିମାକୁ ରତ୍ନ ସିଂହାସନରୁ ଏକ ସୁସଜ୍ଜିତ ବିମାନରେ ଅଙ୍ଗଲାଗି ସେବାୟତମାନେ ଆଣି ରଥ ଚତୁଃପାର୍ଶ୍ୱ ପରିକ୍ରମା ପରେ ରଥର ଦିବ୍ୟ ସିଂହାସନ ଉପରେ ସ୍ଥାପନ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଥଯାତ୍ରା ହେବାକୁ ଥିବାବେଳେ କୋଭିଡ୍ କଟକଣା ପାଇଁ ମନ୍ଦିର ଚାରିପଟ ୧୪୪ ଧାରା ଜାରି କରାଯିବା ସହ ସମସ୍ତ ଦୋକାନବଜାର ବନ୍ଦ ରଖିବାକୁ ସ୍ଥିର କରାଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ଚରଣ ସିଂ ମୀନାଙ୍କ ତତ୍ତ୍ୱାବଧାନରେ ମନ୍ଦିର ସେବାୟତ ଓ ପୋଲିସ ଅଧିକାରୀଙ୍କ ସହାୟତାରେ ରଥ ଟଣା ହୋଇଥିଲା।

## ଦୁର୍ଗା ମଣ୍ଡପରେ ଦାଦନ ମା'



କରୋନା ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇବା ପରେ ସହରରୁ ଶହ ଶହ କିଲୋମିଟର ପାଦରେ ଚାଲି ଘରକୁ ଫେରିବାକୁ ବାଧ ହୋଇଥିବା ଦାଦନଙ୍କ ଦୁର୍ଦ୍ଦଶାକୁ ବୟାନ କରୁଛି ଏହି ମୂର୍ତ୍ତି। ଦୁର୍ଗା ରୂପୀ ମହିଳା ଜଣକ ଶିଶୁପୁତ୍ରକୁ କାଖେଇଥିବାବେଳେ ତାଙ୍କ ଆଗପଛରେ ଅଛନ୍ତି ଦୁଇଝିଅ। ଶିଳ୍ପୀ ରିଣ୍ଟୁ ଦାସଙ୍କ ଦ୍ୱାରା ଗଢ଼ାଯାଇଥିବା ଏହି ଅନନ୍ୟ ସ୍ଥାପତ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଚଳିତ ଦୁର୍ଗାପୂଜାରେ କୋଲ୍‌କାତାର ବେହେଲାସ୍ଥିତ ବରିଶା କ୍ଲବ୍ ମଣ୍ଡପରେ ଏହା ସ୍ଥାନ ପାଇବାକୁ ଯାଉଛି। ପ୍ରଚଣ୍ଡ ଖରା, କ୍ଷୁଧା ଓ ଆର୍ଥିକ ଅନଟନକୁ ସାମ୍ନା କରିଥିବା ଦାଦନ ମା' ଖାଦ୍ୟ, ଜଳ ଏବଂ ସହାୟତା ଲୋଡୁଛନ୍ତି ବୋଲି ସରକାରୀ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜର ସ୍ନାତକ ରିଣ୍ଟୁ ଦାସ ପ୍ରକାଶ କରିଛନ୍ତି।

# କାକା ଖୁଡ଼ୀଙ୍କୁ ହତ୍ୟା କରିଛନ୍ତି ଝିଆରୀ ପୁତୁରା

## ଦମ୍ପତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ

### ୫ ଅଭିଯୁକ୍ତ ଗିରଫ

ବ୍ରଜରାଜନଗର, ୧୭।୧୦(ଡି.ଏନ.ଏ.)

ଝାରସୁଗୁଡା ଜିଲା ରାମପୁର ଫାଣ୍ଡି ଅନ୍ତର୍ଗତ ପଞ୍ଜାବୀ ଧଉଡାରେ ଘର ଭିତରୁ ଦମ୍ପତି ଗିରିବର ଦାସ ଓ ଗୀତା ଦାସଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ ହୋଇଛି । କୋଇଲା ଚୁଲା ନିଆଁରେ ପୋଡି ଉକ୍ତ ଦମ୍ପତି ପ୍ରାଣ ହରାଇ ନାହାନ୍ତି, ବରଂ ଟଙ୍କା ଭାଗ ବଣ୍ଟାକୁ ନେଇ ତିକ୍ତତା ହେବା ପରେ ଝିଆରି ଓ ପୁତୁରା ଉକ୍ତ ଦମ୍ପତିଙ୍କୁ ହତ୍ୟା କରିଥିବା ପୋଲିସ ସ୍ପଷ୍ଟ କରିଛି । ଏହି ଘଟଣାରେ ମୃତ ଦମ୍ପତିଙ୍କ ପୁତୁରା ଦୀପକ ଦାସ ପେନେକା (୨୪), ରାହୁଲ ଦାସ ପେନେକା (୨୨), ଝିଆରି ମିରନ ଦାସ ପେନେକା(୨୮), ସୁନୀତା ଦାସ ପେନେକା (୨୪), ସୁପ୍ରିୟା ଦାସ ପେନେକା (୨୫)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଗୀତା ଶୌଚ ଲାଗି ଯାଥିଲେ। ପୁଅ ଝିଅ ଟ୍ୟୁଶନ ପଢିବାକୁ ଯାଇଥିବା ସମୟରେ ଗିରିବର ନିଜ ଦୋକାନରୁ ଘରକୁ ଫେରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ପ୍ରଥମେ ଲୁହାରଡ ଓ ପରେ ଟାଙ୍ଗିଆରେ ଆକ୍ରମଣ କରି ତଣ୍ଟି ଚିପି ହତ୍ୟା କରିଥିଲେ । ଏହାପରେ ଅଭିଯୁକ୍ତ ରାହୁଲ ଖୁଡିଙ୍କୁ ଡାକିବାକୁ ଯାଇଥିଲେ । କାକାଙ୍କୁ ପାଗଳ କୁକୁର କାମୁଡିଛି ସେ ଘରେ ଅଛନ୍ତି କହି ରାହୁଲ ଗୀତାଙ୍କୁ ଘରକୁ ଡାକି ନେଇଥିଲେ । ଗୀତା ଘରେ ଘରେ ପହଞ୍ଚିବା କ୍ଷଣି ସେଠାରେ ଜଗିଥିବା ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ଟାଙ୍ଗିଆ ଓ ଲୁହା ପାଇପ୍‌ରେ ଆକ୍ରମଣ କରି ହତ୍ୟା କରିଥିଲେ । ପ୍ରମାଣ ଲୁଚାଇବା ପାଇଁ ସେମାନେ ମୃତକଙ୍କ ଉପରେ କିରୋସିନ ଢାଳି କୋଇଲା ଚୁଲା ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ । କିଛି ସମୟ ପରେ ମୃତକଙ୍କ ପୁଅ ଝିଅ ଟ୍ୟୁଶନରୁ ଫେରି ଘର କବାଟ ଖୋଲିବାରୁ ମା' ବାପାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ପଡିଶାଙ୍କୁ ଡାକିଥିଲେ । ସେହିପରି ଅଭିଯୁକ୍ତମାନେ ମଧ୍ୟ କିଛି ନ ଜାଣିବାର ଅଭିନୟ କରି କାକା ଖୁଡି ନିଆରେ ପୋଡି ଯାଉଛନ୍ତି, ତାଙ୍କୁ ବଞ୍ଚାନ୍ତୁ ବୋଲି ଲୋକଙ୍କ ପାଖକୁ ଯାଇ ସାହାଯ୍ୟ ମାଗିଥିଲେ । ଲୋକ ନିଆଁ ଲିଭାଇବା ପରେ ପୋଲିସକୁ ଖବର ଦେଇଥିଲେ । ଝାରସୁଗୁଡା ଏସ୍‌ପି ରାହୁଲ ପି.ଆରଙ୍କ ନେତୃତ୍ୱରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ପ୍ରାଥମିକ ତଦନ୍ତରେ କୋଇଲା ଚୁଲାରେ ପୋଡିଯାଇ ଦମ୍ପତିଙ୍କ ପ୍ରାଣ ଯାଇଥିବା ସନ୍ଦେହ କରାଯାଉଥିଲା। ତେବେ ଘଟଣାସ୍ଥଳରେ ଗିରିବରଙ୍କ ମୁଣ୍ଡ ଫାଟି ପଡିଥିବା ରକ୍ତ ଛିଟାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ ହୋଇଥିଲା। ପରେ ମୃତକଙ୍କ ପୁତୁରା ଝିଆରିଙ୍କ ଉପରେ ସନ୍ଦେହ କରି ସେମାନଙ୍କୁ ଅଟକ ରଖି ପଚରାଉଚୁରା କରିବାରୁ ସେମାନେ ଏହି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି ।

# ରାଜ୍ୟରେ ପ୍ରବଳ ବର୍ଷିବ

## ୧୯ରେ ଲଘୁଚାପ


ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

୧୯ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟରେ ୨୪ ଯାଏ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୧୯ରୁ ୨୧ତାରିଖ ମଧ୍ୟରେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ୧୯ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷିବ। ୨୦ରେ ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୨୧ରେ ମାଲକାନଗିରି, ରାୟଗଡ଼ା ଏବଂ ପୁରୀ ଜିଲା, ୨୨ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୧୯ ଓ ୨୦ ତାରିଖରେ ମାଛ ଧରିବାକୁ ଗଭୀର ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

ଲଗାତର ଲଘୁଚାପ ହେଉଥିବାରୁ ଦକ୍ଷିଣ ଓଡ଼ିଶାର କେତେକ ନଦୀରେ ବନ୍ୟା ଆସିବା ଆଶଙ୍କା ରହିଛି। ଏଥିସହିତ କେତେକ ସ୍ଥାନରେ ଭୂସ୍ଖଳନ ହୋଇପାରେ। ତଳିଆ ଅଞ୍ଚଳରେ ପାଣି ବୁଡିଯିବା ନେଇ ସତର୍କ କରାଯାଇଛି। ଜିଲାପାଳମାନଙ୍କୁ ସତର୍କ ଦୃଷ୍ଟି ରଖିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସେନା ଉଦ୍ୟମରେ ଅସ୍ତ୍ର ଛାଡ଼ିଲେ ଆତଙ୍କବାଦୀ

ଶ୍ରୀନଗର, ୧୭।୧୦



ଆତ୍ମସମର୍ପଣ କରିଥିବା ଆତଙ୍କବାଦୀ ଜାହାଙ୍ଗୀର ଭଟ୍ଟ।

- ଆଶ୍ୱାସନାରେ ହାରିଗଲେ ଜାହାଙ୍ଗୀର
- ନାଟକୀୟ ଢଙ୍ଗରେ ଆତ୍ମସମର୍ପଣ କଲେ
- ବିକଳ ହୋଇ କାନ୍ଦିଲେ, କ୍ଷମା ମାଗିଲେ
- ୩.୫୭ ମିନିଟ୍‌ର ଭିଡିଓ ଜାରି କଲା ସେନା

'ଜାହାଙ୍ଗୀର। ମୁଁ ୫୩ ଆର୍‌ଆର୍‌ର ୨-ଆଇସି କହୁଛି। ତୁମକୁ ଚାରିପଟୁ ଘେରି ଦିଆଯାଇଛି। ହତିଆର ଫିଙ୍ଗି ହାତ ଉଠାଇ ବାହାରକୁ ଚାଲିଆସ। ତୁମର କୌଣସି କ୍ଷତି ହେବନାହିଁ। କେହି ଗୁଳି ଚଳାଇବେ ନାହିଁ। ସେହି ଆଶ୍ୱାସନା ମୁଁ ଦେଉଛି। ଈଶ୍ୱର ଏବଂ ଘର ଲୋକଙ୍କ ପାଇଁ ତୁମେ ଆତ୍ମସମର୍ପଣ କରିଦିଅ'। ଭାରତୀୟ ସ୍ଥଳସେନାର ଜଣେ ଅଧିକାରୀଙ୍କଠାରୁ ମିଳିଥିବା ଏପରି କେଇ ପଦ ପ୍ରତିଶ୍ରୁତି ଜମ୍ମୁ-କଶ୍ମୀରର ଜଣେ ଆତଙ୍କବାଦୀଙ୍କୁ ଘରକୁ ବାହୁଡ଼ାଇ ଆଣିଛି। ବନ୍ଧୁକରେ ରକ୍ତର ହୋଲି ଖେଳୁଥିବା ଏହି ୩୧ ବର୍ଷୀୟ ପଥଭ୍ରଷ୍ଟ ଯୁବକଜଣକ ଆତ୍ମସମର୍ପଣ କରିବା ପରେ ବାପାଙ୍କ ସାମ୍ନାରେ ଭୋ ଭୋ କାନ୍ଦି ପକାଇଥିଲେ। ଏଥିରୁ ନିଜର କୃତକର୍ମ ପାଇଁ ସେ ପଶ୍ଚାତ୍ତାପ କରୁଥିବା ସ୍ପଷ୍ଟ ବାରି ହୋଇପଡୁଥିଲା। ଆତଙ୍କବାଦୀଙ୍କ ସହ ମୁହାଁମୁହିଁ, ଗୁଳିବିନିମୟ ଏବଂ ଆତ୍ମସମର୍ପଣର ୩ ମିନିଟ୍ ୫୭ ସେକେଣ୍ଡର ଭିଡିଓ ଶୁକ୍ରବାର ସେନା ପକ୍ଷରୁ ଜାରି କରାଯାଇଛି, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଆତଙ୍କବାଦୀଙ୍କ ହାତଛାଡ଼ି ମୁଖ୍ୟସ୍ରୋତକୁ ଫେରିଥିବା ଏହି ଯୁବକଜଣକ ହେଲେ ଜାହାଙ୍ଗୀର ଭଟ୍ଟ। ସେ କିଛିଦିନ ତଳେ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ସେନା ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଗତ ଅକ୍ଟୋବର ୧୩ରେ ଜଣେ ସ୍ପେଶାଲ ପୋଲିସ ଅଧିକାରୀ (ଏସ୍‌ପିଓ) ଦୁଇଟି ଏକେ-୪୭ ରାଇଫଲ ସହ ଫେରାର ହୋଇଯାଇଥିବା ଘଟଣା ପଦାକୁ ଆସିଥିଲା। ସେହିଦିନଠାରୁ ଚାଦୋରାରୁ ଜାହାଙ୍ଗୀର ମଧ୍ୟ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ଶୁକ୍ରବାର ସକାଳେ ଏକ ବଗିଚାରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ସେନା ପକ୍ଷରୁ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ଉକ୍ତ ଆତଙ୍କବାଦୀ ଗୋଷ୍ଠୀରେ ଜାହାଙ୍ଗୀର ଥିବା ଜଣାପଡ଼ିଥିଲା। ପ୍ରୋଟକଲ ଅନୁଯାୟୀ ପ୍ରଥମେ ଜାହାଙ୍ଗୀରଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା ଏବଂ ସେ ସେନା ଅଧିକାରୀଙ୍କ କଥା ମାନିଯାଇଥିଲେ। ଘଟଣା ସମୟରେ ଜାହାଙ୍ଗୀରଙ୍କ ବାପା ଉପସ୍ଥିତ ରହି ପୁଅକୁ ଘରକୁ ବାହୁଡ଼ି ଆସିବାକୁ ନିବେଦନ କରିଥିଲେ।

କଶ୍ମୀର ଉପତ୍ୟକାର ବହୁ ଯୁବକ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହୋଇ ଜୀବନକୁ ବିପଦରେ ପକାଉଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଏବଂ କର୍ମ ନିୟୋଜନ ଯୋଗାଇବା ଦିଗରେ ସେନା ପକ୍ଷରୁ ଲଗାତର ପ୍ରୟାସ ଜାରିରହିଛି। ଏଥିପୂର୍ବରୁ ଅଗଷ୍ଟରେ ଜମ୍ମୁ ଏବଂ କଶ୍ମୀରର ସୋପିଆନ ଜିଲାର କିଲୋରା ଗ୍ରାମରେ ସେନା ଉଦ୍ୟମରେ ଜଣେ ଆତଙ୍କବାଦୀ ଆତ୍ମସମର୍ପଣ କରିଥିଲେ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ବିଏସ୍ ରାଜୁ କୁହନ୍ତି, ସୁରକ୍ଷା ବଳ ଏକ ନିରୀହଙ୍କ ଜୀବନ ବଞ୍ଚାଇଥିବାରୁ ସେ ଖୁସି। ସେହିପରି ଅବାଟରେ ଯାଇଥିବା ପୁଅକୁ ଘରକୁ ବାହୁଡ଼ାଇ ଆଣିଥିବା ସେନାବାହିନୀକୁ ଧନ୍ୟବାଦ ଦେଇଛନ୍ତି ଜାହାଙ୍ଗୀରଙ୍କ ବାପା।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୮ ଅକ୍ଟୋବର, ୨୦୨୦



### ଦୁର୍ଘଟଣାରେ ହାତ ହରାଇଥିବା ଦାଦନ ଶ୍ରମିକଙ୍କୁ ମିଳିଲା ସହାୟତା

ଦେଓଗାଁ,(ଡି.ଏନ.ଏ.)-ଦେଓଗାଁ ବ୍ଲକ ଲଣ୍ଡାପଥର ଗାଁର ପ୍ରମୋଦ ସେଠ ଦାଦନ ଖଟିବାକୁ ଯାଇ ବିଜୟୱାଡାରେ ଏକ ବସ୍ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଡାହାଣ ହାତ କଟିଥିଲା। ଶୁକ୍ରବାର ସେ ଘରକୁ ଫେରଥିଲେ। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଦୟାନିଧି ଖମାରୀ, ବୁଦ୍ଧଦେବ ପରୁଆ ପ୍ରମୁଖ ପ୍ରମୋଦଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କୁ ୫୦କେଜି ଚାଉଳ, ୧୫କେଜି ଡାଲି, ତେଲ ଦେଇଥିଲେ। କିପରି କୃତ୍ରିମ ହାତ ପ୍ରତିରୋପଣ ହୋଇପାରିବ ଚେଷ୍ଟା କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।

# ୨ଦିନ ପରେ ମିଳିଲା ମୃତଦେହ

**ସୋନପୁର/ତରଭା,ବଲାଙ୍ଗୀର ଅଫିସ/ଗୁଡଭେଲା/ ଜହ୍ନାପଙ୍କ, ୧୭।୧୦(ନି.ପ୍ର./ଡି.ଏନ.ଏ)**

ବଲାଙ୍ଗୀର ଜିଲା ତୁଷରା ତେଲନଦୀ ପୋଲ ଉପରୁ ଡେଇଁ ନିଖୋଜ ଦୁଇ ଭଉଣୀଙ୍କ ମୃତଦେହ ଦୁଇଦିନ ପରେ ଶନିବାର ପୃଥକ ସ୍ଥାନରୁ ଉଦ୍ଧାର କରାଯାଇଛି। ସାନଭଉଣୀ ଆଞ୍ଚଲ ଅଗ୍ରୱାଲ(୨୦)ଙ୍କ ମୃତଦେହ ସୁବର୍ଣ୍ଣପୁର ଜିଲା ତରଭା ଦେଇ ପ୍ରବାହିତ ତେଲନଦୀର ବଡତେଣ୍ଡା ନିକଟରୁ ମିଳିଥିବା ବେଳେ ବଡଭଉଣୀ ଅନ୍‌ମୋଲ (୨୬)ଙ୍କ ମୃତଦେହ ବୌଦ୍ଧ ଜିଲା ଜହ୍ନାପଙ୍କ ନିକଟ ମହାନଦୀରୁ ଉଦ୍ଧାର କରାଯାଇଛି । ଉଭୟେ ବଲାଙ୍ଗୀର ଜିଲା ତୁଷୁରା ଥାନା ଗୁଡଭେଲାର ବ୍ୟବସାୟୀ ରାମୋତାର ଅଗ୍ରୱାଲାଙ୍କ ଝିଅ । କେଉଁ କାରଣରୁ ଦୁଇ ଉଚ୍ଚଶିକ୍ଷିତା ଯୁବତୀ ନଦୀକୁ ଡେଇଁ ପଡିଲେ ତା'ର କାରଣ ଏଯାଏ ଜଣା ପଡିନାହିଁ। ପୋଲିସ ଏନେଇ ପଚରାଉଚରା ଜାରି ରଖିଛି ବୋଲି ତୁଷରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି ।

ବଲାଙ୍ଗୀର ଜିଲା ତୁଷୁରା-ଗୁଡଭେଲା ମୁଖ୍ୟରାସ୍ତାର ତେଲନଦୀ ବ୍ରିଜ୍ ଉପରୁ ଗୁରୁବାର ଅନ୍‌ମୋଲ ଓ ଆଞ୍ଚଲ ଭରା ନଦୀକୁ ଡେଇଁ ପଡିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଦୁଇ ଭଉଣୀଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ଯୁବତୀଦ୍ୱୟଙ୍କ ବଡବାପା ରାମନିବାସ ଅଗ୍ରୱାଲା ତୁଷୁରା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ବ୍ରିଜ୍ ଉପରେ ଥିବା ସ୍କୁଟି ନଂ ଓଡି୦୮ଜି-୧୪୨୦କୁ ଜବତ କରିଥିଲା। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଦୁଇ ଭଉଣୀ ସକାଳ ୯ଟାରୁ ବାହାରକୁ ଯାଉଛୁ କହି ଘରୁ ସ୍କୁଟି ନେଇ ବାହାରିଥିଲେ। ମଧ୍ୟାହ୍ନରେ ସେମାନେ ନଦୀକୁ ଡେଉଁ ପଡିଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ନିଖୋଜ ଥିବା ଏହି ଦୁଇ ଭଉଣୀଙ୍କ ମଧ୍ୟରୁ ସାନଭଉଣୀ ଆଞ୍ଚଲଙ୍କ ମୃତଦେହ ଠାବ ସମ୍ପର୍କରେ ଶନିବର ଖବର ମିଳିଥିଲା। ତରଭା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ବଡତେଣ୍ଡା ନିକଟରୁ ମୃତଦେହ ଉଦ୍ଧାର କରିଥିଲା। ଏଠାରୁ ପ୍ରାୟ ୪୫ କି.ମି. ଦୂର ବୌଦ୍ଧ ଜିଲା ଜହ୍ନାପଙ୍କ ନିକଟ ମହାନଦୀରୁ ବଡଭଉଣୀ ଅନ୍‌ମୋଲଙ୍କ ମୃତଦେହ ଭାସୁଥିବା ପୋଲିସ ସୂଚନା ପାଇ ଉଦ୍ଧାର କରିଥିଲା । ସୋନପୁର ସହର ନିକଟ ରାମେଶ୍ୱରଠାରେ ମହାନଦୀରେ ତେଲନଦୀ ମିଶିଛି। ବୌଦ୍ଧ ପୋଲିସ ଶନିବାର ବଡଭଉଣୀଙ୍କର ଓ ତରଭା ପୋଲିସ ସାନଭଉଣୀ ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ୍ କହିଛନ୍ତି।




ନଦୀରୁ ଉଦ୍ଧାର ହୋଇଥିବା ମୃତ ଦୁଇ ଭଉଣୀ ।(ଫାଇଲ ଫଟୋ)

**ତେଲନଦୀକୁ ୨ଭଉଣୀ ଡେଇଁବା ଘଟଣା**

- ସାନଭଉଣୀଙ୍କ ମୃତଦେହ ତେଲନଦୀର ବଡତେଣ୍ଡାରେ ଠାବ
- ବଡଭଉଣୀଙ୍କ ମୃତଦେହ ଜହ୍ନାପଙ୍କ ନିକଟ ମହାନଦୀରୁ ଉଦ୍ଧାର

## ସଂକ୍ଷେପରେ

### ଏନ୍‌ଇଇଟି ୧୧୨୬ ର୍‍ୟାଙ୍କରେ ନେହା ଅଗ୍ରୱାଲ



**ପଲମ, ୧୭।୧୦(ଡି.ଏନ.ଏ.):** ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ପରୀକ୍ଷାରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ବାସିନ୍ଦା ଅନିଲ ଅଗ୍ରୱାଲ ଓ କିରଣ ଅଗ୍ରୱାଲଙ୍କ ଝିଅ ନେହା ଅଗ୍ରୱାଲ ସଫଳତା ପାଇଛନ୍ତି। ମୋଟ ୬୭୧ନମ୍ବର ରଖି ସର୍ବଭାରତୀୟସ୍ତରରେ ସେ ୧୧୨୬ ର୍‍ୟାଙ୍କରେ ରହିଛନ୍ତି। ସଫଳତାର ଶ୍ରେୟ ସେ ନିଜ ମା, ବାପା, ଶିକ୍ଷକଙ୍କୁ ଦେଇଛନ୍ତି। ନେହା ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ଓ +୨ ବିଜ୍ଞାନରେ ୯୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ସେ ଦୈନିକ ୭/୮ଘଣ୍ଟା ପରିଶ୍ରମ କରୁଥିଲେ ।

### ମେଡିକାଲ ପ୍ରବେଶିକା ପରୀକ୍ଷାରେ ତନିଶଙ୍କ ସଫଳତା

**ଜୁନାଗଡ,୧୭।୧୦(ଡି.ଏନ୍.ଏ.):** ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି । ଏଥିରେ କଳାହାଣ୍ଡି ଜିଲା ଜୁନାଗଡ ସହରର ତନିଶ କୁମାର ସିଙ୍ଘଲ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ୬୭୬ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୮୪୫ ର୍‍ୟାଙ୍କରେ ରହିଛନ୍ତି। ସେ ଜୁନାଗଡ ସହରର ମନୋଜ ଅଗ୍ରୱାଲ ଓ ନିର୍ମଳା ଅଗ୍ରୱାଲଙ୍କ ପୁଅ। ତାଙ୍କର ଏହି ସଫଳତା ଜଣାପଡିବା ପରେ ପରିବାରବର୍ଗ ସମେତ ଜୁନାଗଡ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି ତନିଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତନିଶ ମାଟ୍ରିକରେ ୯୫ % ଓ ଯୁକ୍ତ ୨ରେ ୯୭% ନମ୍ବର ରଖିଥିଲେ। ଏହି ସଫଳତା ପାଇଁ ଶନିବାର ଜୁନାଗଡ ସହର ଅଗ୍ରସେନ ଭବନଠାରେ ତାଙ୍କୁ ସ୍ଥାନୀୟ ମାରୱାଡି ସମାଜ, ମହିଳା ସମିତି ଓ ଯୁବା ମଞ୍ଚ ପକ୍ଷରୁ ସମ୍ମାନୀତ କରାଯାଇଛି।

### ନିଟ୍ ପରୀକ୍ଷାରେ ବିରାଟ ଛାତ୍ରୀଛାତ୍ରଙ୍କ ବାଜିମାତ

**ସମ୍ବଲପୁର, ୧୭।୧୦ (ବ୍ୟୁରୋ):** ସର୍ବଭାରତୀୟ ନିଟ୍-୨୦୨୦ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ସମ୍ବଲପୁର ସହଯୋଗନଗର ସ୍ଥିତ ବିରାଟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି । ୭୨୦ ମାର୍କରୁ ଶିକ୍ଷାନୁଷ୍ଠାନର ରାହୁଲ ଦୋରା (୬୪୭), ତନିଷ୍କା ରାଉତରାୟ (୬୧୧), ଆୟୁଷ କୁମାର ପଣ୍ଡା (୬୧୦), ଜ୍ୟୋତି ମେହେର (୬୩୦), ଅହନିକ ପ୍ରକାଶ ପାତ୍ର (୫୯୬), ରୋହିତ ପ୍ରଦାନ ଗୁପ୍ତା (୫୯୩), ସୌମ୍ୟରଞ୍ଜନ ସାହୁ (୫୮୫), ଜ୍ୟୋତିରଞ୍ଜନ ସାହୁ (୫୮୨), ପ୍ରିତିଶ୍ରୀ ପ୍ରିୟଦର୍ଶନୀ ସାହୁ (୫୬୯), ଆକାଂକ୍ଷା ନନ୍ଦ (୫୬୦), ରିତେଶ ରଞ୍ଜନ ବଡ଼େଇ ୪୫୨ ମାର୍କ ରଖି ସଫଳତା ହାସଲ କରିଛନ୍ତି । ସେହିପରି ନାଇଜର୍-୨୦୨୦ ପରୀକ୍ଷାରେ ମଧ ଶିକ୍ଷାନୁଷ୍ଠାନର ରୀତେଶ, ପ୍ରିତିଶ୍ରୀ, ସମ୍ଭ୍ରାନ୍ତ ଦୋରା ଓ ଅହନିକ କୃତକାର୍ଯ୍ୟ ହୋଇଛନ୍ତି । ଶନିବାର ଶିକ୍ଷାନୁଷ୍ଠାନର ଅଧକ୍ଷ ରାହୁଲ ରାଜ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଧକ୍ଷ ରାହୁଲ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ଅଧାପକଙ୍କ ନିଷ୍ଠା ହେତୁ ସଫଳତା ମିଳିଛି । ଆଗାମୀ ବର୍ଷଗୁଡିକରେ ମଧ ଯୁକ୍ତ ୨ ପାସ୍ ଛାତ୍ରୀଛାତ୍ରଙ୍କୁ ନିଟ୍, ଏମ୍ସ, ଜେଇଇ, ଓୟୁଏଟି, ଆଇଜର, ନାଇଜର ସକାଶେ ପ୍ରସ୍ତୁତ କରାଯିବ ।

### ନିଟ୍ ପରୀକ୍ଷାରେ ସାଇନ୍ସ ପଏଣ୍ଟର ସଫଳତା

**ସମ୍ବଲପୁର, ୧୭।୧୦ (ବ୍ୟୁରୋ):** ସର୍ବଭାରତୀୟ ସ୍ତରୀୟ ନିଟ୍ ପରିକ୍ଷାରେ ସମ୍ବଲପୁର ସାଇନ୍ସ ପଏଣ୍ଟ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ମୋଟ ୨୩ ଜଣ ଛାତ୍ରୀଛାତ୍ର ଆଗାମୀ ମେଡିକାଲ ଶିକ୍ଷାବର୍ଷ ପାଠ ପଢ଼ିବା ଲାଗି ସଫଳ ହୋଇଛନ୍ତି । ଶିକ୍ଷାନୁଷ୍ଠାନର ଦେବେଶ କୁମାର ରାୟ (୫୯୦), ପ୍ରତିଭାରାଣୀ ମିଶ୍ର (୫୬୩), ରାମଶଙ୍କର ମିଶ୍ର (୫୩୨), ବିଶ୍ୱଜିତ ପ୍ରତାପ ସିଂ (୫୩୮), ମହମ୍ମଦ ସେହେବାଜ (୫୧୯), ଚନ୍ଦନ କୁଆ (୫୦୭), ଆର୍ତ୍ତନାସନ ତାଣ୍ଡି ୪୧୭ ମାର୍କ ରଖିଛନ୍ତି । ଶିକ୍ଷାନୁଷ୍ଠାନର ମୁଖ୍ୟ ପଦ୍ମନାଭ ମେହେର ଶନିବାର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ମା ସମଲେଇ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା

**ସମ୍ବଲପୁର, ୧୭।୧୦ (ବ୍ୟୁରୋ)**



ସମଲେଇ ମନ୍ଦିରରେ ରୀତିନୀତି ଓ ପରମ୍ପରା ଅନୁସାରେ ଶାରଦୀୟ ନବରାତ୍ର ପୂଜାର୍ଚ୍ଚନା ଶନିବାର ଆରମ୍ଭ ହୋଇଛି। ପ୍ରାତଃ ସମୟରେ ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ନବରାତ୍ରରେ ଭକ୍ତଙ୍କ ଅନୁପସ୍ଥିତିରେ ମାନସିକ ଦୀପ ପ୍ରଜ୍ୱଳନ କରାଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମାନସିକ ଦୀପ, ସମଲେଇଙ୍କ ଦର୍ଶନ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାରିତ କରାଯାଇଛି। କରୋନା କଟକଣା ଲାଗି ଶାରଦୀୟ ନବରାତ୍ରରେ ମନ୍ଦିର ପରିସର ଭକ୍ତ ଶୂନ୍ୟ ହୋଇଛି। କିନ୍ତୁ ବିଭିନ୍ନ ରଙ୍ଗର ଫୁଲ ଓ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ମନ୍ଦିର ପରିସର ଝଟକୁଛି । ସେହିପରି କମଳୀବଜାର ସ୍ଥିତ ପାଟଣେଶ୍ୱରୀ ପୀଠରେ ମଧ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏତତବ୍ୟତୀତ ସହର ଓ ଗ୍ରାମାଞ୍ଚଳରେ ଥିବା ଶକ୍ତିପୀଠ ଗୁଡିକରେ ମଧ ନବରାତ୍ର ପୂଜା ଆରମ୍ଭ ହୋଇଛି ।

## ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଗିରଫ ପରୱାନା

**ବୌଦ୍ଧ,୧୭।୧୦(ସ୍ୱ.ପ୍ର.)**

ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ବୀମା ରାଶି ପ୍ରଦାନ ନ କରିବାରୁ ବୌଦ୍ଧ ଖାଉଟି ଅଦାଲତ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି । ବୌଦ୍ଧ ସହରର ବୁଟୁପାଳିର ଶ୍ରୀକାନ୍ତ ନାୟକ ବୌଦ୍ଧ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନାରେ ସାମିଲ ହୋଇ ବୀମାଭୁକ୍ତ ହୋଇଥିଲେ। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରତିବର୍ଷ ନାୟକଙ୍କ ଜମା ଖାତାରୁ ଏହି ଯୋଜନା ବାବଦ ଅର୍ଥ କାଟି ରଖୁଥିଲେ । ୨୦୧୫ ମସିହାରେ ନାୟକ ଏକ ସଡକ ଦୁର୍ଘଟଣାରେ ନିଜର ଗୋଟିଏ ଗୋଡ ହରାଇଥିଲେ । ଏହି ବୀମା ଯୋଜନାରେ ହିତାଧିକାରୀଙ୍କ ଯଦି ଦୁର୍ଘଟଣାରେ ମୃତ୍ୟୁ ହୁଏ କିମ୍ବା ସଂପୂର୍ଣ୍ଣ ଭାବେ ଅକର୍ମଣ୍ୟ ହୋଇଯାଆନ୍ତି ତେବେ ବୀମା କମ୍ପାନୀ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥାଏ। ଯଦି ହିତାଧିକାରୀ ଅଧା ଅକର୍ମଣ୍ୟ ହୋଇଯାଆନ୍ତି ତେବେ ବୀମା କମ୍ପାନୀ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ବ୍ୟବସ୍ଥା ରହିଛି । ତେଣୁ ଦୁର୍ଘଟଣା ଯୋଗୁ ଅକର୍ମଣ୍ୟ ହୋଇ ପଡିବାରୁ ନାୟକ ସ୍ୱାସ୍ଥ୍ୟ ବିଭାଗରୁ ଏ ସମ୍ପର୍କିତ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଦାଖଲ କରି କ୍ଷତିପୂରଣ ବାବଦରେ ଏକ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ ନିକଟରେ ଦାବି କରିଥିଲେ । କିନ୍ତୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ ବ୍ୟାଙ୍କ କିମ୍ବା ବୀମା କମ୍ପାନୀ ଅର୍ଥ ପ୍ରଦାନ ନ କରିବାରୁ ଏନେଇ ସେ ବୌଦ୍ଧ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ବୌଦ୍ଧ ଖାଉଟି ଅଦାଲତ କେସ ନଂ ୨୩/୧୭ରେ ଏକ ମାମଲା କରି ଉଭୟ ପକ୍ଷକୁ ନୋଟିସ ଜାରି କରିଥିଲେ । ଖାଉଟି ଅଦାଲତ ଏହି ମାମଲାକୁ ବିଚାର କରି ଗତ ୨୩।୩।୧୮ରେ ଶ୍ରୀକାନ୍ତ ନାୟକଙ୍କୁ ବୀମା ରାଶି ବାବଦରେ ଏକ ଲକ୍ଷ ଟଙ୍କା ଓ ସୁଧ ପ୍ରଦାନ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ । ବୌଦ୍ଧ ଖାଉଟି ଅଦାଲତ ରାୟ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ରାଜ୍ୟ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ଖାଉଟି ଅଦାଲତରେ ମଧ୍ୟ ମାମଲା ଖାରଜ ହୋଇଯାଇଥିଲା। ଏପେଟ ବ୍ୟାଙ୍କ କର୍ତ୍ତୃପକ୍ଷ ଅର୍ଥ ପ୍ରଦାନ ନ କରିବାରୁ ନାୟକ ପୁନର୍ବାର ବୌଦ୍ଧ ଖାଉଟି ଅଦାଲତରେ ଅର୍ଥ ପାଇବା ପାଇଁ ଆବେଦନ କରିଥିଲେ । ଏହାମଧ୍ୟରେ ଖାଉଟି ଅଦାଲତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିବା ଜଣାଯାଇଛି।

## ଜଙ୍ଗଲରୁ ଉଦ୍ଧାର ହେଲେ ବୃଦ୍ଧା

**ନୂଆପଡା ଅଫିସ,୧୭।୧୦**

କଥାରେ ଅଛି ରଖେ ହରି ତ ମାରେ କିଏ ଓ ମାରେ ହରି ତ ରଖେ କିଏ । ଯାହାକୁ ଭଗବାନ ରଖିବାକୁ ଚାହିଁଥାନ୍ତି ତାଙ୍କର କେହି ଜୀବନ ନେଇ ପାରିବେ ନାହିଁ। ଏଭଳି ଉକ୍ତିର ସତ୍ୟତା ଦେଖିବାକୁ ମିଳିଛି । ନୂଆପଡା ଜିଲା କୋମନା ଥାନା ଗୋଇଜୋର ଗାଁ ଦୁର୍ଗମ ଜଙ୍ଗଲରେ ଜଣେ ୭୦ବର୍ଷୀୟ ବୃଦ୍ଧା ଆଜିକୁ ୪/୫ଦିନ ଧରି ଭୋକ ଉପାସରେ ରହିଥିବାବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ କେହି ଦୁର୍ବୃତ୍ତ ଟେକିନେଇ ସେଠାରେ ଛାଡି ଦେଇଥିବା କୁହାଯାଉଛି । ବୃଦ୍ଧାଙ୍କ ନାଁ ଡାଳ ପୋଢ ଏବଂ ତାଙ୍କ ନିଜ ଘର କୋମନା ସହର ସ୍ଥିତ ହନୁମାନ ପଡାରେ। ସ୍ୱାମୀ ନିରଞ୍ଜନ ପୋଢ ଆରପାରିକୁ ଚାଲିଯାଇଥିବାବେଳେ ଘରେ କେହି ବି ସମ୍ପର୍କୀୟ ନାହାନ୍ତି ।

ଗୋଇଜୋର ଗାଁର ଗୋଟିଏ କିମି ଦୂରରେ ରହିଛି ମୁଙ୍ଗେ ଜଙ୍ଗଲ । ସେଠାରେ ଜଣେ ବୃଦ୍ଧାଙ୍କ ହରିନାମ ଶୁଣି ସ୍ଥାନୀୟ ଛେଳି ଚରାଳିମାନେ ତାଙ୍କୁ ଖୋଜିଥିଲେ । ଖବର ପାଇ ସ୍ଥାନୀୟ ମାଁ ବଞ୍ଜାରୀ ଯୁବକ ସଂଘର କର୍ମକର୍ତ୍ତାମାନେ ବୃଦ୍ଧାଙ୍କ ନିକଟକୁ ଯାଇଥିଲେ। ବୃଦ୍ଧା ଜଣକ ସମସ୍ତଙ୍କୁ ଦେଖି ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଥିଲେ। ସମସ୍ତ ତଥ୍ୟ ସଂଗ୍ରହ ପରେ କୋମନା ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ରଙ୍କୁ ସେମାନେ ଜଣାଇଥିଲେ । ସଭାପତି ମିଶ୍ର ପୋଲିସ ଏବଂ ବ୍ଲକର ଏକ ଟିମ୍ ସହ ସେଠାରେ ପହଞ୍ଚିଥିଲେ । ଚାଲିବୁଲି ପାରୁ ନ ଥିବା ଜୀର୍ଣ୍ଣଶୀର୍ଣ୍ଣ ବୃଦ୍ଧା ଡାଳଙ୍କୁ ଏକ କାଠ ଲେହେଙ୍ଗା ସାହାଯ୍ୟରେ ଜଙ୍ଗଲ ତଳକୁ ଅଣାଯାଇଥିଲା। କୋମନା ହସ୍ପିଟାଲରେ ତାଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଙ୍କୁ ଏକ ଜରାଶ୍ରମରେ ରଖାଯିବା ବ୍ୟବସ୍ଥା କରାଯିବ । ବୃଦ୍ଧାଙ୍କୁ ଯଦି କେହି ଏଠାକୁ ଆଣି ରଖିଥିବ ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମିଶ୍ର କହିଛନ୍ତି । ଏଭଳି ଅବସ୍ଥାରେ ଜଣେ ବୃଦ୍ଧା ଜଙ୍ଗଲକୁ ଚଢିବା ଅସମ୍ଭବ। ଏହା କୌଣସି ଖଳ ପ୍ରକୃତିର ଲୋକଙ୍କ କାରନାମା। ମାନବିକତାର ଚରମ ଉଲଙ୍ଘନ ହୋଇଛି । ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ କ୍ଲବ ସଭାପତି ଜଗତ ନିଆଲ ଦାବି କହିଛନ୍ତି । କୋମନା ଥାନା ଏସ୍‌ଆଇ ଜିତେନ୍ଦ୍ର କୁମାର ବିଶ୍ୱାଳ ମଧ୍ୟ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ।



ଯୁବକମାନେ ବୃଦ୍ଧାଙ୍କୁ ଜଙ୍ଗଲରୁ ବୋହି ଆଣୁଛନ୍ତି ।

### ସମଲେଶ୍ୱରୀଙ୍କ ଶୈଳପୁତ୍ରୀ ବେଶ

**ବରଗଡ଼ ଅଫିସ,୧୭।୧୦**

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ନବଦିନାତ୍ମକ ଶାରଦୀୟ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ସକାଳୁ ସ୍ଥାନୀୟ ଜିରା ନଦୀରେ ଖଣ୍ଡାଧୁଆ ପର୍ବ ସହିତ କଳସ ଆବାହନ କରି ମନ୍ଦିରକୁ ଅଣାଯାଇଥିଲା। ମାଁ ସମଲେଶ୍ୱରୀ ଦେବୀ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ।

### ବ୍ଲକ ଉପାଧକ୍ଷାଙ୍କୁ ମିଳିଲା ଅଧକ୍ଷା ଦାୟିତ୍ୱ

**କର୍ଲାମୁଣ୍ଡା, ୧୭।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତିର ଉପାଧକ୍ଷା ଆନନ୍ଦିନୀ ଭୋଇ ଶନିବାର ଅଧକ୍ଷା ଦାୟିତ୍ୱ ନେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଜିଲାପାଳଙ୍କ ଅଫିସ ପତ୍ରାଙ୍କ ସଂଖ୍ୟା ୯୫୬/ତା୧୬।୧୦।୨୦ରିଖ ଅନୁଯାୟୀ ଉପାଧକ୍ଷା ଭୋଇଙ୍କୁ ଦାୟିତ୍ୱ ମିଳିବା ପରେ ଆମରଣ ଅନଶନ କରୁଥିବା ସମିତି ସଭ୍ୟାସଭ୍ୟ ଧାରଣା ପ୍ରତ୍ୟାହାର କରି ନେଇଛନ୍ତି। ଅନ୍ୟପକ୍ଷେ ପୂର୍ବତନ ଅଧକ୍ଷା ଅମୃତା ସାହୁ ଭୁଲ୍ ପଦ୍ଧତିରେ ଗୁପ୍ତ ମତଦାନର ଭୋଟ ଗଣତି ହୋଇଥିବା ଅଭିଯୋଗ କରି ଗତ ୧୫ ତାରିଖରେ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଅନାସ୍ଥା ପ୍ରସ୍ତାବ ଭୋଟର ଗଣତି ପରେ ଅଧକ୍ଷାଙ୍କ ପରାଜିତ ହୋଇଥିବାରୁ ଗତ ୧୨ ତାରିଖଠାରୁ ଅଧକ୍ଷା ପଦବୀ ଖାଲି ପଡିଥିଲା। ଏନେଇ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୨୦ କ (୩) ଅନୁଯାୟୀ ତୁରନ୍ତ କର୍ଲାମୁଣ୍ଡା ଉପାଧକ୍ଷାଙ୍କୁ ଅଧକ୍ଷା ଦାୟିତ୍ୱ ଦେବା ନେଇ ସମିତି ସଭ୍ୟମାନେ ଜିଲାପାଳଙ୍କ ଦୃଷ୍ଟିଆର୍କଷଣ କରିଥିଲେ। ପ୍ରଶାସନ ନୀରବଦ୍ରଷ୍ଟା ହେବାରୁ ଗୁରୁବାର ସମିତି ସଭ୍ୟମାନେ ବ୍ଲକ ପରିସରରେ ଆମରଣ ଅନଶନରେ ବସିଥିଲେ।



## ରୁଙ୍ଗଟା ଗ୍ରୁପ୍ ମାଇନ୍ସର ସାନଇନ୍ଦୁପୁର ଖଣିକୁ ପୁରସ୍କାର




ରୁଙ୍ଗଟା ଗ୍ରୁପ୍ ମାଇନ୍ସ କର୍ମକର୍ତ୍ତା ପୁରସ୍କାର ଗ୍ରହଣ କରୁଛନ୍ତି ।

**ଟେନସା, ୧୭।୧୦ (ଡି.ଏନ.ଏ.)**

କୋଇଲା ଖଣି ଅଞ୍ଚଳ ଅନ୍ତର୍ଗତ ସାନଇନ୍ଦୁପୁର ଖଣିକୁ ଏନଏମଡିସି ୨୦୧୯-୨୦ ବର୍ଷ ପାଇଁ ସାମାଜିକ ସଚେତନତା ପୁରସ୍କାର ମିଳିଛି। ଫେଡ଼ରେସନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରି (ଏଫଆଇଏମଆଇ) ତରଫରୁ ଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉତ୍ସବରେ ଭାରତ ସରକାରଙ୍କ କୋଇଲା ଏବଂ ଖଣି ବିଭାଗ ସଚିବ ଅନୀଲ କୁମାର ଜୈନ ଏବଂ ସଭାପତି ସୁନୀଲ ଦୁଗାଲ ରୁଙ୍ଗଟାର ଜିଏମ କର୍ପୋରେଟ ଆଫାୟର୍ସ କମଳେଶ ରାୟ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ରୁଙ୍ଗଟା ଗ୍ରୁପର ଜେଆଇଭିପି ରାମ ଅଗ୍ରୱାଲଙ୍କୁ ମଧ ସମ୍ମାନ ପତ୍ର ପ୍ରଦାନ କରାଯାଇଛି। ପରିବେଶର ସ୍ଥାୟିତ୍ୱ ଏବଂ ସ୍ଥିତାବସ୍ଥାକୁ ନଜରରେ ରଖି ଖଣିରେ ନୂଆ ନୂଆ ଯାନ୍ତ୍ରିକ ଉଦ୍ଭାବନକୁ ପ୍ରଚଳନ ମଧ କରୁଥିବା ଅଗ୍ରୱାଲ ପ୍ରକାଶ କରିଛନ୍ତି । ଖଣି ମଧରେ ଏକ ସୁରକ୍ଷାର ବାତାବରଣ ସୃଷ୍ଟି କରିବା ଏବଂ ଏହାକୁ ବର୍ଷ ତମାମ ବଜାୟ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଖଣିର ସମସ୍ତ କର୍ମଚାରୀଙ୍କୁ ରୁଙ୍ଗଟାର ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଦେଇଛନ୍ତି।

## ପ୍ରସନ୍ନଙ୍କ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ,୧୭।୧୦**


ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଶନିବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆଚାର୍ଯ୍ୟ ବୁଧବାର ଦିଲ୍ଲୀରୁ ଭୁବନେଶ୍ୱର ଫେରିଥିଲେ। ଗୁରୁବାର ସେ ବରଗଡ଼ସ୍ଥିତ ନିଜ ବାସଭବନକୁ ଆସିଥିଲେ।

## ୧୩୬ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବଲପୁର, ୧୭।୧୦ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମତିଥିରେ ବିବିଧ କାର୍ଯ୍ୟକ୍ରମ ହୀରାକୁଦ ବରିଷ୍ଠ ନାଗରିକ ସଙ୍ଗଠନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାନସଭା କ୍ଷେତ୍ର ବିଜେଡି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୧୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବତନ ବିଧାୟିକ ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ମହାନଗର ନିଗମ ସଭାପତି ପ୍ରଫୁଲ୍ଲ ଦାଶ, ଗୋକୁଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ୫୦ଜଣ ମହିଳା ବିଜେଡିରେ ଯୋଗ ଦେଇଥିଲେ।

## ଏନ୍‌ଇଇଟିରେ ବିକାଶର ୨୧୦ ଛାତ୍ରୀଛାତ୍ର ସଫଳ



ପ୍ରିୟାଂଶୁ ଅଗ୍ରୱାଲ



ଧିରଜ ପଟେଲ



ଅନୁଜ ବଂଶଲ



ଦିବ୍ୟରଞ୍ଜନ ଓରାମ

**ବରଗଡ଼ ଅଫିସ,୧୭।୧୦**

ସଦ୍ୟ ପ୍ରକାଶ ପାଇଥିବା ରାଷ୍ଟ୍ରୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ମେଡ଼ିକାଲରେ ବିକାଶ ଶିକ୍ଷାନୁଷ୍ଠାନର ୨୧୦ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ ଶାଖାର ୧୧ଜଣ ଛାତ୍ର ୬୧୪, ୨୩ଜଣ ଛାତ୍ର ୫୦୦ ଏବଂ ୩୭ଜଣ ଛାତ୍ରୀଛାତ୍ର ୪୦୦ରୁ ଅଧିକ ମାର୍କ ରଖି ସଫଳ ହୋଇଛନ୍ତି ବୋଲି ବିକାଶ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ବରଗଡ଼ ଶାଖାର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ପ୍ରିୟାଂଶୁ ଅଗ୍ରୱାଲ ୯୫.୫୬, ଧୀରଜ ପଟେଲ ୯୬.୪, ଅନୁଜ ପଟେଲ ୯୭.୪, ବିବୁଧେନ୍ଦ୍ର ପଣ୍ଡା ୯୪.୨, ସାଇ କହ୍ନେୟା ସାହୁ ୯୪.୪, ସଙ୍କେତ ସାହୁ ଓ ଆଦର୍ଶ ବଂଶଲ ୯୫.୨, ଈପ୍‌ସିତା ମିଶ୍ର ୯୫, ଶୁଭମ୍ ପାତ୍ର, ଶିବାନନ୍ଦ ସାହୁ, ସାଗର ମେହେର, ପ୍ରଭାତ ମହାନନ୍ଦ, ରେବତୀ ରଞ୍ଜନ ବେହେରା ୯୪.୨, ସୌମ୍ୟାରାଣୀ ଶତପଥୀ ୯୪ ପ୍ରତିଶତ ମାର୍କ ରଖି ସଫଳ ହୋଇଛନ୍ତି ।

ସେହିପରି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ ଶାଖାର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ରିତେଶ କୁମାର ନାୟକ ୮୪.୨, ବିକାଶ ଦି କନସେପ୍ଟ ସ୍କୁଲ, ସମ୍ବଲପୁର ଶାଖାର ଦିବ୍ୟରଞ୍ଜନ ଓରାମ ୯୩ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ୧୪୨(ଏସ୍‌ଟି) ର୍‍ୟାଙ୍କରେ ରହିଥିବାବେଳେ ଲିପ୍‌ସାରାଣୀ ଧରୁଆ ୪୧୦, ଅନ୍ନଦା ମଞ୍ଜରୀ ପ୍ରଧାନ ୩୮୫ ମାର୍କ ରଖିଛନ୍ତି । ବିକାଶ ଆବାସିକ ବିଦ୍ୟାଳୟ ଭୁବନେଶ୍ୱର ଶାଖାର ଆଶିଷ ଆୟୁଷ୍ମାନ ସାହୁ(୯୫%)ଙ୍କ ସମେତ ୪ଜଣ ଛାତ୍ରୀଛାତ୍ର ସଫଳ ହୋଇଥିବା ସୂଚନା ଦିଆଯାଇଛି।ଏହି କୃତିତ୍ୱ ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଭି. ଶ୍ରୀନିବାସ, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଡାଇରେକ୍ଟର(ଏକାଡେମିକ୍ସ) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଆଡମିନିଷ୍ଟ୍ରେଶନ) ଡି. ବିବେକ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ପ୍ରମୁଖ କୃତୀ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଯୁବକଙ୍କୁ ଗଳାକାଟି ହତ୍ୟା ଅଭିଯୋଗ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

**ବାର୍‌ହା ଶିକାର ପାଇଁ ଟଣା ଯାଇଥିବା ବିଦ୍ୟୁତ୍ ତାର କାଳ ହୋଇଥିବା ଅନୁମାନ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଧଦଲୋମୁଣ୍ଡା ଗାଁର ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ନୀଳାମ୍ବର ବେସନଚୋର (୨୪)। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି ମାରଣାସ୍ତ୍ର ଜବତ କରିଛି। ମଙ୍ଗଳବାର ନୀଳାମ୍ବର ଜଣେ ସମ୍ପର୍କୀୟଙ୍କ ଘରକୁ ଘରକୁ ଯାଇ ସନ୍ଧ୍ୟାସୁଦ୍ଧା ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରି ନ ପାଇବାରୁ ଶେଷରେ ସେ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଶୁକ୍ରବାର ସକାଳେ ଧଦଲୋମୁଣ୍ଡା ଓ ଆଖପାଖ ଗ୍ରାମର ଲୋକେ ଦଳ ଦଳ ହୋଇ ଜଙ୍ଗଲରେ ଖୋଜା ଖୋଜି କରିଥିଲେ। ଶେଷରେ ଗାଁରୁ ପ୍ରାୟ ୮ କି.ମି. ଦୂର ଜଙ୍ଗଲରୁ ନୀଳାମ୍ବରଙ୍କ ମୃତଦେହ ମିଳିଥିଲା। ତାଙ୍କ ବେକରେ କଟା ଦାଗ ରହିଥିଲା। ଏହି ଖବର ପାଇ ଯୁଯୁମୁରା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଛେଦ ପରେ ଶନିବାର ପରିବାରକୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ନୀଳାମ୍ବରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ଅଞ୍ଚଳବାସୀ ବନ ବିଭାଗକୁ ଦାୟୀ କରିଛନ୍ତି। ଏହି ଅଞ୍ଚଳରେ କ୍ଷେତରେ ବିଦ୍ୟୁତ୍ ତାର ସଂଯୋଗ କରି ବନ୍ୟପ୍ରାଣୀ ଶିକାର କରାଯାଉଛି। ବିଶେଷକରି ସଞ୍ଜ ନଇଁଲେ ବାର୍‌ହା ପଲ ଧାନ ଖାଇବାକୁ କ୍ଷେତମୁହାଁ ହେଉଛନ୍ତି। ଆଉ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟୁଛି। ଏହାପରେ ଆଖପାଖରେ ଛକି ରହିଥିବା ଶିକାରୀ ମାଂସ କାଟି ବଜାରରେ ବିକ୍ରି କରୁଛନ୍ତି। ଏଣୁ ଯାହା ଅନୁମାନ କରାଯାଉଛି ନୀଳାମ୍ବର ଘରକୁ ଫେରିବାବେଳେ ଅଜାଣତରେ ବାର୍‌ହା ଶିକାର ଲାଗି ଟଣା ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜୀବନ ଯାଇଥିବ। ଏହାପରେ ଶିକାରୀମାନେ ଭୟଭୀତ ହୋଇ ତାଙ୍କୁ ଦୂର ଜଙ୍ଗଲକୁ ନେଇ ଫିଙ୍ଗି ଦେଇ ପାରନ୍ତି। ତେବେ ବନ୍ୟପ୍ରାଣୀ ଶିକାରୀଙ୍କ ସମ୍ପର୍କରେ ଅନେକ ସମୟରେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଓଲଟା ବନ ବିଭାଗ ଅଭିଯୋଗକାରୀଙ୍କ ନାମ ଶିକାରୀଙ୍କୁ କହିଦେଉଛି। ଏଣୁ ଏହି ଘଟଣା ଲାଗି ଗ୍ରାମବାସୀ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ପୋଲିସ ଆବଶ୍ୟକ ପ୍ରମାଣ ସହ ଶିଘ୍ର ଚାର୍ଜସିଟ ଦାଖଲ କରୁ। ଯେଭଳି ଭାବେ ଶିଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ଗାଁ ଲୋକେ ଦାବି କରିଛନ୍ତି। ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି ଯେ, ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇଛି । ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବନ୍ୟପ୍ରାଣୀ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ପ୍ରଥମେ ନୀଳାମ୍ବର ଲାଗି ଯାଇଥାଇପାରନ୍ତି। ଅଭିଯୁକ୍ତଙ୍କୁ ସେ ଚିହ୍ନିଦେବାରୁ ନିର୍ଦ୍ଦୟ ହୋଇ ଅଭିଯୁକ୍ତମାନେ ତାଙ୍କ ଗଳା କାଟି ହତ୍ୟା କରିବା ପରେ ଦୂର ଜଙ୍ଗଲକୁ ନେଇ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି।

**ପେଟିଏମ୍-ଫ୍ଲିପ୍‌କାର୍ଟ ସହବନ୍ଧନ**

ନୂଆଦିଲ୍ଲୀ: ଫ୍ଲିପ୍‌କାର୍ଟ ପକ୍ଷରୁ ପେଟିଏମ୍ ସହିତ ସହବନ୍ଧନ ଘୋଷଣା କରାଯାଇଛି। ଏହା ଫଳରେ ଫ୍ଲିପ୍‌କାର୍ଟର ବିଗ୍-ବିଲିୟନ ଡେଜ୍ ସମୟରେ ଲକ୍ଷ ଲକ୍ଷ ପେଟିଏମ୍ ବ୍ୟବହାରକାରୀ ସହଜରେ କାରବାର କରିପାରିବେ। ଗ୍ରାହକମାନେ ପେଟିଏମ୍ ୱାଲେଟ ଏବଂ ପେଟିଏମ୍ ୟୁପିଆଇ ଜରିଆରେ ସହଜରେ ପେମେଣ୍ଟ କରିବାକୁ ମଧ୍ୟ ସକ୍ଷମ ହୋଇପାରିବ। ବିଗ୍ ବିଲିୟନ ଡେଜ୍ ସେଲ୍ ସମୟରେ ଚେକ୍‌ଆଉଟ କରିବାକୁ ପେଟିଏମ୍ ବ୍ୟବହାରକାରୀଙ୍କ ପାଇଁ ୱାଲେଟ ବାଲାନ୍ସ ସବୁଠାରୁ ଦ୍ରୁତତମ ଉପାୟ ହେବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ଏଚ୍-୧ବି ଭିଜାକୁ ନେଇ ମାମଲା

**ମୁମ୍ବାଇ,୧୭।୧୦:** ଏଚ୍-୧ ବି ଭିଜା ବର୍ଗରେ ବେତନ ବୃଦ୍ଧିକୁ ନେଇ ଆମେରିକା ଡିଷ୍ଟ୍ରିକ୍ଟ କୋର୍ଟରେ ପ୍ରଥମ ମାମଲା ହୋଇଛି। ଆମେରିକାର ଡିପାର୍ଟମେଣ୍ଟ ଅଫ୍ ଲେବର ପକ୍ଷରୁ ଏଚ୍-୧ ବି ଭିଜା ବର୍ଗରେ ବେତନ ବୃଦ୍ଧି ନେଇ ଅନ୍ତରୀଣ ନିର୍ଦ୍ଦେଶ ଜାରି ହୋଇଥିଲା। ଆଇଟି ସର୍ଭିସର ୧୪ ଶହ ସଦସ୍ୟ ବିଶିଷ୍ଟ ସଙ୍ଗଠନ ପକ୍ଷରୁ ଏହି ମାମଲା ଦାଏର ହୋଇଥିବା ଜଣାପଡିଛି। ମୋଟ୍ ୪ଟି ବର୍ଗରେ ୪୭.୫୦%ରୁ ୫୧.୫୦% ବେତନ ବୃଦ୍ଧି ନେଇ ଟ୍ରମ୍ପ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି।

### ଚେକ୍‌ଇନ୍‌ରେ ୧୦୦ ଟଙ୍କା ଚାର୍ଜ ନେବ ଇଣ୍ଡିଗୋ

**ନୂଆଦିଲ୍ଲୀ,୧୭।୧୦:** ଦେଶର ପ୍ରମୁଖ ବିମାନ ସେବା ଯୋଗାଣକାରୀ କମ୍ପାନୀ ଇଣ୍ଡିଗୋ ବିମାନଯାତ୍ରୀଙ୍କ ଉପରେ ନୂଆ ଚାର୍ଜ ଲଗାଇଛି। କୌଣସି ବିମାନଯାତ୍ରୀ ଇଣ୍ଡିଗୋ କାଉଣ୍ଟରେ ଚେକ୍‌ଇନ୍ କରିବା ଉପରେ ୧୦୦ ଟଙ୍କା ଚାର୍ଜ ଦେବାକୁ ପଡ଼ିବ। ରାଜସ୍ୱ ଆଦାୟ ଲାଗି କମ୍ପାନୀ ଏଭଳି ନୂଆ ପନ୍ଥା ଆପଣାଇଥିବା କୁହାଯାଉଛି। ଏଭଳି ପନ୍ଥା ଆଗାମୀ ଦିନରେ ଅନ୍ୟ କମ୍ପାନୀଗୁଡିକ ଲାଗୁ କରାଇପାରନ୍ତି। ଏୟାରପୋର୍ଟରେ ପ୍ରବେଶ କରିବା ଲାଗି ଚେକ୍ ଇନ୍ କରିବା ଅନିବାର୍ଯ୍ୟ ବୋଲି ମେ ମାସରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପୂର୍ବରୁ କହିସାରିଛି। ଯେଉଁମାନେ ଚେକ୍ ଇନ୍ ନ କରିବେ ସେମାନଙ୍କୁ ବିମାନ ବନ୍ଦରରେ ପ୍ରବେଶ କରିବା ଲାଗି ଅନୁମତି ମିଳିବ ନାହିଁ।

### ସୋନିର ନୂଆ ହେଡ୍‌ଫୋନ

**ନୂଆଦିଲ୍ଲୀ,୧୭।୧୦:** ସୋନି ଇଣ୍ଡିଆ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ନୂତନ ୱେୟାରଲେସ ହେଡ୍‌ଫୋନ ଡବ୍ଲ୍ୟୁଏଫ୍-ଏଚ୍ ୮୦୦ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲର ପ୍ରକୃତ ୱେୟାରଲେସ ଡିଜାଇନ ଏକ ଅଭିନବ ସୁବିଧାଜନକ ଏବଂ ନିରାପତ୍ତା ଟ୍ରାଇ ହୋଲ୍ଡ ଗଠନ ସହ ଆସିଛି। ଏହି ମଡେଲର ବ୍ୟାଟେରି ଲାଇଫ ପ୍ରାୟ ୧୬ ଘଣ୍ଟା ରହିଛି। ସେହିଭଳି ୭୦ ମିନିଟ ପାଇଁ ପ୍ଲେ ବ୍ୟାକ୍ ଓ ୧୦ ମିନିଟ ପାଇଁ କ୍ୱିକ୍ ଚାର୍ଜର ସୁବିଧା ରହିଛି। ଏହା ଏକ ନିରାପଦ ଓ ଆରାମଦାୟକ ଫିଟିଂ ପାଇଁ ଆପଣଙ୍କ କାନର ୩ଟି ସ୍ଥାନରେ ସ୍ପର୍ଶ କରିବା ଭଳି ବିଭିନ୍ନ ଡିଜାଇନ କରାଯାଇଛି। ଏହାର ଦାମ ୧୪,୯୯୦ ଟଙ୍କା ରହିଛି। ଏହି ମଡେଲକୁ ଗ୍ରାହକମାନେ ଫ୍ଲିପ୍‌କାର୍ଟ ସମେତ ସୋନିର ବିଭିନ୍ନ ରିଟେଲ ଷ୍ଟୋରରୁ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ପୁଣି ଫେରିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ,୧୭।୧୦**




**ପୁନରୁଦ୍ଧାର ଯୋଜନାକୁ ମଞ୍ଜୁରୀ**

ଜେଟ୍ ଏୟାରୱେଜ୍ ପୁଣି ଥରେ ଫେରିବା ନେଇ ଆଶା ଜନ୍ମିଛି। ବିଭିନ୍ନ ସମସ୍ୟାରେ ଛନ୍ଦିହୋଇ ଏହି ବିମାନ କମ୍ପାନୀ ଗତ ବର୍ଷ ଏପ୍ରିଲରୁ ବନ୍ଦ ହୋଇ ପଡ଼ିଛି। ବିମାନ କମ୍ପାନୀକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଇବା ଲାଗି ଯୋଜନାକୁ କ୍ରେଡିଟର କମିଟି ଶନିବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ପୁନରୁଦ୍ଧାର ଯୋଜନା ୟୁଏଇ ବ୍ୟବସାୟୀ ମୁରାରୀଲାଲ ଜଲାନ ଏବଂ ଲଣ୍ଡନର କାଲରକ ନାମକ କମ୍ପାନୀର କନର୍ସୋଟିୟମ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଯୌଥ ଉଦ୍ୟୋଗ ଆସନ୍ତା ବର୍ଷ ମଧ୍ୟଭାଗ ସୁଦ୍ଧା ଜେଟ ବିମାନ କମ୍ପାନୀକୁ କାର୍ଯ୍ୟକ୍ଷମ କରାଇବ ବୋଲି ସୂଚନା ରହିଛି। କମ୍ପାନୀକୁ ପରିଚାଳନା କରିବା ଲାଗି ପାଣ୍ଠି ଯୋଗାଣ ଲକ୍ଷ୍ୟ ରଖାଯାଇଛି। ଏହି କମ୍ପାନୀକୁ ୧୦୦୦ କୋଟି ଟଙ୍କାର ଇକ୍ୱିଟି ପୁଞ୍ଜି ଯୋଗାଇ ଦିଆଯିବ। ଜେଟ୍‌ର ୬ ପୁରୁଣା ବିମାନକୁ ବିକ୍ରି କରାଯିବା ସହ ନୂଆ ପ୍ଲେନ୍ ଯୋଡ଼ିବା ଏବଂ ଋଣ ପ୍ରଦାନକାରୀଙ୍କୁ ଅଂଶଧନ ପ୍ରଦାନ ଉପରେ ମଧ୍ୟ ବିଚାର କରାଯିବ।

ସୂଚନାଯୋଗ୍ୟ, ଗତ ୨ବର୍ଷ ତଳେ ଜେଟ୍ ଏୟାରୱେଜ୍‌ର ସମସ୍ୟା ଆରମ୍ଭ ହୋଇଥିଲା। ୧୯୯୩ରେ ଏହି ବିମାନ କମ୍ପାନୀ ଆରମ୍ଭ ହୋଇଥିଲା। ଏହାକୁ ଦେଶର ସବୁଠାରୁ ପୁରୁଣା ଘରୋଇ ବିମାନ କମ୍ପାନୀ ବୋଲି ବିବେଚନା କରାଯାଏ। କମ୍ପାନୀ ପରିଚାଳନା ଲାଗି ପୁଞ୍ଜି ନ ମିଳିବାରୁ ଗତ ବର୍ଷ ଏପ୍ରିଲ ମାସରେ ଏହା ବନ୍ଦ ହୋଇଯାଇଥିଲା। ଏହା ପରଠାରୁ ବିମାନ କମ୍ପାନୀକୁ ପରିଚାଳିତ କରାଇବା ଯୋଜନା ହେଉଛି। ବର୍ତ୍ତମାନ ଏ ନେଇ ନୂଆ ବାଟ ଖୋଲିଥିବା ବେଳେ ପୁନରୁଦ୍ଧାର ଯୋଜନା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ମଞ୍ଜୁରୀ ଅପେକ୍ଷାରେ ରହିଥିବା ରିଜୋଲ୍ୟୁଶନ ପ୍ରଫେଶନାଲ ଆଶିଷ ଚଚାରିଆ ସୂଚନା ଦେଇଛନ୍ତି। ଏନ୍‌ସିଏଲ୍‌ଟି ମଞ୍ଜୁରୀ ମିଳିଲେ ଜେଟ୍‌ର ପ୍ରତ୍ୟାବର୍ତ୍ତନ ପୁଣି ଥରେ ହେବ। କମ୍ପାନୀ ଲାଗି ପୁଞ୍ଜି ସଂଗ୍ରହ, ଫ୍ଲିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟପନ୍ଥା ମଧ୍ୟ ହାତକୁ ନିଆଯିବ। ସୂଚନାଯୋଗ୍ୟ ଜେଟ୍‌ର ପ୍ରଥମ ବିମାନ ୧୯୯୩ ମେ ୫ରେ ମୁମ୍ବାଇଠାରୁ ଅହମ୍ମଦାବାଦ ଏବଂ ଶେଷ ବିମାନ ୨୦୧୯ ଏପ୍ରିଲ ୧୭ରେ ମୁମ୍ବାଇଠାରୁ ଅମ୍ରିତସର ମଧ୍ୟରେ ରହିଥିଲା। କମ୍ପାନୀ ଲାଗି ଆବଶ୍ୟକ ପୁଞ୍ଜି ସଂଗ୍ରହକରି ଏହାକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଇବା ଏକ ଚ୍ୟାଲେଞ୍ଜିଂ କାମ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

# ନିଟ୍‌ରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା



ସୋଏବ ଅଫ୍‌ତାବ



ଆକାଂକ୍ଷା ସିଂ



ଏସ୍. ତୁମ୍ମଲା

**ନୂଆଦିଲ୍ଲୀ,୧୭।୧୦**

ନିଟ୍ ୨୦୨୦ରେ ଆକାଶ ଇନ୍‌ଷ୍ଟିଚ୍ୟୁଟ ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମେଧା ତାଲିକାର ଶୀର୍ଷ ୩ରେ ଆକାଶର ଛାତ୍ରୀଛାତ୍ର ରହିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଭଲ ଫାକଲ୍ଟି, ପାଠ୍ୟକ୍ରମ ଏବଂ ପ୍ରସ୍ତୁତି କରାଇବାରେ ସ୍ୱତନ୍ତ୍ର କୌଶଳ ଛାତ୍ରୀଛାତ୍ରଙ୍କ ସଫଳତାକୁ ବଢ଼ାଇବା ଦିଗରେ ସହାୟକ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ତାଲିକାର ପ୍ରଥମ ସ୍ଥାନରେ ଓଡ଼ିଶାର ସୋଏବ ଅଫ୍‌ତାବ ରହିଥିବା ବେଳେ ଡିଷ୍ଟାନ୍ସ ଲର୍ନିଂ କାର୍ଯ୍ୟକ୍ରମର ଛାତ୍ର ରହିଥିଲେ। ଦ୍ୱିତୀୟ ସ୍ଥାନରେ ରହିଥିବା ଗୋରଖପୁରର ଆକାଂକ୍ଷା ସିଂ ଏବଂ ତୃତୀୟରେ ରହିଥିବା ଏସ୍. ତୁମ୍ମଲା ମଧ୍ୟ ଆକାଶର ଛାତ୍ରୀ ରହି ଆସିଛନ୍ତି। ଏହି ୨ ଛାତ୍ରୀ ଆକାଶର କ୍ଲାସ୍‌ରୁମ୍ କାର୍ଯ୍ୟକ୍ରମର ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଜେଇଇ ଆଡଭାନ୍ସ ୨୦୨୦ରେ ଆକାଶର ଚିରାଗ ଫାଲୁର ପ୍ରଥମ ସ୍ଥାନରେ ରହିଥିଲେ। ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ୍‌ର ସିଇଓ ଆକାଶ ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ କଠୋର ପରିଶ୍ରମ, ଫାକଲ୍ଟିଙ୍କ ଗାଇଡାନ୍ସ ଏବଂ ଉନ୍ନତ ଟେଷ୍ଟ ପ୍ରସ୍ତୁତି ଦ୍ୱାରା ଏଭଳି ସଫଳତା ମିଳିଛି ବୋଲି ସେ ମତ ରଖିଛନ୍ତି।




# ଆଦିତ୍ୟ ମୋଟର୍ସରେ ଅଲ୍ ନ୍ୟୁ 'ଥାର୍'

**ଭୁବନେଶ୍ୱର,୧୭।୧୦**

ଫୁଲନଖରା ନିକଟସ୍ଥ ବମ୍ପକୁଦଠାରେ ଥିବା ଆଦିତ୍ୟ ମୋଟର୍ସ ପରିସରରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଯାନ 'ଥାର୍' ଉନ୍ମୋଚିତ ହୋଇଯାଇଛି। ଅନ୍ତର୍ଜାତୀୟ ଆଥଲେଟ ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଏରିଆ ମ୍ୟାନେଜର ମନୋଜ ମହାପାତ୍ର, ଆଦିତ୍ୟ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର, ଆଦିତ୍ୟ ମୋଟର୍ସର ଜେନେରାଲ ମ୍ୟାନେଜର ମନୋଜ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ମଡେଲଟି ଅଧିକ ପ୍ରଶସ୍ତ, ଉନ୍ନତ ବାଲାନ୍ସ ସ୍ଥିତି, ହାର୍ଡ ଟପ୍ ଏବଂ କନ୍‌ଭର୍ଟିବଲ ରୁଫ୍‌ଟପ୍ ବିକଳ୍ପ ସହ ଆସିଛି। ଗ୍ରାହକ ଏଥିରେ ଆଇକନିକ ଡିଜାଇନ,ଏଲ୍‌ଇଡି ଡେ ଟାଇମ୍ ରନିଂ ଲ୍ୟାମ୍ପ, ଡୁଆଲ ଟୋନ୍ ବମ୍ପର,ଏଲ୍‌ଇଡି ଟେଲ୍ ଲ୍ୟାମ୍ପ, ୪୫.୭୨ ସେମିର ଡିପ୍ ସିଲ୍‌ଭର ଆଲଏ ହ୍ୱିଲସ,ଫ୍ରଣ୍ଟ ଫଗ୍ ଲ୍ୟାମ୍ପ,ଅଲ୍ ନ୍ୟୁ ପର୍‌ପସ୍‌ଫୁଲ୍ ଇଣ୍ଟେରିୟର ଆଦି ବୈଶିଷ୍ଟ୍ୟ ପାଇପାରିବେ। ନ୍ୟୁ ଥାର୍‌ର ପ୍ରାରମ୍ଭିକ ମୂଲ୍ୟ୯.୮୦ ଲକ୍ଷ ଟଙ୍କା ରହିଛି। ଏହାବାଦ୍ ମଡେଲରେ ସ୍ପୋର୍ଟି ଫ୍ରଣ୍ଟ ସିଟ୍,ଟିଲ୍‌ଟ ଆଡଜଷ୍ଟେବଲ ଷ୍ଟିଅରିଂ,ପାୱାର ୱିଣ୍ଡୋ,ସେଣ୍ଟ୍ରାଲ ଲକିଂ ୱିଥ୍ ରିମୋଟ ଫ୍ଲିପ୍ କି ଭଳି ଅନେକ ବୈଶିଷ୍ଟ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଏସ୍‌ବିଆଇ କାର୍ଡ ପକ୍ଷରୁ ପାର୍ବଣ ଅଫର

**ନୂଆଦିଲ୍ଲୀ,୧୭।୧୦**

'ଏସ୍‌ବିଆଇ କାର୍ଡ' ଏହାର ଗ୍ରାହକମାନଙ୍କ ପାଇଁ ଚଳିତ ପାର୍ବଣ ଋତୁରେ ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅବସରରେ କମ୍ପାନୀ ଗ୍ରାହକଙ୍କ ଲାଗି ୨୦୦୦ ସହରରେ ୧୦୦୦ରୁ ଊର୍ଦ୍ଧ୍ୱ ବିବିଧ ରେଞ୍ଜର ଅଫର ପ୍ରଦାନ କରୁଛି। ସେହିଭଳି ଚଳିତ ଅକ୍ଟୋବରରେ ଫ୍ଲିପ୍‌କାର୍ଟର 'ଦି ବିଗ୍ ବିଲିୟନ ଡେଜ୍' ଶପିଂ ଫେଷ୍ଟିଭାଲ ପାଇଁ ଏକମାତ୍ର କ୍ରେଡିଟ କାର୍ଡର ବ୍ୟବହାର ଲାଗି ଉଭୟ ସଂସ୍ଥା ମଧ୍ୟରେ ସହଭାଗୀ ହୋଇଛି। ଏହି ଅଫରର ଅବଧି ସମୟରେ ଫ୍ଲିପ୍‌କାର୍ଟ ଜରିଆରେ କାରବାର କଲେ ଗ୍ରାହକଙ୍କୁ ୧୦% ତତ୍କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ସୁବିଧାର ଲାଭ ପାଇପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ୩୦୦ରୁ ଅଧିକ ଜାତୀୟ ସ୍ତରର ଅଫର ସମେତ ୭୦୦ରୁ ଊର୍ଦ୍ଧ୍ୱ ଆଞ୍ଚଳିକ ଏବଂ ୯୦୦ରୁ ଅଧିକ ସ୍ଥାନୀୟ ଅଫରଗୁଡିକ ଏହା ମାଧ୍ୟମରେ ପ୍ରଦାନ କରାଯାଉଛି। ଏହା ଜରିଆରେ ଗ୍ରାହକ ପ୍ରାୟ ୮୪,୫୦୦ ବ୍ୟବସାୟୀଙ୍କ ସମେତ ୧.୩ ଲକ୍ଷରୁ ଊର୍ଦ୍ଧ୍ୱ ଷ୍ଟୋରରେ ମଧ୍ୟ ଇଏମ୍‌ଆଇର ସୁବିଧା ପାଇପାରିବେ ବୋଲି ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଅଶ୍ୱିନୀ କୁମାର ତିୱାରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ସେଣ୍ଟ୍ରାଲ ବ୍ୟାଙ୍କର କୋଭିଡ୍ ସାମଗ୍ରୀ ପ୍ରଦାନ

**ଭୁବନେଶ୍ୱର,୧୭।୧୦**

ସେଣ୍ଟ୍ରାଲ ବ୍ୟାଙ୍କ ଏବଂ ଟାଟା ଏଆଇଏର ମିଳିତ ସହଯୋଗରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କର୍ତ୍ତୃପକ୍ଷଙ୍କୁ କୋଭିଡ୍ ସାମଗ୍ରୀ ପ୍ରଦାନ କରାଯାଇଛି। କରୋନା ମହାମାରୀର ସଫଳ ମୁକାବିଲା ସହ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ବ୍ୟାଙ୍କ ତା'ର ସାମାଜିକ ଦାୟିତ୍ୱବୋଧତା ସହ ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୪୫୦ ଟି ଫେସ୍ ସିଲ୍ଡ ଏବଂ ୨୫୦ ଟି ଫେସ୍ ମାସ୍କ ବିଏମ୍‌ସିକୁ ପ୍ରଦାନ କରାଯାଇଥିଲା। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଦୀପ ସାମନ୍ତରାୟ ଏହି ଫେସ୍ ସିଲ୍ଡ ଓ ମାସ୍କଗୁଡିକୁ ବିଏମ୍‌ସି ଡେପୁଟି କମିଶନର ଅଂଶୁମାନ ରଥଙ୍କୁ ପ୍ରଦାନ କରିଥିଲେ।

# 'ଓଡ଼ିଶା ପ୍ରମୁଖ ଇଏସ୍‌ଡିଏମ୍ ସ୍ଥଳ ହେବ'

**ଭୁବନେଶ୍ୱର,୧୭।୧୦**

ଇଲେକଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଆଣ୍ଡ ମାନୁଫାକ୍ଚରିଂ(ଇଏସ୍‌ଡିଏମ୍) କ୍ଷେତ୍ରର ବିକାଶ ଓ ଏହି କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଶ୍ରେଷ୍ଠ ୫ପ୍ରମୁଖ ଇଏସ୍‌ଡିଏମ୍ ସ୍ଥଳରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି ବୋଲି ଓଡ଼ିଶା ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି। ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପକ୍ଷରୁ ଏକ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଓଡ଼ିଶାର ଇଏସ୍‌ଡିଏମ୍ ଓ ଇଲେକ୍ଟ୍ରୋପ୍ରେନ୍ୟୁଅର ପାର୍କ-ଭୁବନେଶ୍ୱର ଆଦିରେ ରହିଥିବା ସୁଯୋଗ ଉପରେ ଆଲୋଚନା କରିଥିଲେ। ସେହିଭଳି ଏସ୍‌ଟିପିଆଇ ଉତ୍କର୍ଷ କେନ୍ଦ୍ର ବ୍ୟବସ୍ଥାରେ ଥିବା ଇଏସ୍‌ଡିଏମ୍ ଇନ୍‌କୁବେସନ ସୁଯୋଗ, ସମ୍ବଳ ଓ ସମ୍ଭାବନା ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଟିପିଆଇର ଡାଇରେକ୍ଟର ଜେନେରାଲ ଡ. ଓଁକାର ରାୟ,ଇଣ୍ଟେଲ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ଜିତେନ୍ଦ୍ର ଚଢ଼ାଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଓଡ଼ିଶା ଲାଇଭର ମୁଖ୍ୟ ସମ୍ପାଦକ ଓ ସିଇଓ ନୀଳାମ୍ବର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଓଡ଼ିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଘୋଷଣା**

**No. RDM-LAA-MBJ-0046-2019/16781 R&DM** **Dated: 19 May 2020**

No. XXI-82: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବାହାନଡ଼ା, ଥାନା: ବେତନଟୀ ସଂ. ୧୦୫, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLRAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୨୪୦ ତା୦୯।୦୮।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବାହାନଡ଼ା, ଥାନା: ବେତନଟୀ ସଂ ୧୦୫, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାହାନଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୩୭.୩୫ | ଏକର ୧୨.୯୮ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ବେତନଟୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୧୫।୧୦।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା: ୪୧।୨୦୧୮
ଏ.୧୨.୯୮ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା: ବାହାନଡ଼ା, ଥାନା: ବେତନଟୀ ନଂ. ୧୦୫, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ ରୟତି | ୫୫୫/୧୧୭୯ | ୦.୮୫ | ୦.୪୦ | ଶାରଦ ଏକ | ଅର୍ଜୁନ ବେହେରା, ପି.- ମାଧ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭ ରୟତି | ୪୫୫ | ୦.୦୮ | ୦.୦୭ | ଶାରଦ ଏକ | ଅନିରୁଦ୍ଧ ପାତ୍ର, ସୁରେନ୍ଦ୍ର ପାତ୍ର, ଦେବେନ୍ଦ୍ର ପାତ୍ର, ଗାନ୍ଧାରୀ ମହାନ୍ତି, ହେମ ପାତ୍ର, ବାସନ୍ତି ପାତ୍ର, ପି.- ଗୋକୁଳି ପାତ୍ର, ଚମ୍ପିମଣୀ ପାତ୍ର, ସ୍ୱା.- ଗୋକୁଳି ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୪୫୬ | ୦.୭୨ | ୦.୬୧ | ଶାରଦ ଏକ | |
| ୧୧ ରୟତି | ୬୪୦/୧୧୪୨ | ୦.୩୫ | ୦.୦୪ | ଶାରଦ ଏକ | ଅମୂଲ୍ୟ ଚନ୍ଦ୍ର ସାହୁ, ପି.- ଦୁରଜ ସାହୁ, ଜା: କୁବେର, ବା: ନିଜଗାଁ |
| | ୬୨୪/୧୧୯୯ | ୦.୨୦ | ୦.୧୬ | ଶାରଦ ଏକ | |
| ୧୮ ରୟତି | ୫୫୫/୧୧୮୦ | ୦.୩୩ | ୦.୦୫ | ଶାରଦ ଏକ | ଉପେନ୍ଦ୍ର ବେହେରା, ଗଜେନ୍ଦ୍ର ବେହେରା, ପି.- ଅର୍ଜୁନ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୩ ରୟତି | ୪୫୧ | ୦.୦୫ | ୦.୨୪ | ଶାରଦ ଏକ | କ୍ଷେତ୍ର ମୋହନ ନାୟକ, ପଦ୍ମ ଲୋଚନ ନାୟକ, ଉମାମଣି ନାୟକ, ପି.- ଭୋଳାନାଥ ନାୟକ, ମାଣିକା ନାୟକ, ସ୍ୱା.- ଭୋଳାନାଥ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୮ ରୟତି | ୫୫୧ | ୧.୪୫ | ୦.୨୪ | ଶାରଦ ଏକ | ଗଣେଶ୍ୱର ମହାନ୍ତ, ପିତାମ୍ବର ମହାନ୍ତ, କାର୍ତ୍ତିକେଶ୍ୱର ମହାନ୍ତ, ପି.- ଦୁଲା ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ଛଚିନାପଦା |
| ୭୦ ରୟତି | ୬୩୬ | ୦.୩୦ | ୦.୨୬ | ଶାରଦ ଏକ | ଗୌର ଚନ୍ଦ୍ର ମହାନ୍ତ, ନନ୍ଦ କିଶୋର ମହାନ୍ତ, ଅପର୍ତ୍ତି ମହାନ୍ତ, ପି.- ମହନ ମହାନ୍ତ, ଜା: କୁଡୁମି, ବା: ଛଚିନାପଦା |
| ୭୧ ରୟତି | ୬୩୭ | ୦.୭୦ | ୦.୨୬ | ଶାରଦ ଏକ | ଗୌର ଚନ୍ଦ୍ର ମହାନ୍ତ, ନନ୍ଦ କିଶୋର ମହାନ୍ତ, ଅପର୍ତ୍ତି ମହାନ୍ତ, ସୁଲୋଚନା ମହାନ୍ତ, ପେଲି ମହାନ୍ତ, ପି.- ମହନ ମହାନ୍ତ, ଜା: କୁଡୁମି, ବା: ଛଚିନାପଦା |
| ୭୩ ରୟତି | ୬୩୪ | ୦.୮୦ | ୦.୦୯ | ଶାରଦ ଏକ | ଚକ୍ରଧର ସାହୁ, ପି.- ବିଶ୍ରୁ ସାହୁ, ବିଦ୍ୟାଧର ସାହୁ, ସୁମତୀ ସାହୁ, ରେବତୀ ସାହୁ, ପି.- ଜଳଧର ସାହୁ, ପଦ୍ମନୀ ସାହୁ, ସ୍ୱା.- ଜଳଧର ସାହୁ, ଜା: କୁବେର, ବା: ନିଜଗାଁ |
| ୭୬ ରୟତି | ୫୩୮ | ୦.୬୩ | ୦.୪୨ | ଶାରଦ ଏକ | ଚନ୍ଦ୍ର ମୋହନ ପଣ୍ଡିତ, ପି.- ସୂର୍ଯ୍ୟାନନ୍ଦ ପଣ୍ଡିତ, ପବନି ପଣ୍ଡିତ, ସ୍ୱା.- ସୂର୍ଯ୍ୟାନନ୍ଦ ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮୩ ରୟତି | ୫୮୪ | ୫.୮୦ | ୦.୪୩ | ଶାରଦ ଏକ | ଜଗନ୍ନାଥ ରାଉତ, ସ୍ୱା.- ସୁରେନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ଛୁଟୁଣି |
| ୧୧୬ ରୟତି | ୫୭୯ | ୦.୪୫ | ୦.୩୫ | ଶାରଦ ଏକ | ନନ୍ଦ କିଶୋର ମହାନ୍ତ, ପି.- ମହନ ମହାନ୍ତ, ଜା: କୁଡୁମି, ବା: ଛଚିନାପଦା |
| | ୫୮୦ | ୦.୦୮ | ୦.୦୪ | ଶାରଦ ଏକ | |
| ୧୩୧ ରୟତି | ୫୮୩ | ୦.୧୧ | ୦.୧୧ | ଶାରଦ ଏକ | ନିରାମୟ ଖୁଣ୍ଟିଆ, ପି.- ହାଡ଼ିବନ୍ଧୁ ଖୁଣ୍ଟିଆ, ଜା: ଖଣ୍ଡାୟତ, ବା: ଛୁଟୁଣି |
| ୧୩୪ ରୟତି | ୩୯୮ | ୦.୫୨ | ୦.୨୦ | ଶାରଦ ଏକ | ପଞ୍ଚାନନ ବେହେରା, ପି.- ହରି ବେହେରା ଜା: ନିଆରି, ବା: ନିଜଗାଁ |
| ୧୩୯ ରୟତି | ୬୩୫ | ୦.୧୮ | ୦.୦୬ | ଶାରଦ ଏକ | ପରମାନନ୍ଦ ସାହୁ, ପି.- ଜଗବନ୍ଧୁ ସାହୁ, ଜା: କୁବେର, ବା: ନିଜଗାଁ |
| ୧୫୦ ରୟତି | ୫୩୩ | ୦.୧୮ | ୦.୦୯ | ଶାରଦ ଏକ | ପ୍ରାଣକୃଷ୍ଣ ବେହେରା, ଲକ୍ଷ୍ମୀ ବେହେରା, ପି.- ସୁବନି ବେହେରା, ଜା: ଗୋପାଳ, ବା: ନିଜଗାଁ |
| | ୫୩୫ | ୦.୧୬ | ୦.୧୬ | ଶାରଦ ଏକ | |
| ୧୫୬ ରୟତି | ୪୬୭ | ୧.୬୨ | ୦.୨୫ | ଶାରଦ ଏକ | ପୂର୍ଣ୍ଣଚନ୍ଦ୍ର ସାମଲ, ପି.- ଜଗନ୍ନାଥ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୫ ରୟତି | ୫୩୦ | ୦.୨୭ | ୦.୨୭ | ଶାରଦ ଏକ | ବସନ୍ତ କୁମାର ପଣ୍ଡିତ, ପି.- ମହେଶ୍ୱର ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୮ ରୟତି | ୫୫୩ | ୧.୫୯ | ୦.୨୬ | ଶାରଦ ଏକ | ବସନ୍ତ କୁମାର ପଣ୍ଡିତ, ପ୍ରଶାନ୍ତ କୁମାର ପଣ୍ଡିତ, ହେମନ୍ତ କୁମାର ପଣ୍ଡିତ, ପି.- ମହେଶ୍ୱର ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ, ନିମ ମହାନ୍ତ, ସ୍ୱା.- ସନାତନ ମହାନ୍ତ, କଟି ମହାନ୍ତ, କୁନ ମହାନ୍ତ, ଗୁଜୁରୀ ମହାନ୍ତ, ପି.- ଦୁଲା ମହାନ୍ତ, ଜା: କୁଡୁମି, ବା: ଛୋଟରାଏପୁର, ନିମ ମହାନ୍ତ, କବି ମହାନ୍ତ, କୁନ ମହାନ୍ତ, ଗୁଜରୀ ମହାନ୍ତ, ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ଖାତା ରୟତ ବସନ୍ତ କୁମାର ପଣ୍ଡିତ, ପ୍ରଶାନ୍ତ କୁମାର ପଣ୍ଡିତ, ହେମନ୍ତ କୁମାର ପଣ୍ଡିତ ରେଜେଷ୍ଟ୍ରି ଦଲିଲ ନମ୍ବର ୨୫୬୯ ତା୧୯।୧୦।୬୮, ଜରସମନ ଟ.୪୫୦୦.୦୦ଙ୍କା |
| ୧୭୦ ରୟତି | ୪୫୪ | ୦.୩୮ | ୦.୦୬ | ଶାରଦ ଏକ | ବଂଶୀଧର ସାହୁ, ପି.- ରାମଚନ୍ଦ୍ର ସାହୁ, ଜା: କୁବେର, ବା: ନିଜଗାଁ |
| ୨୦୮ ରୟତି | ୫୮୫ | ୦.୮୮ | ୦.୨୪ | ଶାରଦ ଏକ | ମଦନ ମୋହନ ନାଏକ, ମଧୁସୂଦନ ନାଏକ, ନକ କୁମାର ନାଏକ, ପି.- ହରପ୍ରସାଦ ନାଏକ, ଜା: ଖଣ୍ଡାୟତ, ବା: ସଠିଲୋ |
| | ୬୨୦ | ୧.୦୭ | ୦.୦୮ | ଶାରଦ ଏକ | |
| ୨୧୪ ରୟତି | ୪୭୩ | ୦.୬୮ | ୦.୩୮ | ଶାରଦ ଏକ | ମହେନ୍ଦ୍ର ନାରାୟଣ ପଣ୍ଡା, ପି.- ଭାଗବତ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୨୬ ରୟତି | ୪୫୯ | ୦.୦୩ | ୦.୦୩ | ଶାରଦ ଏକ | ରଘୁନାଥ ରାଉତ, ପି.- ବନମାଳି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୩୨ ରୟତି | ୩୯୩ | ୨.୪୫ | ୦.୨୮ | ଶାରଦ ଏକ | ଉମାକାନ୍ତ ପାତ୍ର, ପି.- ରାମଚନ୍ଦ୍ର ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୩୩ ରୟତି | ୩୯୭ | ୦.୬୪ | ୦.୪୦ | ଶାରଦ ଏକ | ରମେଶ ଚନ୍ଦ୍ର ସାହୁ, ପି.- ଯଦୁମଣି ସାହୁ, ସଭାମଣି ସାହୁ, ସ୍ୱା.- ଯଦୁମଣି ସାହୁ, ଜା: କୁବେର, ବା: ନିଜଗାଁ |
| | ୪୬୬ | ୦.୦୪ | ୦.୦୪ | ଶାରଦ ଏକ | |
| | ୪୬୮ | ୦.୧୦ | ୦.୧୦ | ଶାରଦ ଏକ | |
| | ୪୭୦ | ୦.୨୫ | ୦.୧୦ | ଶାରଦ ଏକ | |
| ୨୫୨ ରୟତି | ୬୩ | ୦.୩୩ | ୦.୦୨ | ଶାରଦ ଏକ | ରାମହରି ସାହୁ, ପି.- ବ୍ରଜମୋହନ ସାହୁ, ଜା: କୁବେର, ବା: ନିଜଗାଁ |
| ୨୫୭ ରୟତି | ୫୨୯ | ୦.୦୬ | ୦.୦୨ | ଶାରଦ ଏକ | ଲକ୍ଷ୍ମୀଧର ପଣ୍ଡିତ, ପି.- ବିଶ୍ରୁ ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୫୫୬ | ୦.୭୩ | ୦.୪୩ | ଶାରଦ ଏକ | |
| | ୫୫୭ | ୦.୮୧ | ୦.୧୭ | ଶାରଦ ଏକ | |
| ୨୫୮ ରୟତି | ୫୪୯ | ୦.୫୫ | ୦.୨୫ | ଶାରଦ ଏକ | ଲକ୍ଷ୍ମୀଧର ପଣ୍ଡିତ, ପି.- ବିଶ୍ରୁ ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୬୫ ରୟତି | ୫୪୪ | ୦.୨୧ | ୦.୨୧ | ଶାରଦ ଏକ | ଲାଲମୋହନ ପଣ୍ଡିତ, ପି.- ବନ୍ଧୁ ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୫୭୮ | ୧.୧୦ | ୦.୪୯ | ଶାରଦ ଏକ | |
| | ୬୨୪ | ୦.୫୦ | ୦.୫୦ | ଶାରଦ ଏକ | |
| ୨୭୩ ରୟତି | ୪୭୧ | ୦.୭୫ | ୦.୫୦ | ଶାରଦ ଏକ | ଶତୃଘ୍ନ ପଣ୍ଡା, ପି.- ଭାଗବତ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୫୩୨ | ୦.୭୧ | ୦.୧୯ | ଶାରଦ ଏକ | |
| ୨୭୯ ରୟତି | ୫୮୧ | ୦.୪୭ | ୦.୪୭ | ଶାରଦ ଏକ | ସଦାନନ୍ଦ ମହାନ୍ତ, ପି.- ସୁଦର୍ଶନ ମହାନ୍ତ, ଜା: କୁଡୁମି, ବା: ଛଚିନାପଦା |
| ୨୮୨ ରୟତି | ୩୯୬ | ୩.୧୫ | ୦.୨୩ | ଶାରଦ ଏକ | ସର୍ବେଶ୍ୱର ନାୟକ, ପି.- ବନମାଳି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩୧୯ ରୟତି | ୬୨୫ | ୦.୧୫ | ୦.୦୭ | ଶାରଦ ଏକ | ଶ୍ରୀ କାଳିକା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ସା- ହରିହର ଗିରି, ପି.- ମହେଶ୍ୱର ଗିରି, ଜା: ସହର, ବା: ନିଜଗାଁ |
| ୩୨୪ ରୟତି | ୪୫୪/୧୧୫୮ | ୦.୪୪ | ୦.୦୬ | ଶାରଦ ଏକ | ହରେକୃଷ୍ଣ ସାହୁ, ପି.- ରାମଚନ୍ଦ୍ର ସାହୁ, ଜା: କୁବେର, ବା: ନିଜଗାଁ |
| ୩୩୫/୪୯ ରୟତି | ୬୨୩ | ୧.୮୬ | ୦.୫୦ | ଶାରଦ ଏକ | ବିଜୟ କୁମାର ଦାସ, ପି.- ଯଦୁନାଥ ଦାସ, ଜା: ଶବର, ବା: ନିଜଗାଁ |
| ୩୩୫/୬୦ ରୟତି | ୫୪୮ | ୦.୬୯ | ୦.୨୩ | ଶାରଦ ଏକ | ରାଜୀବ କୁମାର ପଣ୍ଡିତ, ଜଗଦୀଶ କୁମାର ପଣ୍ଡିତ, ପି.- ବଂଶୀଧର ପଣ୍ଡିତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩୩୫/୯୦ ରୟତି | ୬୩୫/୧୨୭୭ | ୦.୩୪ | ୦.୨୮ | ଶାରଦ ଏକ | କିର୍ତ୍ତୀ ଚନ୍ଦ୍ର ସାହୁ, ଅଭିମନ୍ୟୁ ସାହୁ, ପି.- ଦେବେନ୍ଦ୍ର ସାହୁ, ଜା: କୁବେର, ବା: ନିଜଗାଁ |
| ୩୩୫/୯୯ ରୟତି | ୬୨୬ | ୧.୩୧ | ୦.୦୫ | ଶାରଦ ଏକ | ଶ୍ରୀ କାଳିକା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସା- ଉଷାମଣି ପଲେଇ, ପି.- ରାମ ପଲେଇ, ଜା: ସହର, ବା: ବାହାନଡ଼ା |
| ୩୩୫/୧୫୭ ରୟତି | ୬୪୦ | ୦.୩୫ | ୦.୧୭ | ଶାରଦ ଏକ | ପଞ୍ଚାନନ ସାହୁ, ପି.- ରାଜକିଶୋର ସାହୁ, ଜା: କୁବେର, ବା: ନିଜଗାଁ |
| ୩୩୫/୧୭୮ ରୟତି | ୬୩୯ | ୦.୩୫ | ୦.୩୫ | ଶାରଦ ଏକ | ଅଶୋକ କୁମାର ବେହେରା, ଅଜିତ କୁମାର ବେହେରା, ଅଶ୍ୱିନୀ ବେହେରା, ପି.- ବାବୁଧର ବେହେରା, ଜା: ଖଣ୍ଡାୟତ, ବା: ବେତନଟୀ |
| | ୬୩୮/୧୧୫୧ | ୦.୩୫ | ୦.୨୪ | ଶାରଦ ଏକ | |
| | ୬୩୫/୧୨୨୮ | ୦.୦୯ | ୦.୦୯ | ଶାରଦ ଏକ | |
| | ୬୩୫/୧୨୫୯ | ୦.୦୯ | ୦.୦୯ | ଶାରଦ ଏକ | |
| ୩୩୫/୨୦୦ ରୟତି | ୫୮୨ | ୦.୬୦ | ୦.୬୦ | ଶାରଦ ଏକ | ସୋମନାଥ ମହାନ୍ତ, ରମାନାଥ ମହାନ୍ତ, ପି.- ରାଧାମୋହନ ମହାନ୍ତ, ଜା: କୁଡୁମି, ବା: ଛଚିନାପଦା |
| ମୋଟ | ୫୭ ପ୍ଲଟକୁ | ଏ.୩୭.୫୩ ଡେ.ମି. | ଏ.୧୨.୯୮ ଡେ.ମି. | | |

OIPR-24001/14/0128/2021

# ବାଙ୍ଗାଲୋରକୁ ଜିତାଇଲେ ଡି'ଭିଲର୍ସ

**ଦୁବାଇ,୧୭।୧୦(ପି.ଟି.)**

ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଦମ୍‌ଦାର ପ୍ରଦର୍ଶନ କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଜିତାଇଛନ୍ତି। ଶନିବାର ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଡି'ଭିଲର୍ସ ମାତ୍ର ୨୨ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୬ ଛକା ସହ ଦ୍ରୁତ ଅପରାଜିତ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍ଗାଲୋର ୧୯.୪ ଓଭରରେ ୩ ଉଇକେଟ ହରାଇ ୧୭୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ ବାଙ୍ଗାଲୋର ୯ଟି ମ୍ୟାଚ୍ ଖେଳି ୬ ବିଜୟ ଓ ୩ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି।


୧୭୮ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଙ୍ଗାଲେର ପ୍ରଥମେ ଆରୋନ ଫିଞ୍ଚଙ୍କୁ ହରାଇଥିଲା। ଫିଞ୍ଚ୍ ୧୪ ରନ କରି ଶ୍ରେୟାସ ଗୋପାଲଙ୍କ ବଲ୍‌ରେ କଭରରେ ରବିନ୍ ଉଥାପ୍ପାଙ୍କୁ କ୍ୟାଚ୍ ଦେଇଥିଲେ। ଇନ୍ ଫର୍ମ ଯୁବ ଓପନର ଦେବଦତ୍ତ ପଡିକାଲ ୩୫ ରନ କରିଥିବା ବେଳେ ସ୍ପିନର ରାହୁଲ ଟେୱାଟିଆଙ୍କ ବଲ୍‌କୁ ପୁଲ୍ କରିବାକୁ ଯାଇ ବେନ୍ ଷ୍ଟୋକ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ଅଧିନାୟକ ବିରାଟ କୋହଲି ୩୨ ବଲରୁ ୧ ଚୌକା ଓ ୨ ଛକା ସହ ୪୩ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ କାର୍ତ୍ତିକ ତ୍ୟାଗୀଙ୍କ ବଲ୍‌ରେ ମିଡ୍ ଉଇକେଟରେ ଟେୱାଟିଆଙ୍କ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡି'ଭିଲର୍ସ ୫୫ ଓ ଗୁରକିରାତ ସିଂ ୧୭ ବଲରୁ ୧ ଚୌକା ସହ ୧୯ ରନକରି ଅପରାଜିତ ରହିଥିଲେ। ଚତୁର୍ଥ ଉଇକେଟରେ ଡି'ଭିଲର୍ସ ଓ ଗୁରକିରାତ ମାତ୍ର ୩୭ ବଲରୁ ୭୭ ରନ ସଂଗ୍ରହ କରିଥିଲେ। ସେହିପରି କୋହଲି ଓ ପଡିକାଲ ଦ୍ୱିତୀୟ ଉଇକେଟରେ ୫୮ ବଲରୁ ୭୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଗୋପାଲ, ତ୍ୟାଗୀ ଓ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ତରଫରୁ ଷ୍ଟୋକ୍ସ ଓ ଉଥାପ୍ପା ଇନିଂସ ଓପନ କରି ପ୍ରଥମ ଉଇକେଟରେ ୫୦ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ଷ୍ଟୋକ୍ସ ୧୫ ଓ ଉଥାପ୍ପା ୪୧ ରନକରି ଯଥାକ୍ରମେ କ୍ରିସ୍ ମୋରିସ ଓ ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ସଞ୍ଜୁ ସାମସନ ୯ ରନ କରି ପୁଣି ଫେଲ୍ ମାରିଛନ୍ତି ଓ ସେ ଚହଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୩୬ ବଲରୁ ୬ ଚୌକା ଓ ୧ ଛକା ସହ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ସେ ମୋରିସ୍‌ଙ୍କ ବଲ୍‌ରେ ସୁଇପର କଭରରେ ଶାହାବାଜ ଅହମ୍ମଦଙ୍କୁ କ୍ୟାଚ୍ ଦେଇଥିଲେ। ଜୋଶ ବଟଲର ୨୫ ବଲରୁ ୨୪ ଓ ଜୋଫ୍ରା ଆର୍ଚର ୨ ରନ କରି ମୋରିସଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟେୱାଟିଆ ୧୧ ବଲରୁ ୧ ଚୌକା, ୧ ଛକା ସହ ୧୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ମୋରିସ ସର୍ବାଧିକ ୪ ଓ ଚହଲ ୨ ଉଇକେଟ ଅକ୍ତିଆର କରିଥିଲେ।

**ଆଇପିଏଲ୍**
(ରବିବାର ମ୍ୟାଚ୍)

| ସନ୍‌ରାଇଜର୍ସ ବନାମ ନାଇଟ ରାଇଡର୍ସ | ମୁମ୍ବାଇ ଇଣ୍ଡିଆନ୍ସ ବନାମ କିଙ୍ଗ୍ସ ଇଲେଭେନ |
|---|---|
| **ସ୍ଥାନ:** ଆବୁଧାବି, **ସମୟ:** ଅପରାହ୍ନ ୩ଟା ୩୦ | **ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦ |

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ



ଏବି ଡି'ଭିଲର୍ସ

## ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୭/୬ (ସ୍ମିଥ୍- ୫୭, ଉଥାପ୍ପା- ୪୧, ବଟଲର- ୨୪, ଷ୍ଟୋକ୍ସ- ୧୫, ଟେୱାଟିଆ- ୧୯*, ମୋରିସ- ୪/୨୬, ଚହଲ- ୨/୩୪)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲେର ୧୯.୪ ଓଭରରେ ୧୭୯/୩, (ଡି'ଭିଲର୍ସ- ୫୫*, କୋହଲି- ୪୩, ପଡିକାଲ- ୩୫, ଗୁରକିରାତ- ୧୯, ଗୋପାଲ- ୧/୩୨, ତ୍ୟାଗୀ- ୧/୩୨, ଟେୱାଟିଆ- ୧/୩୦ )।

# ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ ଆରମ୍ଭ



ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଦଳର ଖେଳାଳି।

**ଭୁବନେଶ୍ୱର, ୧୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଭାଗ ନେବାଲାଗି ଖେଳାଳିମାନେ ଗୋଆରେ ପହଞ୍ଚିବାରେ ଲାଗିଛନ୍ତି। ଓଡ଼ିଶା ଏଫ୍‌ସିର ଭାରତୀୟ ଖେଳାଳିମାନେ କିନ୍ତୁ ଶନିବାର ଦଳରେ ବିଭକ୍ତ ହୋଇ ଆଇଏସ୍‌ଏଲ୍ ଆୟୋଜକଙ୍କ ଦ୍ୱାରା ଧାର୍ଯ୍ୟ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିୟମକୁ

**ଇଣ୍ଡିଆନ ସୁପର ଲିଗ୍**

ମାନି ସେମାନଙ୍କର ଅଭ୍ୟାସ ଆରମ୍ଭ କରିଛନ୍ତି। ଦଳର ବିଦେଶୀ ଖେଳାଳିମାନେ ଟିମ୍ ହୋଟେଲରେ ପହଞ୍ଚିବାରେ ଲାଗିଛନ୍ତି। କରୋନା ଯୋଗୁ ଖେଳାଳିମାନେ ବହୁ ଦିନ ହେଲା ଖେଳି ନାହାନ୍ତି। ବେଟାଲବାଟିମ୍ ସେଣ୍ଟରରେ ଭାରତୀୟ ଆସିଷ୍ଟାଣ୍ଟ କୋଚ୍ ଏବଂ ପୂର୍ବତନ ଅନ୍ତର୍ଜାତୀୟ ମିଡ୍‌ଫିଲ୍ଡର ଷ୍ଟିଭେନ ଡାଏସ୍‌ଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ଆରମ୍ଭ ହୋଇଛି। ଅଭିଜ୍ଞ ଡିଫେଣ୍ଡର ଷ୍ଟିଭେନ୍ ଟେଲର ଏବଂ ଫରୱାର୍ଡ ଡିଏଗୋ ମରିସିଅସ୍ ପହଞ୍ଚିସାରିଥିବାବେଳେ ଆଇଏସ୍‌ଏଲ ଷ୍ଟାର ମାର୍ସିଲିନୋ ଏବଂ ଗୋଲ୍ କିପିଂ କୋଚ୍ ରୋଜେରିଓ ରାମୋସ୍ ଶନିବାର ଆସିଛନ୍ତି। ଡାଏସ୍ କହିଛନ୍ତି, ଖେଳାଳିମାନେ ବର୍ତ୍ତମାନ ନିଜ ନିଜ ପ୍ରକୋଷ୍ଠରେ ଆମ ଷ୍ଟ୍ରେନ୍ଥ୍ ଓ କଣ୍ଡିଶନିଂ କୋଚ୍ ଜୋଆନ୍ (କାସାନୋଭା)ଙ୍କ ଫିଟ୍‌ନେସ୍ ଗାଇଡ୍‌ଲାଇନ୍ କାର୍ଯ୍ୟକାରୀ କରିବା ଉଚିତ୍। ଓଡ଼ିଶା ଏଫ୍‌ସି ଫୁଟ୍‌ବଲ ଅପରେଶନ୍ସ ମୁଖ୍ୟ ଅଭିକ୍ ଚାଟାର୍ଜୀ କହିଛନ୍ତି, ଟ୍ରେନିଂ ସେସନ ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ଥିଲା। କାରଣ ଦୀର୍ଘଦିନ ବ୍ୟବଧାନରେ ସେମାନେ ପଡ଼ିଆକୁ ଓହ୍ଲାଇଥିଲେ। ଟ୍ରେନିଂ ସେସନ ବେଳେ ଖେଳାଳିଙ୍କଠାରେ ପ୍ରବଳ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଥିଲା। ପୁନର୍ବାର ଅଭ୍ୟାସ ଓ ଟ୍ରେନିଂ ସୁଯୋଗ ମିଳିପାରିଥିବାରୁ ସେମାନେ କୃତାର୍ଥ ମନେ କରୁଥିଲେ। ଖେଳାଳିମାନେ ଖୁବ୍ ଶୀଘ୍ର ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବାକ୍ସଟନଙ୍କ ତତ୍ତ୍ୱାବଧାନରେ ତାଲିମ ନେବେ।

# ଧାୱନଙ୍କ ଶତକ: ଶୀର୍ଷକୁ ଫେରିଲା ଦିଲ୍ଲୀ

**ଶାରଜା,୧୭।୧୦(ପି.ଟି.)**

ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଅପରାଜିତ ଶତକ (୧୦୧ରନ, ୫୮ ବଲ, ୧୪ ଚୌକା, ୧ ଛକା) ଓ ଡେଥ୍ ଓଭରରେ ଅକ୍ଷର ପଟେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍‌ର ୩୪ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଶନିବାର ଟସ୍ ଜିତି ଚେନ୍ନାଇ ୪ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୯.୫ ଓଭରରେ ୫ ଉଇକେଟ ହରାଇ ୧୮୫ ରନ କରି ବିଜୟୀ ହୋଇଛି। ଏଥିସହ ଦିଲ୍ଲୀ ୯ଟି ମ୍ୟାଚ୍ ଖେଳି ୭ ବିଜୟ ଓ ୨ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷକୁ ଉଠିଛି। ମ୍ୟାଚ୍ ବିଜୟୀ ଶତକ ହାସଲ କରିଥିବା ଧାୱନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୦ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଆରମ୍ଭରୁ ପୃଥ୍ୱୀ ଶ'ଙ୍କୁ ହରାଇଥିଲା। ପୃଥ୍ୱୀ ଖାତା ଖୋଲିବା ପୂର୍ବରୁ ଦୀପକ ଚହରଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଅଭିଜ୍ଞ ଅଜିଙ୍କ୍ୟ ରାହାନେ ୮ ରନ କରିଥିବା ବେଳେ ପଏଣ୍ଟରେ ସାମ କୁରାନଙ୍କୁ କ୍ୟାଚ୍ ଦେଇ ଚହରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟାର ଗୋଟିଏ ଲେଖାଏ ଛକା ଓ ଚୌକା ସହ ୨୩ ବଲରୁ ୨୩ ରନ କରି ଡ୍ୱେନ ବ୍ରାଭୋଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ଫାଫ୍ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ଶିଖର ଧାୱନ ଓ ଆୟାର ୪୪ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ଏହାପରେ ଧାୱନ ଓ ମାର୍କସ ଷ୍ଟୋଇନିସ୍ ଚତୁର୍ଥ ଉଇକେଟରେ ଦ୍ରୁତ ଗତିରେ ୨୫ ବଲରୁ ୪୩ ରନ ସଂଗ୍ରହ କରିଥିଲେ। ତେବେ ଷ୍ଟୋଇନିସ୍ ୧ ଚୌକା, ୨ ଛକା ସହ ୧୪ ବଲରୁ ୨୪ ରନ କରି ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ମିଡ୍ ଉଇକେଟରେ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଆଲେକ୍ସ କାରେ ୪ ରନ କରି ଆଉଟ ହୋଇଥିଲେ। ଓପନିଂ କରିବାକୁ ଆସି ଧାୱନ ଶତକ ହାସଲ କରିବା ସହ ଅପରାଜିତ ରହିଥିଲେ। ଅକ୍ଷର ୫ ବଲରୁ ୩ ଛକା ସହ ୨୧ ରନକରି ଦଳକୁ ଜିତାଇଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଚହର ୨, ସାମ କୁରାନ, ଠାକୁର ଓ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିଖର ଧାୱନ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଚେନ୍ନାଇ ଖାତା ଖୋଲିବା ପୂର୍ବରୁ ଓପନର ସାମ୍ କୁରାନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। କୁରାନ କୌଣସି ରନ ନ କରି ଥାର୍ଡମ୍ୟାନ ବାଉଣ୍ଡାରିରେ ଏନ୍‌ରିଚ୍ ନୋର୍ଜେଙ୍କୁ କ୍ୟାଚ୍ ଦେଇ ତୁଷାର ଦେଶପାଣ୍ଡେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଡୁପ୍ଲେସି ଓ ସେନ୍ ୱାଟସନ ୬୭ ବଲରୁ ୮୭ ରନକରି ସ୍ଥିତି ସମ୍ଭାଳିଥିଲେ। ୱାଟସନ ୨୮ ବଲରୁ ୬ ଚୌକା ସହ ୩୬ ରନ କରିଥିବା ବେଳେ ଲାଇନ୍ ମିସ୍ କରି ନୋର୍ଜେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଡୁପ୍ଲେସି ୪୭ ବଲରୁ ୬ ଚୌକା ଓ ୨ ଛକା ସହ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମାତ୍ର ୩ ରନ କରିଥିବା ବେଳେ ସେ ଉଇକେଟକିପର ଆଲେକ୍ସ କାରେଙ୍କୁ କ୍ୟାଚ୍ ଦେଇ ନୋର୍ଜେଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରାୟୁଡୁ ୨୫ଟି ବଲ୍ ଖେଳି ୧ ଚୌକା ଓ ୪ ଛକା ସହ ୪୫ ଏବଂ ଜାଡେଜା ମାତ୍ର ୧୩ଟି ବଲରୁ ୪ ଛକା ସହ ୩୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ନୋର୍ଜେ ୨, ଦେଶପାଣ୍ଡେ ଓ ରାବାଡା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୯୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୬ | ୨ | ୧୨ | +୧.୩୫୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୧୨ | -୦.୦୯୬ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | -୦.୬୮୪ |
| ସନ୍‌ରାଇଜର୍ସ | ୮ | ୩ | ୫ | ୬ | +୦.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୯ | ୩ | ୬ | ୬ | -୦.୩୮୬ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୭୭୮ |
| କିଙ୍ଗ୍ସ ଇଲେଭେନ | ୮ | ୨ | ୬ | ୪ | -୦.୨୯୫ |

## ସଂକ୍ଷିପ୍ତ ସ୍କୋର

ଚେନ୍ନାଇସୁପରକିଙ୍ଗ୍ସ୨୦ଓଭରରେ୧୭୯/୪ (ଡୁପ୍ଲେସି- ୫୮, ରାୟୁଡୁ- ୪୫*, ୱାଟସନ- ୩୬, ଜାଡେଜା- ୩୩*, ନୋର୍ଜେ- ୨/୪୪, ଦେଶପାଣ୍ଡେ- ୧/୩୯, ରାବାଡା- ୧/ ୩୩)। ଦିଲ୍ଲୀକ୍ୟାପିଟାଲ୍ସ୧୯.୫ଓଭରରେ୧୮୫/୫ (ଧାୱନ- ୧୦୧*, ଆୟାର- ୨୩, ଷ୍ଟୋଇନିସ୍- ୨୪ , ଅକ୍ଷର-୨୧*, ଦୀପକ ଚହର- ୨/୧୮, ଠାକୁର- ୧/୩୯, କୁରାନ- ୧/୩୫, ବ୍ରାଭୋ- ୧/୨୩)।

# ଉମର ଗୁଲ୍‌ଙ୍କ ଅବସର

**କରାଚୀ, ୧୭।୧୦ (ପି.ଟି.):** ଚଳିତ ନ୍ୟାଶନାଲ ଟି୨୦ କପ୍ ପରେ ପାକିସ୍ତାନର ଭେଟେରାନ ପେସ୍ ବୋଲର ଉମର ଗୁଲ୍ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେବେ ବୋଲି ଶନିବାର ଘୋଷଣା କରିଛନ୍ତି। ଫଳରେ ତାଙ୍କ ୧୭ ବର୍ଷ ଅନ୍ତର୍ଜାତୀୟ କ୍ୟାରିୟରର ଅବସାନ ଘଟିଛି। ୩୬ବର୍ଷୀୟ ଗୁଲ୍ ପାକିସ୍ତାନ ପକ୍ଷରୁ ଶେଷଥର ପାଇଁ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ୨୦୧୬ରେ ଖେଳିଥିଲେ। ନ୍ୟାଶନାଲ ଟି୨୦ କପ୍‌ରେ ସେ ବେଲୁଚିସ୍ତାନ ଦଳ ତରଫରୁ ଖେଳୁଛନ୍ତି। ରବିବାର ଏହି ଟୁର୍ନାମେଣ୍ଟର ଉଦ୍‌ଯାପନ ହେବ। ଗୁଲ୍‌ଙ୍କ ଦଳ ରାୱଲପିଣ୍ଡିରେ ଶୁକ୍ରବାର ସଦର୍ନ ପଞ୍ଜାବଠାରୁ ହାରିଯିବା ପରେ ସେମିଫାଇନାଲ ଦୌଡ଼ରୁ ଆପାତତ ବାଦ୍ ପଡ଼ିଛି। ପେଶାୱରରେ ଜନ୍ମ ଗ୍ରହଣ କରିଥିବା ଗୁଲ୍ ୨୦୦୩ରେ ଏକ ଅନ୍ତର୍ଜାତୀୟ ଦିନିକିଆରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେହିବର୍ଷ ସେ ପ୍ରଥମ ଟେଷ୍ଟ ଖେଳିଥିଲେ। ସେ ତାଙ୍କର ଅନ୍ତିମ ଟେଷ୍ଟ ୨୦୧୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ଗୁଲ୍ ୪୭ ଟେଷ୍ଟ ମ୍ୟାଚ ଖେଳି ୩୪.୦୬ ଆଭରେଜରେ ୧୬୩ ଉଇକେଟ ନେଇଥିଲେ। ସେ୧୩୦ ଅନ୍ତର୍ଜାତୀୟ ଦିନିକିଆରେ ୧୭୯ ଉଇକେଟ ନେଇଛନ୍ତି। ଏହାଛଡ଼ା ୬୦ ଅନ୍ତର୍ଜାତୀୟ ଟି୨୦ରେ ସେ ୮୫ ଉଇକେଟ ମଧ୍ୟ ନେଇଛନ୍ତି।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**✓ପ୍ରଭାକର ପଣ୍ଡା**
ଲାଠି, ବ୍ରହ୍ମପୁର
ଆବିର୍ଭାବ - ୦୧.୦୩.୧୯୪୨
ତିରୋଧାନ - ୦୮.୧୦.୨୦୨୦
ଆପଣଙ୍କର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପତ୍ନୀ- ବିଷ୍ଣୁପ୍ରିୟା, ତପନ, ତୃପ୍ତି, ତରୁଣ, ଜ୍ୟୋତି, ସମିତା, ଅଶୋକ, ଅଳକା, ସଞ୍ଜୟ, ଶାଳିନୀ, ସିଦ୍ଧାନ୍ତ, ରିତିକା, ଆଦିତ୍ୟ, ଅକ୍ଷତ, ଇଶାନ ଏବଂ ଅନ୍ୟ ପରିବାର ବର୍ଗ।
ଧ-୬୯୬୩୪

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତା ସୌଦାମିନୀ ପଣ୍ଡା**
କଳ୍ପନା ଫ୍ଲାଟ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୮।୧୯୫୬
ତିରୋଧାନ: ୧୫।୧୦।୨୦୧୫
ଆପଣଙ୍କ ଅନାବିଳ ସ୍ନେହ ଏବେବି ଶକ୍ତିଦିଏ, ଆପଣଙ୍କ ହସ ହସ ମୁହଁ ଏବଂ ଦିଗ୍‌ଦର୍ଶନ ଏବେ ବି ଆଶାଦିଏ, ଆଉ ଆପଣଙ୍କର ସ୍ମୃତି ଆମ ଆଖିକୁ ଭରିଦିଏ ଅମାନିଆ ଲୁହରେ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୮୬୧୮

ଏକାଦଶାହ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**✓ଚିନାରି ହୃଦା ରଞ୍ଜନ ପାତ୍ର**
(ପୂର୍ବତନ ମୁଖ୍ୟ ଫାର୍ମାସିଷ୍ଟ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ)
ଆବିର୍ଭାବ :୧୫.୦୭.୧୯୬୦
ତିରୋଧାନ :୦୮.୧୦.୨୦୨୦
ଆପଣ ଆମକୁ ଦୁଃଖ ସାଗରରେ ଭସାଇ ଦେଇ ଚାଲିଗଲେ। ଆପଣ ଥିଲେ ଆମର ମାର୍ଗଦର୍ଶକ। ଆପଣଙ୍କ ସ୍ନେହ ଓ ଭଲ ପାଇବା ଚିରସ୍ମରଣୀୟ। ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ପୁତ୍ର, ବନ୍ଧୁ ଓ ଆତ୍ମୀୟସ୍ୱଜନ ତଥା କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀବୃନ୍ଦ
ଧ-୧୮୬୫୨

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

USED EQUIPMENT FOR SALE
EXCAVATOR VOLVO290 - 13
EXCAVATOR L&T PC200 - 8
PAYLOADER HM2021 - 10
SKIDLOAD BOBCAT S130 - 8
TIPPER TATA 2518 - 40
TRACTOR - 10
ROAD SWEEPER - 4
BOLERO - 5
MOBILE CRUSHING PLANT - 10
Location: Angul, Odisha
9910217788 / 9873654992
dinesh.goyal.247@gmail.com
Note: Individual buyers can also contact.

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
➔ DMLT 2 Year
➔ OT.Tech 2 Year
➔ Dialysis 2 Year
➔ I.C.U 1 Year
➔ E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

4G କମ୍ପାନୀ
ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି।
ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
8765102561

ଦୟାକରୀ ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଘରୋଇ କ୍ରିକେଟ ଜାନୁୟାରୀ ୧ରୁ

**ନୂଆଦିଲ୍ଲୀ, ୧୭।୧୦ (ପି.ଟି.)**

ବହୁ ପ୍ରତୀକ୍ଷିତ ଘରୋଇ କ୍ରିକେଟ ସିଜନ ଜାନୁୟାରୀ ୧ରୁ ଆରମ୍ଭ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ବିସିସିଆଇ ଆପେକ୍ସ କାଉନ୍‌ସିଲ ବୈଠକ ଶନିବାର ସନ୍ଧ୍ୟାରେ ବସିଥିଲା। ଏଥରେ ଘରୋଇ କ୍ରିକେଟ କ୍ୟାଲେଣ୍ଡର ଉପରେ ଅଧିକ ସମୟ ଧରି ଆଲୋଚନା ହୋଇଥିଲା। ଭାରତରେ କୋଭିଡ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ ଘରୋଇ କ୍ୟାଲେଣ୍ଡର ପ୍ରସ୍ତୁତି କରିବା ଏକ ସମସ୍ୟା ହୋଇ ଦେଖାଦେଇଥିଲା। ଆଇପିଏଲ୍ ପାଇଁ ବିସିସିଆଇ ସଭାପତି ବର୍ତ୍ତମାନ ଦୁବାଇରେ ଅଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବପର ନୁହେଁ। ରଣଜୀ ଟ୍ରଫି ରେଡ୍‌ବଲ୍ ଟୁର୍ନାମେଣ୍ଟ କିନ୍ତୁ ପୂରାମାତ୍ରାରେ ଖେଳାଯିବ। ରଣଜୀ ଟ୍ରଫି ପାଇଁ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ରଖାଯାଇଥିବା ଗାଙ୍ଗୁଲି କହିଛନ୍ତି। ଜୁନିୟର କ୍ରିକେଟ ଓ ମହିଳା ଟୁର୍ନାମେଣ୍ଟ ମାର୍ଚ୍ଚ ଓ ଏପ୍ରିଲ ମଧ୍ୟରେ ଖେଳାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅଷ୍ଟ୍ରେଲିଆରେ କ୍ୱାରାଣ୍ଟାଇନ୍ ପିରିୟଡରେ ଭାରତୀୟ ଦଳକୁ ଟ୍ରେନିଂ ପାଇଁ ଅନୁମତି ମିଳିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) କାର୍ଯ୍ୟସୂଚୀ ପଠାଇଛି। ଭାରତ ସେହି ଦେଶରେ ୪ ଟେଷ୍ଟ ମ୍ୟାଚ ଖେଳିବ। ଏହି ସିରିଜ ଜାନୁୟାରୀ ତୃତୀୟ ସପ୍ତାହରେ ଶେଷ ହେବ ବୋଲି ବିସିସିଆଇ ସଭାପତି ସୂଚନା ଦେଇଛନ୍ତି। ଭାରତୀୟ ଟିମ୍ ଡାଉନ୍ ଅଣ୍ଡରରେ ୪ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଟି୨୦ ଖେଳିବ ବୋଲି ଆଶା କରାଯାଉଛି। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ସମ୍ପର୍କରେ ସୂଚନା ଦେବାକୁ ଯାଇ ଗାଙ୍ଗୁଲି କହିଛନ୍ତି କୋଭିଡ୍ ପରିସ୍ଥିତିକୁ ଦେଖି ଠିକଣା ସମୟରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ କରାଯିବ। ଇଂଲଣ୍ଡ ବିପକ୍ଷ ସିରିଜ ସାଢେ ୩ରୁ ୪ ମାସ ସମୟ ଅଛି। ତେଣୁ ଏବେଠାରୁ ସ୍ପଷ୍ଟ ଭାବେ କିଛି କହି ହେବ ନାହିଁ। ଭାରତରେ ଏହି ସିରିଜ ଆୟୋଜନ କରିବା ଲାଗି ଅଗ୍ରାଧିକାର ଦିଆଯିବ। ଏହାର ଦ୍ୱିତୀୟ ବିକଳ୍ପ ୟୁଏଇ ରଖାଯାଇଛି। ଭାରତରେ ଏହି ସିରିଜ ପାଇଁ ଅହମ୍ମଦାବାଦ, କୋଲକାତା ଓ ଧର୍ମଶାଳା ଭେନ୍ୟୁ ପାଇଁ ମନୋନୟନ କରାଯାଇଛି।

# ରହିବନି ଭୟ









**ଜନସାଧାରଣ, ସଭାସମିତି ଅବା କୌଣସି ଆବଶ୍ୟକ ସ୍ଥାନରେ ଅନ୍ୟ ସମ୍ମୁଖରେ ମୁହଁ ଖୋଲିବାକୁ କେତେକଙ୍କୁ ଲାଗିଥାଏ ଡର। ଯେଉଁ କାରଣରୁ କେହି କେହି ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବାରୁ ବଞ୍ଚିତ ହୁଅନ୍ତି ତ ଆଉ କେହି ଚାଖିପାରନ୍ତି ନାହିଁ ସଫଳତାର ସ୍ୱାଦ। ହେଲେ ଜୀବନରେ ଆଗକୁ ବଢିବାକୁ ହେଲେ ଦୃଢ ମନୋବଳ ଏବଂ ଆତ୍ମବିଶ୍ୱାସର ସହିତ ଏହି ଭୟକୁ ଦୂର କରିବା ହିଁ ଏକମାତ୍ର ଉପାୟ...**

ଅନେକ ଯୁବତୀଯୁବକ ଅଛନ୍ତି ଯେଉଁମାନଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ କିମ୍ବା ଜନସମାଗମରେ କିଛି କହିବାକୁ ଭୟ ଲାଗିଥାଏ, ଯାହାକୁ ମେଡିକାଲ ସାଇନ୍ସରେ ଗ୍ଲୋସୋଫୋବିଆ ବୋଲି କୁହାଯାଇଥାଏ। ଅନେକ ଯୁବତୀଯୁବକ ଏହି ଫୋବିଆ ଯୋଗୁ ଗୀତ, ଅଭିନୟ, ବକ୍ତବ୍ୟ ଆଦିରେ ଦକ୍ଷତା ଥିଲେ ସୁଦ୍ଧା ନିଜ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରି ନ ପାରି ପଛୁଆ ରହିଯାଆନ୍ତି। ଏମିତି କି ଅନେକେ ବିଭିନ୍ନ କମ୍ପିଟେଟିଭ୍ ପରୀକ୍ଷା ରିଟିନ୍ ଟେଷ୍ଟରେ ବହୁତ ଭଲ ନମ୍ବର ରଖି ଚାକିରି ପାଇଁ ଯୋଗ୍ୟ ହୋଇଥିଲେ ହେଁ, ମେନ୍ ଇଣ୍ଟରଭ୍ୟୁ ସମୟରେ ଏକାଧିକ ପରୀକ୍ଷକଙ୍କ ସମ୍ମୁଖରେ ଜାଣିଥିଲେ ବି ଉତ୍ତର ଦେବାକୁ ଭୟ କରିଥାନ୍ତି ଏବଂ ଚାକିରି ପାଇବାରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଜୀବନରେ ଆଗକୁ ବଢି ସଫଳତାର ସ୍ୱାଦ ଚାଖିବାକୁ ହେଲେ ମନ ଭିତରୁ ଏହି ଭୟ ଦୂର କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେତେକ ଉପାୟ ଆପଣାଇବା ଦ୍ୱାରା ଉପକୃତ ହୋଇପାରିବେ...

**ଆତ୍ମ ପ୍ରଚେଷ୍ଟା:** କେତେକଙ୍କଠାରେ ଜନସାଧାରଣ ବା ଅଧିକଲୋକଙ୍କ ଆଗରେ କିଛି କହିବା ଭଳି ପରିସ୍ଥିତି ଆସିଲେ ଏହାକୁ ସାମ୍ନା କରିବା ତ ଦୂରର କଥା ଏହା ସମ୍ପର୍କରେ ଶୁଣିବା ମାତ୍ରେ ଦେହ ଥରିବା, ବ୍ୟସ୍ତ ହୋଇପଡ଼ିବା, ଝାଳ ବୋହିବା, ଭୟରେ ଓଠ ଶୁଖିଯିବା, ମାନସିକ ସ୍ତରରେ ଦୁର୍ବଳ ହୋଇଯିବା, ବାରମ୍ବାର ମନା କରିବା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏମିତି କି ପବ୍ଲିକ୍‌ରେ ନିଜକୁ କିଛି କହିବାକୁ ହେବ ଜାଣିବା ମାତ୍ରେ କାହା କାହାକୁ ଭୟରେ ଝାଡ଼ା, ପରିସ୍ରା ମଧ୍ୟ ଲାଗିଥାଏ। ତେବେ ଏହି ଭୟକୁ ମେଡ଼ିକାଲ ସାଇନ୍ସରେ ଗ୍ଲୋସୋଫୋବିଆ ବୋଲି କୁହାଯାଇଥାଏ, ଯାହାକୁ ଦୂର କରିବା ଲାଗି ନିଜସ୍ୱ ଚେଷ୍ଟା ନିତାନ୍ତ ଆବଶ୍ୟକ। ଯଦି ଏହା ଦ୍ୱାରା ଲାଭ ନ ମିଳୁଛି ତେବେ କମ୍ୟୁନିକେଶନ ସ୍କିଲ୍ ଡେଭଲପମେଣ୍ଟ, ଗ୍ରୁପ୍ ଡିସ୍କଶନ୍ ଭଳି ଟ୍ରେନିଂ ନେଲେ ଧୀରେ ଧୀରେ ଏହି ଡର କମିବ।

**ବଢାନ୍ତୁ ଆତ୍ମବିଶ୍ୱାସ:** ପ୍ରତ୍ୟେକ କାର୍ଯ୍ୟ ଲାଗି ଆତ୍ମବିଶ୍ୱାସ ରହିବା ଅତ୍ୟନ୍ତ ଜରୁରୀ। ତେଣୁ ଯଦି ମନରେ ମୁଁ କହି ପାରିବିନି, ଯଦି ମୋ କଥାରେ କେହି କିଛି ପରିହାସ କରିବେ ଅବା ହସିବେ, କାଳେ କିଛି ଭୁଲ ହୋଇଯିବ ଭଳି କୌଣସି ନକାରାତ୍ମକ ଭାବନା ବା ଭୟ ରହିଛି, ତେବେ ଏହାକୁ ଦୂର କରିବା ଲାଗି ପ୍ରଥମେ ନିଜର ଆତ୍ମବିଶ୍ୱାସ ବଢାନ୍ତୁ ଏବଂ ଦୃଢତାର ସହ ନିଜ କଥା ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନା କରନ୍ତୁ। ଦେଖିବେ ଏହା ନିଶ୍ଚିତ ଭାବେ ଆପଣଙ୍କୁ ଆଗକୁ ବଢିବାରେ ସହଯୋଗ କରିବ।

**ପୂର୍ବ ପ୍ରସ୍ତୁତି:** ଜନସମାଗମରେ କିଛି କହିବାକୁ ଭୟ ଲାଗୁଥିଲେ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ଏହାର ଉଦ୍ଦେଶ୍ୟ ଏବଂ ବିଷୟ ବସ୍ତୁକୁ ଭଲ ଭାବେ ବୁଝନ୍ତୁ। ଯାହାଦ୍ୱାରା ଆପଣଙ୍କୁ ପୂର୍ବ ପ୍ରସ୍ତୁତି ଅର୍ଥାତ୍ ଏହା ସମ୍ପର୍କରେ ପୂର୍ବରୁ ପଢିବା କିମ୍ବା କିଛି ନୋଟ୍ସ କରିବାରେ ସୁବିଧା ହେବ। ଭଲ ଭାବେ ପୂର୍ବ ପ୍ରସ୍ତୁତି କରିବା ଆପଣଙ୍କୁ ନିର୍ଭୟ ଭାବେ ସମସ୍ତଙ୍କ ଆଗରେ କହିବାର ସାହସ ଯୋଗାଇବ।


**ଅଭ୍ୟାସ:** କୌଣସି କ୍ଷେତ୍ରରେ ନିଜର ବେଷ୍ଟ ଦେବାକୁ ହେଲେ ବାରମ୍ବାର ଅଭ୍ୟାସ କରିବା ସବୁଠୁ ଉପକାରୀ। ଏହାଦ୍ୱାରା ଆତ୍ମବିଶ୍ୱାସ ଦୃଢ ହେବ। ତେବେ ପରିବାର ସଦସ୍ୟ କିମ୍ବା ବନ୍ଧୁମାନଙ୍କୁ ଦର୍ଶକ ଭାବେ ବସାଇ ସେମାନଙ୍କଠାରୁ ମତାମତ ନେଇପାରିଲେ ଭଲ। ଏହାଦ୍ୱାରା ନା କେବଳ ଆପଣଙ୍କ ସାହସ ବଢିବ ବରଂ କୌଣସି ତ୍ରୁଟି ଥିଲେ ଏହାକୁ ସୁଧାରିବାର ମଉକା ମିଳିବ ଏବଂ ଏଥିନେଇ ଆପଣଙ୍କ ମନ ଭିତରେ ଥିବା ଡର ବି ଦୂର ହେବ।

**ଦର୍ଶକଙ୍କୁ ଧ୍ୟାନରେ ରଖନ୍ତୁ:** ବେଳେ ବେଳେ କିଭଳି ସରଳ ଓ ସୁନ୍ଦର ଶୈଳୀରେ ନିଜର ବକ୍ତବ୍ୟ ପ୍ରଦାନ କଲେ ଏହା ଦର୍ଶକଙ୍କ ହୃଦୟସ୍ପର୍ଶୀ ହୋଇପାରିବ ସେ ନେଇ ଅନେକେ ଚିନ୍ତିତ ହୋଇପଡ଼ନ୍ତି ଏବଂ ଏହା ଭଲ ନ ହେଲେ ଦର୍ଶକଙ୍କ ପ୍ରତିକ୍ରିୟା କ'ଣ ରହିବ ବୋଲି କେହି କେହି ଡରରେ ପଛଘୁଞ୍ଚା ଦିଅନ୍ତି। ହେଲେ ଏପରି ନ କରି ଯଦି ବକ୍ତବ୍ୟ ଦେଉଥିବା ସ୍ଥାନରେ କେଉଁ ବର୍ଗର ଦର୍ଶକ ଉପସ୍ଥିତ ଅଛନ୍ତି ଏବଂ ସେ ସମ୍ପର୍କରେ ବିଚାର କରିବେ ତେବେ ବ୍ୟକ୍ତବ୍ୟ ଦେବା ସମୟରେ ଭୟ କିମ୍ବା ସଂକୋଚ ଲାଗିବ ନାହିଁ।

**ନକଲ ଛାଡ଼ନ୍ତୁ:** ପବ୍ଲିକ୍ ସ୍ପିକିଂକୁ ଭୟ ଥିବା ଯୁବତୀଯୁବକ ଅନେକ ସମୟରେ ପଛଘୁଞ୍ଚା ଦିଅନ୍ତି କିମ୍ବା ନିହାତି ଆବଶ୍ୟକ ସ୍ଥଳେ ନିଜର ବେଷ୍ଟ ଦେବା ଆଳରେ କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନକଲ କରିବାକୁ ଚେଷ୍ଟା କରନ୍ତି। ହେଲେ ଏହାଦ୍ୱାରା ସେମାନେ ନିଜର ବକ୍ତବ୍ୟକୁ ଆକର୍ଷଣୀୟ କରିବା ପରିବର୍ତ୍ତେ ଅଧିକ ଖରାପ କରିଦିଅନ୍ତି ଏବଂ ପରିହାସର ପାତ୍ର ହୁଅନ୍ତି, ଯାହାକି ଆଗକୁ ବଢିବା ଦିଗରେ ସେମାନଙ୍କ ମନବଳକୁ ଦୁର୍ବଳ କରିଦିଏ। ତେଣୁ କାହାକୁ ନକଲ ନ କରି ନିଜର ବ୍ୟକ୍ତିତ୍ୱକୁ ବଜାୟ ରଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ।

**ବଡିଲାଙ୍ଗୁଏଜ୍ ପ୍ରତି ସଜାଗ:** ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରୁଥିବା ସମୟରେ ଭୟକୁ ଲୁଚାଇବା ଆଳରେ ଅନେକେ ଏତେ ଯତ୍ନଶୀଳ ହୋଇ ଉଠନ୍ତି ଯେ, ଅପରପକ୍ଷେ ତାଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ, ଗୀତ ବା ମନ୍ତବ୍ୟ ଶୁଣୁଥିବା ଦର୍ଶକଙ୍କ ନଜରରେ ତାଙ୍କ ଭୟ ସ୍ପଷ୍ଟ ବାରିହୋଇଯାଉଛି ବୋଲି ସେମାନେ ଜାଣି ପାରନ୍ତି ନାହିଁ। ଫଳସ୍ୱରୂପ ସେମାନେ ନିଜ ଉପସ୍ଥାପନାରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ବିଫଳ ହୁଅନ୍ତି। ତେଣୁ ମନ ଭିତରେ ଡର ଥିଲେ ସୁଦ୍ଧା ଆପଣ ନିଜକୁ ଏଭଳି ଭାବେ ରଖନ୍ତୁ ଯେପରି ଦର୍ଶକଙ୍କୁ ତାହା ପ୍ରଭାବିତ କରିପାରିବ। ନିଜର ଉପସ୍ଥାପନା ଶୈଳୀକୁ ମନୋରଞ୍ଜକପୂର୍ଣ୍ଣ କରନ୍ତୁ ଏବଂ ନିଜର ବଡ଼ିଲାଙ୍ଗୁଏଜ୍ ଏବଂ ଫେସିଆଲ୍ ଏକ୍ସପ୍ରେଶନ୍ ପ୍ରତି ସଜାଗ ରୁହନ୍ତୁ । ଫଳରେ ଦର୍ଶକ ଧୈର୍ଯ୍ୟର ସହିତ ଆପଣଙ୍କ କଥା ଶୁଣିବେ ଏବଂ ପୁନର୍ବାର ଶୁଣିବାକୁ ଉତ୍ସାହିତ ହେବେ।

## କ'ଣ କରନ୍ତି ଏମାନେ ....



**ସମୀର ଶତପଥୀ**(ଅଭିନେତା, ଅଠରନଳା, ଅନ୍ନପୂର୍ଣ୍ଣା ନଗର, ପୁରୀ)– ଅଭିନୟ ପ୍ରତି ପିଲାବେଳୁ ରୁଚି ଥିଲା। ହେଲେ ବଡ଼ ହେବା ପରେ ପ୍ରଥମ ଥର ଯେବେ ମଞ୍ଚରେ ହିରୋ ଭୂମିକାରେ ଅଭିନୟର ସୁଯୋଗ ମିଳିଲା ଡାଇଲଗ୍ ଡେଲିଭରି କିପରି ରହିବ, ଦର୍ଶକ କେତେ ପସନ୍ଦ କରିବେ ଇତ୍ୟାଦିକୁ ନେଇ ଟିକେ ନର୍ଭସ ଲାଗୁଥିଲା। ହେଲେ ମନୋବଳ ଦୃଢ ଥିଲା ଏବଂ ଭଲ ଭାବେ ପୂର୍ବରୁ ଅଭ୍ୟାସ କରିଥିବାରୁ ହଁ ମୁଁ କରିପାରିବି ବୋଲି ଜୋସ୍ ବି ଥିଲା, ଯାହାକି ମୋର ଡର ଦୂର କରିଦେଲା। ମଞ୍ଚ ଉପରେ ପ୍ରଥମ ସିନ୍ ସରିବା ବେଳକୁ ଦର୍ଶକଙ୍କ କରତାଳି ମୋତେ ଆଗକୁ ବଢିବାକୁ ଉତ୍ସାହିତ କଲା। ସେବେଠୁ ମଞ୍ଚ ଉପରେ ହେଉ ବା କ୍ୟାମେରା ଆଗରେ ଅଭିନୟ କଲା ବେଳେ ଡର ଲାଗେନି।



**ପ୍ରଣୟ ଠାକୁର**( ଛାତ୍ର, ଜଙ୍କିଆ, ଖୋର୍ଦ୍ଧା)– ବକ୍ତୃତା ଦେବା ପ୍ରତି ମୋର ଖୁବ ଆଗ୍ରହ ରହିଛି, ହେଲେ ଅଧିକ ଦର୍ଶକଙ୍କ ଆଗରେ କିଛି କହିବା କଥା ଭାବିଲେ ବି ଡର ଲାଗେ। ମନେପଡୁଛି ଥରେ ଏକ ଅନୁଷ୍ଠାନ ପକ୍ଷରୁ ଏକ ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଥମ ଥର ମାଇକ୍ ଧରି ସର୍ବସାଧାରଣରେ କହିବାର ସୁଯୋଗ ପାଇଥିଲି। ପ୍ରଥମେ କ'ଣ କହିବି, ଲୋକେ ମୋ କଥାକୁ କିଭଳି ଗ୍ରହଣ କରିବେ ଭାବି ପାଟି ଶୁଖି ଯାଉଥିଲା। ହେଲେ ଆତ୍ମବିଶ୍ୱାସ ଓ ସାହସର ସହିତ ଥରେ କହିବା ଆରମ୍ଭ କଲା ପରେ ଡର ଛାଡ଼ିଗଲା। ମୋ ମତରେ ମଣିଷ ଯେଉଁ ପର୍ଯ୍ୟନ୍ତ ନିଜ ମନକୁ ଦୃଢ ନ କରିଛି ଜନସମାଗମରେ ମୁହଁ ଖୋଲିବାର ଡର ଯିବନି।

---

ଜାଣନ୍ତୁ ଦୁନିଆ

## ହାଓଡା ବ୍ରିଜ୍



**ଅନେକ ଭାଷାଭାଷୀର ଚଳଚ୍ଚିତ୍ରରେ ଆପଣମାନେ ହାଓଡ଼ା ବ୍ରିଜ୍‌ର ଚିତ୍ର ଦେଖିଥିବେ ନିଶ୍ଚିତ। କଲିକତା ସହରରେ ରହିଥିବା ଏହି ବ୍ରିଜ୍‌ର ଆଶ୍ଚର୍ଯ୍ୟଜନକ ନିର୍ମାଣ ଶୈଳୀ କେବଳ ଆମ ଦେଶ ନୁହେଁ ବିଦେଶୀ ପର୍ଯ୍ୟଟକଙ୍କୁ ବି ଆକର୍ଷିତ କରିଥାଏ। ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ .....**

- ଏହି ବ୍ରିଜ୍ ଉପରେ ଦୈନିକ ପ୍ରାୟ ଏକ ଲକ୍ଷ ଯାନବାହନ ଚଳାଚଳ କରୁଥିବା ବେଳେ ପ୍ରାୟ ଦେଢ ଲକ୍ଷ ପଦଚାରୀ ଯାତାୟାତ କରିଥାନ୍ତି। ଯେଉଁଥିଲାଗି ଏହାକୁ ପୃଥିବୀର ସର୍ବାଧିକ ଗହଳି ବ୍ରିଜ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି।
- ଏହି ବ୍ରିଜ୍‌ର ବିଶେଷତ୍ୱ ହେଉଛି ଏହା ଏକ ୭୦୫ମିଟର ଲମ୍ବ ବିଶିଷ୍ଟ ପୋଲ ହୋଇଥିଲେ ହେଁ ଏଥିରେ ଭାରସାମ୍ୟ ରକ୍ଷା କରିବା ଲାଗି କୌଣସି ଖୁଣ୍ଟ ନିର୍ମାଣ କରାଯାଇନାହିଁ କିମ୍ବା ନଟ୍, ବୋଲ୍ଟ ମଧ୍ୟ ବ୍ୟବହାର ହୋଇ ନାହିଁ।
- ଏହି ଝୁଲା ପୋଲ ନିର୍ମାଣ କରିବା ଲାଗି ୨୬୫୦୦ ଟନ୍ ଷ୍ଟିଲ୍ ବ୍ୟବହାର କରାଯାଇଛି।
- ରେଣ୍ଡେଲ୍, ପାଲ୍‌ମର୍ ଏବଂ ଟ୍ରିଟନ୍ ଏହି ବ୍ରିଜ୍‌ର ଡିଜାଇନ୍ କରିଥିବା ବେଳେ କ୍ଲେଭ୍‌ଲାଣ୍ଡ ବ୍ରିଜ୍ ଆଣ୍ଡ ଇଞ୍ଜିନିୟରିଂ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ କରିଥିଲା।
- ଏହାର ନିର୍ମାଣ କାର୍ଯ୍ୟ ୧୯୩୬ ମସିହାରେ ଆରମ୍ଭ ହୋଇ ୧୯୪୨ରେ ଶେଷ ହୋଇଥିଲା ଏବଂ ୧୯୪୩ ମସିହା ଫେବୃୟାରୀ ୩ ତାରିଖରେ ଉଦ୍‌ଘାଟନ ହୋଇଥିଲା।
- ଯଦିଓ ୧୯୬୫ ମସିହା ଜୁନ୍ ୧୪ରେ ଏହାର ନାମ ପରିବର୍ତ୍ତନ କରି ରବୀନ୍ଦ୍ର ସେତୁ ରଖାଯାଇଥିଲା ହେଲେ ଏହା ହାଓଡ଼ା ବ୍ରିଜ୍ ନାମରେ ହିଁ ଜଣାଶୁଣା।
- କଲିକତା ପୋର୍ଟ ଟ୍ରଷ୍ଟ ପକ୍ଷରୁ ଏହି ବ୍ରିଜ୍‌ରୁ ପକ୍ଷୀମଳ ଏବଂ ଅନ୍ୟାନ୍ୟ ଆବର୍ଜନା ସଫା କରିବା ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ଡିଆର୍‌ଡିଓ ଦ୍ୱାରା ପରୀକ୍ଷଣ ହୋଇଥିବା ସ୍ୱଦେଶୀ ଆଣ୍ଟି ରେଡିଏଶନ୍ ମିସାଇଲ୍‌ର ନାମ............ ?
୨– ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଡେପୁଟି ଗଭର୍ନର............. ?
୩– ବନ୍ୟ ପ୍ରାଣୀ ସପ୍ତାହ.............. ମାସରେ ପାଳନ କରାଯାଏ ?
୪– ଚଳିତବର୍ଷ ନୌସେନା ନିବେଶ ସମାରୋହ........... ସହରରେ ଆୟୋଜିତ ହୋଇଥିଲା ?
୫– ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ.......... ଠାରେ ପ୍ରତିଷ୍ଠା କରାଯାଇଥିଲା ?

## ଗତ ଥରର ଉତ୍ତର

୧ ମାଳଦ୍ୱୀପ
୨ ଟ୍ରାଇବ୍ସ ଇଣ୍ଡିଆ
୩ ଉତ୍ତରପ୍ରଦେଶ
୪ ଗୁଲଜାର୍
୫ ଆନ୍ଧ୍ର ପ୍ରଦେଶ

## ଉତ୍ତରଦାତା



ନମିତା ପ୍ରିୟଦର୍ଶିନୀ,ଆଳି



ପ୍ରଭଞ୍ଜନ ପଲେଇ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଲମ୍ବା ରେଲୱେ ନେଟ୍‌ୱର୍କ

୧– ଆମେରିକା ରେଲ୍ ନେଟ୍‌ୱର୍କ............................ ୨୫୦,୦୦୦ କିମି.
୨– ଚାଇନା.................................................. ୧୦୦, ୦୦୦ କିମି.
୩– ରୁଷିଆ.................................................. ୮୫, ୫୦୦ କିମି.
୪– ଇଣ୍ଡିଆ.................................................. ୬୫, ୦୦୦ କିମି.
୫– କାନାଡ଼ା.................................................. ୪୮,୦୦୦ କିମି.
୬– ଜର୍ମାନୀ .................................................. ୪୧,୦୦୦କିମି.
୭– ଅଷ୍ଟ୍ରେଲିଆ.............................................. ୪୦, ୦୦୦ କିମି.
୮– ଆର୍ଜେଣ୍ଟିନା.............................................. ୩୬, ୦୦୦ କିମି.
୯– ଫ୍ରାନ୍ସ.................................................. ୨୯,୦୦୦ କିମି.
୧୦ – ବ୍ରାଜିଲ୍.............................................. ୨୮, ୦୦୦କିମି.




---

ୟୁ|ଥ୍|ଆ|ଲ|ର୍ଟ

# ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣୁଥିଲେ



**ବର୍ତ୍ତମାନ ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଆମ ସମସ୍ତଙ୍କର ଦୈନନ୍ଦିନ ଜୀବନର ଆବଶ୍ୟକତା ପାଲଟିଗଲାଣି। ଏସବୁ ବିନା କୌଣସି କାର୍ଯ୍ୟ କରିବା ଏକ ପ୍ରକାର ଅସମ୍ଭବ ମନେହେଉଛି। ତେଣୁ ଏସବୁ ବହୁମାତ୍ରାରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ସାମଗ୍ରୀ କିଣିବା ବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ....**

- ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯେତେ ଦାମୀ ହୋଇଥାଉ ନା କାହିଁକି ଏହାର ରିସେଲ ଭ୍ୟାଲୁ ଖୁବ୍ କମ୍ କିମ୍ବା କେତେକର ଆଦୌ ନାହିଁ। ତେଣୁ ଯେଉଁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକ ଆପଣଙ୍କର ନିହାତି ଆବଶ୍ୟକ କିଣନ୍ତୁ। ଯଦି ମାର୍କେଟକୁ କିଛି ନୂଆ ସାମଗ୍ରୀ କଲେକ୍ସନ ଆସୁଛି ତୁରନ୍ତ ନ କିଣି ପ୍ରଥମେ ତାହାର ବ୍ୟବହାର କିପରି ଏବଂ ତାହା ଆପଣଙ୍କର କେତେ କାମରେ ଲାଗିବ ଜାଣିବା ପରେ କିଣନ୍ତୁ।
- ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକରେ ପୂଜାପାର୍ବଣ ସମୟରେ ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ପୁରୁଣା ବଦଳାଇ ନୂଆ ବା ଏକ୍ସଚେଞ୍ଜ, ବିଭିନ୍ନ ପ୍ରକାର ଡିସ୍କାଉଣ୍ଟ ଭଳି ଅନେକ ଅଫର ଆସିଥାଏ। ଏସବୁ ଦେଖି ଖୁସିରେ ଜିନିଷ କିଣିନେବା ବଦଳରେ ନିଜ ବଜେଟ୍ ଅନୁଯାୟୀ ଆବଶ୍ୟକ ଥିବା ସାମଗ୍ରୀ ହିଁ କିଣନ୍ତୁ। ନଚେତ୍ ଠକାମିର ଶିକାର ହୋଇପାରନ୍ତି।
- ଯଦି କୌଣସି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଦୋକାନୀ ୱାରେଣ୍ଟି ଏବଂ ଗ୍ୟାରେଣ୍ଟି କାର୍ଡ଼ ନ ଦେଉଛି ତେବେ ମାଗନ୍ତୁ। କେବଳ ଏତିକି ନୁହେଁ ଏହା ସମ୍ପର୍କରେ ଭଲ ଭାବେ ବୁଝି ନିଅନ୍ତୁ। କାରଣ ଅଧିକାଂଶ କମ୍ପାନୀ ହାର୍ଡୱେର ଉପରେ ୱାରେଣ୍ଟି, ଗ୍ୟାରେଣ୍ଟି ଦେଉଥିବା ବେଳେ ସଫ୍ଟୱେର୍ ଉପରେ ଦେଇ ନ ଥାଏ।
- ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କେବେ ଅନ୍ୟଠୁ କିମ୍ବା ବିଜ୍ଞାପନରୁ ପ୍ରଭାବିତ ହୋଇ କିଣନ୍ତୁ ନାହିଁ। ଅଧିକ ଆପ୍ଲିକେଶନ୍ ବ୍ୟବହାର ନ କରୁଥିଲେ ଏହା ବାବଦରେ ଅଧିକ ଟଙ୍କା ଖର୍ଚ୍ଚ ନ କରି ନିଜର ଆବଶ୍ୟକତା ଅନୁଯାୟୀ ଜିନିଷ ବାଛନ୍ତୁ।
- ପ୍ରତ୍ୟେକ ଦୋକାନରେ ଏବଂ ଅନ୍‌ଲାଇନ୍ ସାଇଟ୍‌ଗୁଡ଼ିକରେ ବିଭିନ୍ନ ବ୍ରାଣ୍ଡକୁ ନେଇ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକର ଦାମ୍ ଭିନ୍ନ ଭିନ୍ନ ଥାଏ, ତେଣୁ କିଣିବା ପୂର୍ବରୁ ମାର୍କେଟ୍ ରିସର୍ଚ୍ଚ କରିପାରିଲେ ଅଧିକ ଉପକୃତ ହୋଇପାରିବେ। ତେବେ ମାର୍କେଟ୍ ରିସର୍ଚ୍ଚ ପାଇଁ ସବୁବେଳେ ବାହାରକୁ ଯାଇ ଶୋ'ରୁମ୍‌ରୁ ଶୋ'ରୁମ୍ ବୁଲିବା ଆବଶ୍ୟକ ତା' ନୁହେଁ, ଆପଣ ଘରେ ବସି ଇଣ୍ଟରନେଟ୍‌ରେ ଲାଟେଷ୍ଟ ମଡ଼େଲ୍, ସେଥିରେ ଉପଲବ୍ଧ ସୁବିଧା, ଉପଯୋଗିତା, ଦାମ୍ ଆଦି ବିଷୟରେ ଜାଣିପାରିବେ।
- ଯଦି ଅନ୍‌ଲାଇନ୍‌ରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମଗାଉଛନ୍ତି ତେବେ ଏଣୁ ତେଣୁ ସାଇଟ୍ ବ୍ୟବହାର ନ କରି ରେଜିଷ୍ଟର୍ଡ ସାଇଟ୍‌ରୁ ମଗାନ୍ତୁ। ଏକ୍ସଚେଞ୍ଜ ଅଫର ଅଛି କି ନାହିଁ ଏବଂ କ୍ୟାଶ୍ ଅନ୍ ଡେଲିଭରୀ ସୁବିଧା ଅଛି କି ନାହିଁ ଚେକ୍ କରି ନିଅନ୍ତୁ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତ୍ପଥୀ


TVS
ବଢ଼ାନ୍ତୁ ହୃଦୟର ମାଇଲେଜ୍
15% ବେଶୀ ମାଇଲେଜ୍*
ଏବେ ETFi ECO THRUST ସହିତ
ICICI Bank Credit & Debit Cards
5% Cashback' on ICICI Bank Debit / Credit Cards & EMI
ଏବେ କିଣନ୍ତୁ, ପରେ ପଇଠ କରନ୍ତୁ#
90%# ଅର୍ଥ ଯୋଗାଣ ଉପଲବ୍ଧ
₹2 222# କମ EMI
₹66 773^ ରୁ ଆରମ୍ଭ
TVS Jupiter
ବେଶୀ ଲାଭ
5 YEAR WARRANTY +
Download TVS Service App
TVS CREDIT
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter | Call: 1800 315 7777
* Under TVSM internal conditions. # Terms & conditions apply.
^ Ex-showroom price. +5 yr. warranty without any additional charges.
FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880. Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913; Dhama, Ph : 7735079641; Birmaharajpur, Ph : 8018860710.
dentsuindia/dhr sam/04/20


MARUTI SUZUKI ARENA
THE NEW 2020
DZIRE
ଚାଲନ୍ତୁ ଏକ ନୂତନ ଦୁନିଆକୁ
DZIRE
BEST IN CLASS MILEAGE^^
MANUAL 23.26# km/l
AUTOMATIC+ 24.12# km/l
ଏଡ୍‌ଭାନ୍ସ କେ ସିରିଜ ପେଟ୍ରୋଲ ଇଞ୍ଜିନ୍
5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ୍ ଲୋନ ଉପଲବ୍ଧ^
• 7.75% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଚୁକତ^ • ₹899 ର କମ ମାସିକ କିସ୍ତି^
ASSURED PRIZES** Scratch & WIN!
• TWO-WHEELER • LED TV • WASHING MACHINE
• MIXER GRINDER & MANY MORE
DZIRE SAVE UP TO ₹40 000*
DZIRE
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
LEGEND CARS
JEYPORE: 7894442901.
BHAWANIPATNA: 7894442907.
ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.
SKY AUTOMOBILES
BERHAMPUR: 7381261000.
ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.
*Offer includes consumer offer, exchange bonus and corporate offer (Wherever Applicable) on Dzire Petrol (all variants). Above mentioned savings amount is the value of maximum savings on selected models. **Any one of the above mentioned assured prizes will be given on purchase of Maruti Suzuki car. **Scratch card scheme is applicable on every retail and customer can win attractive prizes. Customer who books the car/had booked earlier and wants to take delivery/retail invoice done by 31st Oct'2020 will be eligible for this scheme. Terms and conditions apply. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. For more details, please contact your nearest ARENA dealership. ^^As per SIAM. #As certified by Test Agency under Rule 115 of CMVR, 1989. +Auto Gear Shift. Above mentioned mileage is for AMT variant. Maruti Suzuki India Limited reserves the right to discontinue offers without notice. Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used are for illustration purposes only. All offers including Scratch & Win Offer are valid till 31st October 2020.